ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୪୭
୧୩ ଜାନୁଆରୀ, ୨୦୨୬ ମଙ୍ଗଳବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 247
13th January, 2026 Tuesday
Kendrapara

ODISHA EXPRESS — SIGHTS TRUTH WRITES TRUTH — ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

### ନୀତି ବାଣୀ

ସକୃତ୍‌କନ୍ଦୁକ ପାତେନୋତ୍ ପତତ୍ୟଧଃ ପତନ୍ନପି
ତଥା ତ୍ୱନାର୍ଯ୍ୟଃ ପତତି ମୃତ୍‌ପିଣ୍ଡପତନଂ ଯଥା ।

ସାଧୁ ଲୋକର ପତନ ହେଲେ ମଧ ତା'ର ପୁଣି ଅଭ୍ୟୁଦୟ ହୁଏ ଯେପରି କନ୍ଦୁକ ଭୂମିରେ ପତିତ ହେଲେ ଉପରକୁ ଉଠେ, ମାତ୍ର ମାଟିର ପାତ୍ର ଭୂମିରେ ପଡ଼ିଲେ ଭଗ୍ନ ହୁଏ, ସେହିପରି ଅସାଧୁ ଲୋକର ପତନ ହିଁ ତା'ର ବିନାଶର କାରଣ ହୁଏ

# ବଢ଼ିବ ବିଧାନସଭା ଆସନ

**ଭୁବନେଶ୍ୱର,୧୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

୧୪୭ରୁ ୨୦୦ ହୋଇପାରେ ଓଡ଼ିଶା ବିଧାନସଭାର ସିଟ୍ ସଂଖ୍ୟା। ଏନେଇ ସଙ୍କେତ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତେବେ ଓଡ଼ିଶାରେ ନୂଆ ବିଧାନସଭା ଏବଂ ନୂଆ ଲୋକସେବା ଭବନ ନିର୍ମାଣ ହେବାକୁ ଯାଉଛି। ଏହି ନୂଆ ବିଧାନସଭା ତିଆରି ହେଲେ, ସେଥିରେ ୩ ଶହ ସଦସ୍ୟ ବସିବା ଭଳି ଜାଗା ରହିବ। ତେଣୁ ଏହି କଥା ସାମ୍ନାକୁ ଆସିବା ପରେ ଚର୍ଚ୍ଚା ହେଉଥିଲା ଯେ, ବିଧାନସଭାର ସିଟ୍ ସଂଖ୍ୟା ବଢ଼ିପାରେ। ଆଉ ଏବେ ଏହି ସଂଖ୍ୟା ୧୪୭ରୁ ବୃଦ୍ଧି ପାଇ ୨ ଶହ ହେବ ବୋଲି ସଙ୍କେତ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ତାଙ୍କ କହିବା ଅନୁସାରେ, ନୂଆ ବିଧାନସଭା ନିର୍ମାଣ କରାଯାଉଛି। ଦିଲ୍ଲୀର ସେଣ୍ଟ୍ରାଲ ଭିଷ୍ଟା ଢାଞ୍ଚାରେ ହିଁ ନୂଆ ବିଧାନସଭା ଏବଂ ଲୋକସେବା ଭବନ ନିର୍ମାଣ ହେବ। ଏଥିପାଇଁ ୩ ହଜାର ୬୨୩ କୋଟି ଖର୍ଚ୍ଚ କରିବେ ସରକାର। ୭୧.୧୩ ଏକର ଜମିରେ ନିର୍ମାଣ ହେବ ନୂଆ ଲୋକସେବା ଭବନ ଏବଂ ବିଧାନସଭା। ଏନେଇ ମାଷ୍ଟରପ୍ଲାନ ଅନୁମୋଦନ ହୋଇଛି। ନୂଆ ଲୋକସେବା ଭବନରେ ହେବ ଭୂତଳ ପାର୍କିଂ ବ୍ୟବସ୍ଥା କରାଯାଇଛି। ଲୋକସେବା ଭବନ କନଫରେନ୍ସ ହଲରେ ଜାତୀୟ ସଡକ ସୁରକ୍ଷା କାର୍ଯ୍ୟକ୍ରମ ଅବସରରେ ଏହାକୁ ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହାସହିତ ସୀମା ପୁନଃ ନିର୍ଦ୍ଧାରଣ ହେଲେ ଓଡ଼ିଶା ବିଧାନସଭା ସିଟ୍ ସଂଖ୍ୟା ମଧ ବଢ଼ିପାରେ ବୋଲି ସେ ସଙ୍କେତ ଦେଇଛନ୍ତି।




ସୂଚନାଯୋଗ୍ୟ ଯେ, ନିର୍ମାଣ ହେବାକୁ ଯାଉଛି ନୂଆ ବିଧାନସଭା ସହିତ ଲୋକସେବା ଭବନ। ଆଉ ଏହି ନୂଆ ବିଧାନସଭାରେ ବସିପାରିବେ ୩୦୦ରୁ ଅଧିକ ବିଧାୟକ। ଏନେଇ ସୂଚନା ଦେଇଛନ୍ତି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ କହିବା ମୁତାବକ, ନୂଆ ଲୋକସେବା ଭବନ ତିଆରି ହେବାର ଆବଶ୍ୟକତା ରହିଛି। ବିଭାଗର ସଂଖ୍ୟା, କର୍ମଚାରୀ ସଂଖ୍ୟା ବଢ଼ିଲାଣି, ତେଣୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଆଖି ଆଗରେ ରଖି ଏନେଇ କାମ ଆରମ୍ଭ ହୋଇଥିଲା। ଏହିକ୍ରମରେ ରାଜ୍ୟର ନୂଆ ବିଧାନସଭା ଏବଂ ଲୋକସେବା ଭବନ ତିଆରି ହେବ। ଯେଉଁଥିରେ କି ୩ ଶହ ସଦସ୍ୟ ବସିପାରିବେ। ଗୋଟିଏ କ୍ୟାମ୍ପସରେ ହିଁ ଏହି ନୂଆ ଲୋକସେବା ଭବନ ସହିତ ରାଜ୍ୟ ବିଧାନସଭା ରହିବ।

## ପ୍ରଶ୍ନପତ୍ର ଲିକ୍ ରୋକିବ ଏଆଇ କ୍ୟାମେରା

**ଭୁବନେଶ୍ୱର,୧୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଶ୍ନପତ୍ର ଲିକ୍ ରୋକିବ ଏଆଇ କ୍ୟାମେରା ! ପ୍ରଶ୍ନପତ୍ର ଲିକ୍ ରୋକିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବ୍ୟବହାର କରିବ ଏଆଇ କ୍ୟାମେରା। ୨୧୧ ହବ୍‌ର ଏହା ନିଜ ଆଡୁ ଲଗାଇବ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ। କଲେଜ ଇଣ୍ଟେରନେଟ୍ ଉପରେ ନିର୍ଭର କରିବାକୁ ପଡିବ ନାହିଁ। ଏଆଇ କ୍ୟାମେରାରେ ଲଗାଯିବ ୧୨୮ ଜିବି ସିମ୍ କାର୍ଡ। ଏଥିପାଇଁ ଦିଆଯିବ ପାୱାର ବ୍ୟାକଅପ୍। ଆସନ୍ତା ଫେବୃଆରୀ ୯ ସୁଦ୍ଧା ସବୁ ହବ୍‌ରେ ଲଗାଯିବ।

ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଫିସରେ ଖୋଲିଲା କଣ୍ଟ୍ରୋଲ ରୁମ୍। ପ୍ରଥମଥର ପାଇଁ ପ୍ରାକ୍ଟିକାଲ ପରୀକ୍ଷାକୁ ଏହି କଣ୍ଟ୍ରୋଲ ରୁମ୍‌ରୁ ମନିଟର କରାଯାଇଛି। ପୂର୍ବରୁ କେବଳ ଥିଓରୀ ପରୀକ୍ଷାକୁ କଣ୍ଟ୍ରୋଲ ରୁମରୁ ମନିଟର କରାଯାଉଥିଲା। ଏହାଦ୍ୱାରା ପିଲାମାନଙ୍କ ସମେତ ଏକ୍ସଟରନାଲ ମାନଙ୍କ ଗତିବିଧି ଉପରେ ବି ନଜର ରଖାଯାଉଛି। କାରଣ ଏକ୍ସଟରନାଲଙ୍କୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ଆସୁଥିଲା।

## ଜଗତପୁରରେ ବୁଲୁଛି ବାଘ !

**କଟକ,୧୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଜଗତପୁର ଅଂଚଳରେ ବାଘ ଆତଙ୍କ। ଇମାମନଗର ଅଂଚଳରେ କଲରାପତରିଆ ବାଘ ବୁଲୁଥିବା ଦେଖିବାକୁ ମିଳିଛି। ବାଘର ଗତିବିଧି ସିସିଟିଭିରେ କଏଦ ହୋଇଛି। ରବିବାର ରାତି ୧୧ଟା ସମୟରେ ବାଘ ଦେଖିବାକୁ ମିଳିଥିଲା। ବାଘ ବୁଲୁଥିବା ଖବର ପ୍ରଚାର ପରେ ସ୍ଥାନୀୟ ଅଂଚଳରେ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ସୂଚନା ଥାଉକି, ରବିବାର ବିଳମ୍ବିତ ରାତିରେ ହଠାତ କୁକୁରଗୁଡ଼ିକ ଯୋରରେ ଭୁକିବାକୁ ଲାଗିଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଝରକାବାଟେ ରାସ୍ତାରେ ଗୋଟିଏ ବାଘ ବୁଲୁଥିବା ଦେଖିବାକୁ ପାଇଥିଲେ । ଏହି ବାଘଟି କଲରାପତରିଆ ବାଘ ହୋଇଥିବା ଅନୁମାନ କରାଯାଉଛି। ବାଘର ସମସ୍ତ ଗତିବିଧି ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ଜଗତପୁର ଅଂଚଳର ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବନ ବିଭାଗ ପକ୍ଷରୁ ପ୍ରାଣୀଟି ବାଘ ନା ଚିତା ବାଘ ଏ ପର୍ଯ୍ୟନ୍ତ ନିରୂପଣ କରାଯାଇନାହିଁ । ତଥାପି ଅଧିକାରୀମାନେ ପରିସ୍ଥିତିକୁ ଗମ୍ଭୀରତାର ସହ ନେଇଛନ୍ତି। ପ୍ରାଣୀଟିକୁ ଟ୍ରାକ କରିବା ସହ ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ସ୍ଥାନୀୟ ଜଗତପୁର ଇମାମନଗର ଅଂଚଳରେ ବନବିଭାଗ ଟିମ ନିୟୋଜିତ କରାଯାଇଛି ।

## ବୃଦ୍ଧାଙ୍କୁ ବଳାତ୍କାର ପରେ ପଥରରେ ଛେଚି ହତ୍ୟା

**ଉଦଳା,୧୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

ପଡ଼ୋଶୀ ସାଜିଲା ନର ରାକ୍ଷସ। ନିଜ ଯୌନ ଲାଳସା ପୂରଣ କରିବା ପରେ ବୃଦ୍ଧାଙ୍କୁ ପଥରରେ ଛେଚି କରିଲା ହତ୍ୟା। ଏଭଳି ଲୋମ ଟାଙ୍କୁରା ହତ୍ୟାକାଣ୍ଡ ଘଟିଛି ଉଦଳା ଥାନା ଅମ୍ବିକାଦେଇପୁର ମାହାଲୀସାହି ଗ୍ରାମରେ। ମୃତକ ରଇବାରୀ ସିଂ ଏକୁଟିଆ ରହୁଥିବା ବେଳେ ଆଜି ସେ ଘରେ ଥିଲେ, ଅପରାହ୍ନରେ ପଡ଼ୋଶୀ ରଘୁ ହେମ୍ବ୍ରମ ତାଙ୍କ ଘରେ ପଶି ବଳ ପୂର୍ବକ ତାଙ୍କୁ ବଳାତ୍କାର କରିଥିଲା। ବଳାତ୍କାର କରିବା ପରେ ସେ ପଥରରେ ଛେଚି ହତ୍ୟା କରି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଘଟଣା ବାବଦରେ ଜାଣିବା ପରେ ଏ ନେଇ ପୋଲିସକୁ ଖବର ଦେଇଥିଲେ। ଖବରପାଇ ଉଦଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରିଛି। ପୋଲିସ ପ୍ରାଥମିକ ତଦନ୍ତରୁ ବୃଦ୍ଧାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଜାଣିବାକୁ ପାଇଛି। ସେପଟେ ଅଭିଯୁକ୍ତ ରଘୁ ହେମ୍ବ୍ରମକୁ ପୋଲିସ ଗିରଫ କରି ତଦନ୍ତ ଜାରି ରଖିଛି।


## ଡିସେମ୍ବରରେ ରିଟେଲ ମୁଦ୍ରାସ୍ଫୀତି ହାର ୧.୩୩%କୁ ବୃଦ୍ଧି

**ନୂଆଦିଲ୍ଲୀ,୧୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

ମିନିଷ୍ଟ୍ରି ଅଫ ଷ୍ଟାଟିଷ୍ଟିକ୍ସ ଆଣ୍ଡ ପ୍ରୋଗ୍ରାମ ଇମ୍ପ୍ଲିମେନସନ (ଏମଓଏସପିଆଇ)ଙ୍କ ମାସିକ ଡାଟା ଅନୁସାରେ କଞ୍ଜ୍ୟୁମର ପ୍ରାଇସ ଇଣ୍ଡେକ୍ସ (ସିପିଆଇ) ଆଧାରିତ ଭାରତର ହେଡଲାଇନ ରିଟେଲ ମୁଦ୍ରାସ୍ଫିତି ଡିସେମ୍ବରରେ ବଢି ୧.୩୩% ହୋଇଯାଇଛି, ଯାହା ପୂର୍ବରୁ ୦.୭୧% ଥିଲା। ତେବେ ହେଡଲାଇନ ମୁଦ୍ରାସ୍ଫିତି ଏବେବି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ଙ୍କ ୪.୬%ର ନିର୍ଦ୍ଧାରିତ ସୀମାରୁ ତଳେ ରହିଛି।

ଖାଦ୍ୟପେୟ ସାମଗ୍ରୀର ମୂଲ୍ୟ ଯାହା ସିପିଆଇ ବାସ୍କେଟର ପାଖାପାଖି ଅଧା ଡିସେମ୍ବରରେ ବାର୍ଷିକ ହାରରେ ୨.୭୧% ହ୍ରାସ ହୋଇଛି। ଏହା ନଭେମ୍ବରର ୩.୯୧%ର ହ୍ରାସ ଠାରୁ କମ୍ ରହିଛି। ଏଥିରେ ପନିପରିବା ମୂଲ୍ୟ ୧୮.୪୭% ପର୍ଯ୍ୟନ୍ତ ହ୍ରାସ ହୋଇଥିବା ବେଳେ ମାସକ ପୂର୍ବରୁ ଏହା ୨୨.୨୦%ରୁ ଅଧିକ ଥିଲା। ଏହା ଖାଦ୍ୟପେୟ ସାମଗ୍ରୀ ସେଗମେଣ୍ଟରେ ଡିଫ୍ଲେସନ ଅଭାବକୁ ଦର୍ଶାଇଛି। ଇନ୍ଧନ ଓ ବିଦ୍ୟୁତ ମୁଦ୍ରାସ୍ଫିତି ଡିସେମ୍ବରରେ ୧.୯୭%କୁ ପହଞ୍ଚିଥିବା ବେଳେ ନଭେମ୍ବରରେ ଏହା ୨.୩୨% ଥିଲା।

ସରକାର ମୋଟ ମୁଦ୍ରାସ୍ଫିତି ବୃଦ୍ଧିର ମୁଖ୍ୟ କାରଣ ପନିପରିବା, ମାଛ, ମାଂସ, ଅଣ୍ଡା, ମସଲା, ଡାଲି ଓ ପର୍ସନାଲ କେୟାର ସାମଗ୍ରୀର ଅତ୍ୟଧିକ ମୂଲ୍ୟ ବୃଦ୍ଧି ବୋଲି କହିଛନ୍ତି। ଏହି ସମୟରେ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ମୁଦ୍ରାସ୍ଫିତି ଅଧିକ ଥିଲା। ସହରାଞ୍ଚଳରେ ସିପିଆଇ ମୁଦ୍ରାସ୍ଫିତି ନଭେମ୍ବରରେ ୧.୪୦%ରୁ ବଢି ଡିସେମ୍ବରରେ ୨.୦୩% ହୋଇଯାଇଛି। ଏହାର ବିପରୀତ ଗ୍ରାମୀଣ ମୁଦ୍ରାସ୍ଫିତି ମାସକ ପୂର୍ବର ୦.୧୦%ରୁ ବଢି ୦.୭୬% ହୋଇଯାଇଛି। ହାଉସିଂ ମାମଲାରେ ଡିସେମ୍ବରରେ ମୁଦ୍ରାସ୍ଫିତି ହ୍ରାସ ହୋଇ ୨.୮୬% ହୋଇଥିବା ବେଳେ ଶିକ୍ଷା ଓ ସ୍ୱାସ୍ଥ୍ୟରେ ମୁଦ୍ରାସ୍ଫିତି ହ୍ରାସ ହୋଇ ଯଥାକ୍ରମେ ୩.୩୨% ଓ୩.୪୩% ରହିଛି।



ବଡ଼ ରାଜ୍ୟଙ୍କ ମଧ୍ୟରୁ କେରଳରେ ମୁଦ୍ରାସ୍ଫିତି ସର୍ବାଧିକ ୯.୪୯% ରେକର୍ଡ କରାଯାଇଛି। ଏହା ପଛକୁ କର୍ଣ୍ଣାଟକ ୨.୯୯%, ଆନ୍ଧ୍ରପ୍ରଦେଶ ୨.୭୧%, ତାମିଲନାଡୁ ୨.୬୭% ଓ ଜମ୍ମୁ-କାଶ୍ମୀର ୨.୨୬% ରହିଛି।

## କୂଅରୁ ବାହାରୁଛି ପେଟ୍ରୋଲ

**ଛେଣ୍ଡିପଦା,୧୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କୂଅରୁ ପାଣି ବଦଳରେ ପେଟ୍ରୋଲ ବାହାରୁଛି । କଥାଟା ଶୁଣିବାକୁ ଟିକିଏ ଆଶ୍ଚର୍ଯ୍ୟ ଲାଗୁଥାଇପାରେ ହେଲେ ଘଟଣା ପୂରା ସତ। କୂଅରେ ପାଣି କାଢ଼ିଲେ ଆସୁଛି ପେଟ୍ରୋଲ। ଆଉ ଏହି ପେଟ୍ରୋଲ ମିଶା ପାଣିକୁ ନେଇ ଭୟରେ ପରିବାର। ଯେଉଥିପାଇଁ ପରିବାର ଲୋକ ଭୟରେ ଘରେ ରୋଷେଇ କରିବା ବନ୍ଦ କରିଦେଇଛନ୍ତି। ଏପରି ଏକ ଘଟଣା ଘଟିଛି ଅନୁଗୋଳ ଜିଲ୍ଲା ବାଗଡିଆ ଥାନା ଅନ୍ତର୍ଗତ ଧର୍ମଶାଳା ନିକଟରେ।

ସୂଚନା ଅନୁଯାୟୀ, ବାଗଡିଆ ଧର୍ମଶାଳା ନିକଟରେ ରହୁଥିବା ପ୍ରଫୁଲ ସ୍ୱାଇଁଙ୍କ କୂଅରୁ ପାଣି ଦୁଇଦିନ ତଳେ ବ୍ୟବହାର କଲା ବେଳେ ପ୍ରଥମେ ପେଟ୍ରୋଲ ବାସ୍ନା ହୋଇଥିଲା। ଆଜି ଅଧିକ ବାସ୍ନା ହେବାରୁ କୂଅରୁ ପାଣି କାଢିଲା ପରେ କୂଅ ପାଣିରେ ପେଟ୍ରୋଲ ମିଶି ଥିବା ଜାଣିବାକୁ ପାଇଥିଲେ। ଏହି କୂଅ ଉପରେ ପରିବାର ଲୋକ ରୋଷେଇ ଠାରୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରିଥାନ୍ତି। ଏବେ କୂଅରୁ ପେଟ୍ରୋଲ ବାହାରୁ ଥିବାରୁ କୂଅ ପାଣି ବ୍ୟବହାର ହୋଇପାରୁନଥିବା ଯୋଗୁଁ ହୋଟେଲରୁ ଖାଇବା ଆଣି ଖାଉଛନ୍ତି।

ତେବେ ଘରକୁ ଲାଗି ଏକ ଇଣ୍ଡିଆନ ଅଏଲର ପେଟ୍ରୋଲ ପମ୍ପ ଅଛି। ସେଠାର ଟାଙ୍କିରୁ ପେଟ୍ରୋଲ ଲିକ୍ ହୋଇ କୂଅକୁ ଆସୁଥିବା ପରିବାର ଲୋକ ସନ୍ଦେହ କରିଛନ୍ତି। ପେଟ୍ରୋଲ ଟ୍ୟାଙ୍କକୁ ତୁରନ୍ତ ଯାଞ୍ଚ କାରି ପରିବାର ଲୋକଙ୍କୁ ସୁରକ୍ଷା ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଟାଟା ପାୱାର ଠକେଇ ପାଇଁ କିଛି କାର୍ଯ୍ୟାନୁଷ୍ଠାନ ନାହିଁ

## ଶକ୍ତି ବିଭାଗ କରୁଛି କ'ଣ ?

**ଭୁବନେଶ୍ୱର,୧୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ବିଜୁଳି ଉପଭୋକ୍ତାଙ୍କୁ ଶୋଷଣ କରିଚାଲିଛି ଟାଟା ପାୱାର। ସାମ୍ବାଦିକ ସମ୍ମିଳନୀ କରି ଏଭଳି ଅଭିଯୋଗ ଆଣିଛି ବିଦ୍ୟୁତ ଉପଭୋକ୍ତା ମହାସଂଘ। ଅଡିସନାଲ ସିକ୍ୟୁରିଟି ଡିପୋଜିଟ୍ ପାଇଁ ନୋଟିସ, ଘରେ ଘରେ ସ୍ମାର୍ଟ ମିଟର ଜୋର ଜବରଦସ୍ତି ବସେଇ ଚାଲିଛି ଓ ଗରିବ ଲୋକଙ୍କଠୁ ସରକାରୀ ମିଟରରୁ ୩ଶହ କୋଟି ଟଙ୍କା ବେଆଇନ ଆଦାୟ କରୁଛି ଟାଟା ପାୱାର। କେବଳ ସୌଭାଗ୍ୟ ଓ ଆଇପିଡିଏସ ଯୋଜନାରେ ୨୦୨୦ ମସିହାରୁ ଟାଟା ପାୱାର ଚାରୋଟି ଯାକ ବିଦ୍ୟୁତ ବିତରଣ କମ୍ପାନୀ ବେଆଇନ ଭାବେ ଆଦାୟ କରି ଚାଲୁଛି। ଏ ସଂକ୍ରାନ୍ତରେ ଉପଭୋକ୍ତ ମହାସଂଘ ବାରମ୍ବାର ଓଇଆରସିଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ କୌଣସି ଫଳ ମିଳିଲାନି।

ଟିପିସିଓଡିଏଲ୍ ଯେଉଁ ତଥ୍ୟ ପ୍ରଦାନ କରିଛି ସେଥିରେ ସ୍ୱୀକାର କରିଛି ଯେ, ଏପ୍ରିଲ ୨୦୨୪ ଠାରୁ ସେମାନେ ଆଉ ମିଟର ରେଟିଂ ଆଦାୟ କରିନାହାନ୍ତି। ମାର୍ଚ୍ଚ ୨୦୧୪ ସୁଦ୍ଧା ୧୮ କୋଟି ୬୮ ଲକ୍ଷ ଟଙ୍କା ଆଦାୟ କରିଛନ୍ତି ବୋଲି ସ୍ୱୀକାର କରିଛନ୍ତି। ଆଇପିଡିଏସ ମିଟରରୁ ୨୦୦୧୯୫ ଉପଭୋକ୍ତାଙ୍କଠୁ ୧୧ କୋଟି ୫୫ ଲକ୍ଷ, ସୌଭାଗ୍ୟ ଯୋଜନାର ୧୭୫୧୮୮ କଞ୍ଜ୍ୟୁମରଠୁ ୭ କୋଟି ୧୩ ଲକ୍ଷ ଟଙ୍କା ମିଟର ରେଟିଂ ବାବଦରେ ଆଦାୟ କରିଛନ୍ତି। କେବଳ ଟିପିସିଓଡିଏଲରେ ଯଦି ଏତିକି ଆଦାୟ କରିଛନ୍ତି *(ଶେଷ ପୃଷ୍ଠା ଦେଖନ୍ତୁ)*

## ଜଳ ଉତ୍ସଗୁଡ଼ିକର ସୁରକ୍ଷା ଓ ବିକାଶକୁ ଅଣଦେଖା

**କେନ୍ଦ୍ରାପଡ଼ା,୧୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପାରମ୍ପାରିକ ଜଳ ଉତ୍ସ ଗୁଡ଼ିକୁ ସୁରକ୍ଷିତ ରଖିବା ଓ ଏହାର ବିକାଶ କରିବା ଦିଗରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଫଳରେ ଜଳ ଉତ୍ସ ଜିଲ୍ଲାରେ ହ୍ରାସ ପାଉଛି । ଏଥି ସହିତ ଯାହା ଜଳ ଉତ୍ସ ରହିଛି ତାହା ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି । ସାଧାରଣ ଲୋକଙ୍କ ପାଇଁ ନଦୀ ନାଳ, ଗଡ଼ିଆ ପୋଖରୀ ଆଦିର ଜଳ ଆଉ ବ୍ୟବହାର ଉପଯୋଗୀ ହେଉନାହିଁ । ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ନିକଟରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପକ୍ଷରୁ ଏପରି ରିପୋର୍ଟ ପ୍ରକାଶ କରିଛି । ଏଥିରେ କେନ୍ଦ୍ରାପଡା ଜିଲ୍ଲା ବି ରହିଛି । ଜିଲ୍ଲାରେ ପ୍ରବାହିତ ମହାନଦୀ ଓ ବାହ୍ମଣୀ ଓ ସିଷ୍ଟମରେ ଥିବା ସମସ୍ତ ନଦୀ ନାଳ ବିଭିନ୍ନ କାରଣରୁ ପ୍ରଦ୍ୟୁଷିତ ହେଉଛି ।

ଅନ୍ୟପକ୍ଷରେ ଜଳ ଶୁଷ୍କତା ଜିଲ୍ଲା ପାଇଁ ଚିନ୍ତାର ବିଷୟ ହୋଇଛି । ଜିଲ୍ଲାରେ ଗାଡ଼ିଆ ପୋଖରୀ, ଯୋର ଆଦି ପାରମ୍ପାରିକ ଜଳାଶୟ କମିବାରେ ଲାଗିଛି । ଜିଲ୍ଲାର ଗରଦପୁର ବ୍ଲକ ଅଂଚଳରେ ଭୂଗର୍ଭ ଜଳ ଦ୍ରୁତ ଗତିରେ ହ୍ରାସ ପାଇଥିବା ନେଇ ରାଜ୍ୟ ଭୂତଳ ଜଳ ବିଶେଷଜ୍ଞ ସୂଚନା ଦେଇଥିବା ବେଳେ ତଟବର୍ତ୍ତୀ ମହାକାଳପଡ଼ା, ରାଜନଗର ଓ ରାଜକନିକା ବ୍ଲକ୍‌ରେ ଭୂତଳ ଜଳ ସ୍ତର ସମୁଦ୍ରର ଲୁଣା ପାଣି ଦ୍ୱାରା ପ୍ରଭାବିତ ହେଉଛି । ଗରଦପୁର, ମାର୍ଶାଘାଇ ଓ ମହାକାଳପଡ଼ା ବ୍ଲକ୍ ଅଂଚଳରେ ଥିବା ୬୩କିମି ଦୀର୍ଘ ଅଶ୍ରୁଖୋଳା ଯୋର ଭଳି ଆଦ୍ର ଭୂମିକୁ ଅଣଦେଖା କରାଯିବା ସଂପୃକ୍ତ ଅଂଚଳ ପ୍ରତି ବଡ଼ ଆହ୍ୱାନ ସୃଷ୍ଟି କରିଛି । ସେଥିପାଇଁ କେନ୍ଦ୍ରାପଡ଼ାକୁ ଓଡିଶାର ଏକମାତ୍ର ଜଳ ସଙ୍କଟ ଜିଲା ଭାବେ କେନ୍ଦ୍ର ସରକାର ଚିହ୍ନଟ କରି ଗତ ୨୦୧୯ରୁ ଜଳ ଶକ୍ତି ଅଭିଯାନରେ ସାମିଲ କରିଛନ୍ତି । ହେଲେ ଏହି ଅଭିଯାନ କାଗଜପତ୍ରରେ ସୀମିତ ରହିଛି । ଜଳ ଉତ୍ସର ସଂରକ୍ଷଣ ପ୍ରଦୂଷଣ ରୋକିବା ପାଇଁ ରାଜ୍ୟ ସରକାର ପକ୍ଷରୁ ଯୋଜନା ହୋଇଥିଲେ ମଧ୍ୟ କାର୍ଯ୍ୟକାରୀ ହେଉ ନଥିବା ନେଇ ଜିଲ୍ଲା ଜନ ସୁରକ୍ଷା ମଂଚ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି । ମଂଚ ପକ୍ଷରୁ କୁହାଯାଇଛି ଯେ, ଜଳ ହିଁ ଜୀବନ । ଏହାର ସଂରକ୍ଷଣ ସାଙ୍ଗକୁ ପ୍ରଦୂଷଣକୁ ରୋକାଯିବା ଆବଶ୍ୟକ । ଜନ ସଂଖ୍ୟା ବୃଦ୍ଧି ଓ ତତ୍ ଜନିତ ବିକାଶ ପାଇଁ ପାରମ୍ପାରିକ ଜଳ ଉତ୍ସ ବିଲୁପ୍ତ ହେଉଛି ।

ପୂର୍ବରୁ ଥିବା ଗାଡ଼ିଆ, ପୋଖରୀ, ଯୋର, ପାଟନାଳୀ, ମାହାରା ଆଦି ପାରମ୍ପାରିକ ଜଳ ଉତ୍ସକୁ ପୋତା ଯାଇ ସେଥିରେ ଗୃହ ନିର୍ମାଣ ହେଉଛି । ଗତ କିଛି ବର୍ଷ ତଳେ ଜିଲ୍ଲାରେ ବହୁ ଗୋଚର ଜମି ସହିତ ଜଳାଶୟକୁ ଜିଲ୍ଲା ପ୍ରଶାସନର ପ୍ରୋତ୍ସାହନରେ ଖୁଲମଖୁଲା ପୋତାଯାଇ ପାର୍କ, ଖେଳ ପଡ଼ିଆ ଆଦି ନିର୍ମାଣ କରାଗଲା । ପୂର୍ବରୁ କେନ୍ଦ୍ରାପଡ଼ା ସହରରେ ଥିବା *(ଶେଷ ପୃଷ୍ଠା ଦେଖନ୍ତୁ)*

## ଜଗଦୀପ ଧନଖଡ ଏମ୍ସରେ ଭର୍ତ୍ତି

**ନୂଆଦିଲ୍ଲୀ,୧୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡଙ୍କ ସୋମବାର ସ୍ୱାସ୍ଥ୍ୟ ବିଗିଡିଛି। ଚିକିତ୍ସା ପାଇଁ ତାଙ୍କୁ ନୂଆଦିଲ୍ଲୀ ସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥା(ଏମ୍ସ)ରେ ଭର୍ତ୍ତି କରାଯାଇଛି। ଗତ ଦୁଇ ସପ୍ତାହରେ ଖନଖଡ ଦୁଇଥର ବେହୋସ ହୋଇ ଯାଇଥିଲେ। ଯାହା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ତୁରନ୍ତ ଏମ୍ସରେ ଭର୍ତ୍ତି କରାଯାଇ ଏମଆରଆଇ ସହ ଅନ୍ୟ ଯାଞ୍ଚ କରାଯାଉଛି।

ଜାନୁଆରୀ ୧୦ରେ ଧନଖଡ ୱାଶରୁମ ଯିବା ସମୟରେ ଦୁଇ ଥର ଅଚେତ ହୋଇ ପଡିଥିଲେ। ଏହାପରେ ସୋମବାର ସେ ନିୟମିତ ଯାଞ୍ଚ ପାଇଁ ଏମ୍ସରେ ପହଞ୍ଚିଥିଲେ, ମାତ୍ର ଡାକ୍ତର ସ୍ଥିତିକୁ ଦେଖି ତତ୍କାଳ ଭର୍ତ୍ତି କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ଥର ଧନଖଡଙ୍କୁ ସାର୍ବଜନୀନ ମଞ୍ଚରେ ଏମିତି ସମସ୍ୟାର ସମ୍ମୁଖୀନ ହେବାକୁ ପଡିନି। ଏହା ପୂର୍ବରୁ ସେ କଚ୍ଛର ରଣ, ଉତ୍ତରାଖଣ୍ଡ, କେରଳ ଓ ଦିଲ୍ଲୀରେ ଅନେକ ସମୟରେ ସାର୍ବଜନୀନ କାର୍ଯ୍ୟକ୍ରମରେ ଅସୁସ୍ଥ ହୋଇ ଅଚେତ ହୋଇ ପଡିଥିଲେ।

ସୂଚନାଯୋଗ୍ୟ, ଜଗଦୀପ ଧନଖଡ ଗତ ବର୍ଷ ଜୁଲାଇ ୨୧ରେ ନିଜର ଖରାପ ସ୍ୱାସ୍ଥ୍ୟବସ୍ଥା କାରଣ ଦର୍ଶାଇ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। ସେ ନିଜର ଇସ୍ତଫା ପତ୍ରରେ ସ୍ପଷ୍ଟ କରିଥିଲେ ଯେ, ଏବେ ତାଙ୍କର ପ୍ରାଥମିକତା ନିଜର ସ୍ୱାସ୍ଥ୍ୟ। ଡାକ୍ତରଙ୍କ ପରାମର୍ଶକ୍ରମେ ସେ ନିଜର ସ୍ୱାସ୍ଥ୍ୟ ପାଇଁ ତତ୍କାଳ ପ୍ରଭାବରୁ ଉପରାଷ୍ଟ୍ରପତି ପଦରୁ ଅବ୍ୟାହତି ନେଉଛନ୍ତି। ଏହା ସହିତ ସେ ପ୍ରଧାନମନ୍ତ୍ରୀ, ମନ୍ତ୍ରିପରିଷଦ ଓ ସାଂସଦଙ୍କୁ ଧନ୍ୟବାଦ ଜଣାଇଥିଲେ ଧନଖଡ।



## ବାୟୁ ପ୍ରଦୂଷଣ: ଝାଡୁମରା ସଫେଇ ଅନ୍ୟତମ କାରଣ

**ଭୁବନେଶ୍ୱର,୧୨।୧: ତଥ୍ୟ**

ରାଜଧାନୀରେ ବାୟୁ ପ୍ରଦୂଷଣକୁ ରୋକିବାପାଇଁ କର୍ତ୍ତୃପକ୍ଷ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବାବେଳେ ସହର ସଫେଇରୁ ଉଡୁଥିବା ଧୂଳିକଣା ଏବେ ବାୟୁ ପ୍ରଦୂଷଣର ଅନ୍ୟତମ କାରଣ ହୋଇଛି । ସହରର ପ୍ରମୁଖ ରାସ୍ତାଠାରୁ ଆରମ୍ଭ କରି ଗଳି କନ୍ଦି ପର୍ଯ୍ୟନ୍ତ ରାତି ପାହିଲେ ଝାଡୁମରା ହେଉଥିବାରୁ ଏହା ପରିବେଶକୁ ଅଧିକ ବିଗାଡିବାରେ ଲାଗିଛି ।

ସହରର କେତେକ ପ୍ରମୁଖ ରାସ୍ତାରେ ବିଏମ୍‌ସି ପକ୍ଷରୁ ଯାନ୍ତ୍ରିକ ସଫେଇ ହେଉଥିବାବେଳେ ଅନ୍ୟ ସମସ୍ତ ସ୍ଥାନରେ ସଫେଇ କର୍ମଚାରୀମାନେ ଝାଡୁ ମାରି ରାସ୍ତାଘାଟ ସଫା କରୁଛନ୍ତି । ରାତି ପାହିଲେ ଏମାନେ ହାତରେ ଝାଡୁଧରି ରାସ୍ତା ସଫା କରିବା ସମୟରେ ବ୍ୟାପକ ଧୂଳି ଉଡୁଛି । ଯଦିଓ କେତେକ ସ୍ଥାନରେ ରାତିବେଳା ଝାଡୁ ମରାଯାଉଛି ତାହା କିନ୍ତୁ କିଛି ହାଟ ବଜାରରେ ସୀମିତ ରହୁଛି ।

ଶୀତ ଦିନେ ରାସ୍ତାରେ ଝାଡୁ ମରାଯିବା ସମୟରେ ସମ୍ପୃକ୍ତ ଅଞ୍ଚଳ ଧୂଳିମୟ ହୋଇ ଯାଉଛି । ଏପରିକି ସେହି ରାସ୍ତା ଦେଇ ଲୋକେ ଯିବାକୁ ଭୟ କରୁଛନ୍ତି । ଏହାଛଡା ସକାଳୁ ଗହଳି ହେଉଥିବା ବ୍ୟବସାୟ ପ୍ରତିଷ୍ଠାନ, ମଲ୍ ଆଦି ସମ୍ମୁଖରେ ଝାଡୁ ମରାଯିବା ଫଳରେ ସେହିସବୁ ଅଞ୍ଚଳରେ କେବଳ ଲୋକେ ଧୂଳିମୟ ହେଉନାହାନ୍ତି ଗଛର ପତ୍ରସବୁ ମଧ ଧୂଳିରେ ନିଜର ସବୁଜିମା ହରାଇଲେଣି ।

ଯେଉଁସବୁ ସ୍ଥାନରେ ସମ୍ଭବ ସେଠାରେ ଝାଡୁ ମାରିବା ପୂର୍ବରୁ ଯଦି ଜଳ ସିଞ୍ଚନ କରାଯାଇ ପାରନ୍ତା ତେବେ ଏଭଳି ଅବସ୍ଥା ସୃଷ୍ଟି ହୁଅନ୍ତା ନାହିଁ । ଏଥିରେ ବ୍ୟବସାୟିକ ପ୍ରତିଷ୍ଠାନ, ମଲ୍‌ଗୁଡିକ ସାମିଲ କରି ସେମାନଙ୍କ ଦ୍ୱାରା ଜଳ ସିଞ୍ଚନ କରାଯାଇ ପାରିଲେ ସହରର ବାୟୁ ପ୍ରଦଷଣକୁ କିଛି ମାତ୍ରାରେ ରୋକାଯାଇ ପାରନ୍ତା ବୋଲି ମତପ୍ରକାଶ ପାଉଛି ।

ସେହିଭଳି ଶୀତଦିନ ହୋଇଥିବାରୁ ଓ ଚଳିତବର୍ଷ ରାଜଧାନୀରେ ଶୀତର ପ୍ରକୋପ ରେକର୍ଡ ଅତିକ୍ରମ କରିଥିବାରୁ ଲୋକେ ରାସ୍ତାଘାଟ, ଗଳିକନ୍ଦିରେ ପଡିଥିବା ଅଳିଆରେ ନିଆଁ ଲଗାଇ ସେଠାରେ ନିଆଁ ପୁଇଁବାରେ ଲାଗୁଛନ୍ତି । ଏମାନଙ୍କୁ ସଚେତନ କରିବା ସହିତ ଶୁଖିଲା ପତ୍ର, କାଠି ଆଦିକୁ ଉଠାଇ ନିଆଗଲେ ବାୟୁ ପ୍ରଦୂଷଣକୁ କିଛି ମାତ୍ରାରେ ରୋକାଯାଇ ପାରନ୍ତା । ସେହିଭଳି ସହରର ଯେଉଁସବୁ ସ୍ଥାନରେ ରାସ୍ତାଉପରେ ନିର୍ମାଣ କାର୍ଯ୍ୟ ଜାରି ରହିଛି ସେଠାରେ ଦିନରେ ଅତି କମ୍‌ରେ ଦୁଇ ତିନିଥର ଜଳ ସିଞ୍ଚନ କରାଗଲେ ବାୟୁ ମଣ୍ଡଳରେ ଧୂଳିକଣା ମିଶିବାକୁ ରୋକାଯାଇ ପାରନ୍ତା ବୋଲି ମତପ୍ରକାଶ ପାଉଛି ।



ଅନ୍ୟ ପକ୍ଷରେ ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ବାୟୁ ପ୍ରଦୂଷଣରେ ସର୍ବାଧିକ କ୍ଷତିଗ୍ରସ୍ତ ହେଉଥିବାରୁ ସେମାନଙ୍କୁ ନିୟୋଜିତ କରୁଥିବା ସଂସ୍ଥାମାନେ ମାସ୍କ ଯୋଗାଇ ଦେବାକୁ ଦାବି ହେଉଛି । ଠିକା ସଂସ୍ଥାମାନେ ଏ ଦିଗରେ ଦୃଷ୍ଟି ନଦେଲେ ବହୁ ସଫେଇ କର୍ମଚାରୀ ବାୟୁ ପ୍ରଦୂଷଣରେ ଖୁବ୍‌ଶୀଘ୍ର ଆକ୍ରାନ୍ତ ହୋଇଯିବେ ବୋଲି ମତ ଦେଉଛନ୍ତି ।

ସହରରେ ଏବେ ବାୟୁ ପ୍ରଦୂଷଣର ଅନ୍ୟତମ କାରଣ ଗାଡିମୋଟର ଧୂଆଁ ହୋଇଥିବାବେଳେ ସରକାର ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ କଡାକଡି କରିଛନ୍ତି । ଏହା ସତ୍ତ୍ୱେ ବି କିଛି ଯାନ ବାହାନ ରାସ୍ତାରେ କଳାଧୂଆଁ ଛାଡି ଯା' ଆସ କରୁଥିବାରୁ ସେମାନଙ୍କୁ ଧରିବାପାଇଁ ସହରର ବିଭିନ୍ନ ସ୍ଥାନରେ ମୋବଇଲ୍ ଯାଞ୍ଚ କରାଯିବା ସପକ୍ଷରେ ସାଧାରଣ ଲୋକେ ମତପ୍ରକାଶ କରୁଛନ୍ତି । କାରଣ ପ୍ରଦୂଷଣ ଯାଞ୍ଚ କେନ୍ଦ୍ରରେ ପ୍ରାୟତଃ ସବୁ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୩ ଜାନୁଆରୀ ୨୦୨୬ । ମଙ୍ଗଳବାର




## ଚୋରି ଘଟଣାରେ ୫ ଅଟକ

**ଧର୍ମଶାଳା: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଜାମୁବଣିଆଁ ଅଞ୍ଚଳର ବାବନ ଗେଡୀଙ୍କ ଘରେ ଗତ ୨ ତାରିଖ ରାତିରେ ଦୁର୍ବୃତ୍ତମାନେ ପଶି ଅଳଙ୍କାର ଚୋରି କରିନେଇଥିଲେ। ଏନେ ଘର ମାଲିକ ବାବନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୪/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚ଼ଳାଇଥିଲା। ସେହିପରି ଜାରକା ନିକଟସ୍ଥ କୁମାରୀ ପ୍ରକଳ୍ପ ବିଦ୍ୟାଳୟରେ ଗତ ୩ ତରିଖ ରାତିରେ ଦୁର୍ବୃତ୍ତମାନେ ପଶି ସ୍କୁଲ ଆଲମିରା ଭାଙ୍ଗି ୪ଟି ଟାବଲେଟ ଚୋରି କରିନେଇଥିଲେ। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ରଥ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୫/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚ଼ଳାଇଥିଲା। ତେବେ ଉଭୟ ଚୋରି ଘଟଣାରେ ସଂମୃକ୍ତ ସ୍ଥାନୀୟ ଅଞ୍ଚଳର ୫ଜଣ ନାବାଳକଙ୍କୁ ପୋଲିସ ଥାନାକୁ ଉଠାଇ ନେଇଥିବା ବେଳେ ସେମାନଙ୍କ ନିକଟରୁ ଚୋରି ହୋଇଥିବା ୪ଟି ଟାବଲେଟ ଜବତ କରିଛି। ତେବେ ଏହି ୫ ଜଣ ଉଭୟ ସ୍ଥାନରେ ଚୋରି କରିଥିବା ସ୍ୱିକାର କରିଥିବା ବେଳେ ସେମାନେ ଆଉ କିଛି ଚୋରି ସାମଗ୍ରୀ ପାଖରେ ରଖିଥିବା ସନ୍ଦେହରେ ପୋଲିସ ପଚ଼ରାଉଚ଼ରା କରୁଛି। ପୋଲିସ ଧରିଥିବା ୫ ଜଣ ଅଭିଯୁକ୍ତ ନାବାଳ ହୋଇଥିବାରୁ ସେମାନଙ୍କ ନାମ ପ୍ରକାଶ କରିନାହିଁ। ଉଭୟ ଚୋରିରେ ସମ୍ପୃକ୍ତ ଏହି ୫ଜଣ ଅଭିଯୁକ୍ତଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯିବ ବୋଲି ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚ଼ନା ଦେଇଛନ୍ତି ।

## ମକରବୁଡ ପକାଇବେ ମୁଖ୍ୟମନ୍ତ୍ରୀ

**କେନ୍ଦୁଝର: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାର ପ୍ରମୁଖ ଲୋକପର୍ବ ମକରସଂକ୍ରାନ୍ତି ପାଳନ ପାଇଁ ଉଭୟ ଜିଲ୍ଲା ବେଶ୍ ଚଳଚଞ୍ଚଳ ହୋଇଉଠିଛି । ମକରସଂକ୍ରାନ୍ତି ଦିନ ସୂର୍ଯ୍ୟୋଦୟ ପୂର୍ବରୁ ପରିବାର ସମସ୍ତ ସଦସ୍ୟ ନିକଟସ୍ଥ ନଦୀ ଓ ପୋଖରୀରେ 'ମକର ବୁଡ' ଦେଲେ ପୁଣ୍ୟ ଅର୍ଜନ ମିଳିଥାଏ ବୋଲି ଲୋକକଥା ରହିଛି। ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ଦାୟିତ୍ୱଗ୍ରହଣ ପରେ ଗତବର୍ଷ ପାଟଣାସ୍ଥିତ ବୈତରଣୀ ନଦୀରେ ମକରବୁଡ ପକାଇ ରାଜ୍ୟବାସୀଙ୍କ ମଙ୍ଗଳ କାମନା କରିଥିବା ବେଳେ ଚଳିତବର୍ଷ ମଧ ମୁଖ୍ୟମନ୍ତ୍ରୀଙ୍କ ମକରବୁଡ ପାଇଁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମଙ୍ଗଳବାର ଠାରୁ ୩ଦିନିଆ କେନ୍ଦୁଝର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବୁଧବାର ମକରସଂକ୍ରାନ୍ତି ଦିନ ରାଜନଗରସ୍ଥିତ ବୈତରଣୀ ନଦୀରେ 'ମକରବୁଡ' ପକାଇବା ପାଇଁ ପ୍ରଶାସନିକସ୍ତରରେ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି ।

## ମିଲର୍ସଙ୍କ ଆନ୍ଦୋଳନ ଶେଷ: ତଥାପି ମଣ୍ଡିରୁ ଉଠୁନି ଧାନ

**ରେଢ଼ାଖୋଲ: ଏକ୍ସପ୍ରେସ ନ୍ୟୁଜ୍**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡର ବହୁ ମଣ୍ଡିରେ ଏବେ ବି ପଡ଼ି ରହିଛି ଶହ ଶହ ଚ଼ାଷୀଙ୍କ ଧାନ ବସ୍ତା,- ୪ କେଜି ଧାନ କଟନିଛଟନି ପରେ କଦଳୀଗଡ ମଣ୍ଡିରୁ ଧାନ ଉଠିବା ଆରମ୍ଭ ହୋଇଛି। ସାରା ରାଜ୍ୟରେ ମିଲର୍ସଙ୍କ ଆନ୍ଦୋଳନ ହଟିବା ପରେ ଶୁକ୍ରବାର ମଣ୍ଡି ଗୁଡିକରେ ଧାନ ସଂଗ୍ରହ ପ୍ରକ୍ରିୟା ସ୍ୱାଭାବିକ ହେବ ବୋଲି ଘୋଷଣା କରାଗଲା। ଫଳରେ କିଛି କିଛି ମଣ୍ଡିରେ ଧାନ କିଣା ପୁନର୍ବାର ଆରମ୍ଭ ହୋଇ ଯାଇଥିବାକୁହାଯାଉଥିଲେ ମଧ୍ୟ ରେଢ଼ାଖୋଲ ଉପଖଣ୍ଡ ଅନେକ ମଣ୍ଡିରେ ଚ଼ାଷୀଙ୍କ ଭାଗ୍ୟକୁ ଧାନ କିଣା ସ୍ୱାଭାବିକ ହେବା ନା ଧରୁ ନାହିଁ। ଦିନକୁ ଦିନ ମଣ୍ଡିରେ ଚ଼ାଷୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ତା'ସହ ଧାନ ଅଧିକରୁ ଅଧିକ ଗଛିତ ହେବାରେ ଲାଗିଛି। ବର୍ତ୍ତମାନ ଉପଖଣ୍ଡ ବିଭିନ୍ନ ମଣ୍ଡିରେ ଶହ ଶହ ବସ୍ତା ଧାନ ଖୋଲା ଆକାଶ ତଳେ ଜରିପାଲ ଭରଷାର ପଡିରହିଛି। ମଣ୍ଡିରେ ଦିନ ରାତି ଚ଼ାଷୀମାନେ ପାଳି କରି ଜଗି ରହୁଛନ୍ତି। ଅଧିକାଂଶ ମଣ୍ଡି ଚ଼ତୁପାର୍ଶ୍ୱ ଘଞ୍ଚ ଜଙ୍ଗଲ ଓ ପାଚେରୀ ବିହୀନ ମଣ୍ଡି ପରିସର ଚ଼ାଷୀଙ୍କ ଧାନ ବସ୍ତାରେ ପୁରି ଉଠିଛି। ସେପଟେ ଆଖପାଖ ଗାଁ ଗୁଡିକରେ ବଣୁଆ ହାତୀପଲଙ୍କ ଉପଦ୍ରବ



ଲାଗି ରହିଛି। କେତେବେଳେ ମଣ୍ଡିରେ ଉପଦ୍ରବ ହେବ ତାହା କିଏ କହିବ। ସେପଟେ ଧାନର କଟନି ଛଟନିକୁ ନେଇ ସମିତି, ମିଲର୍ସଙ୍କ ଏଜେଣ୍ଟ ଓ ଚ଼ାଷୀଙ୍କ ମଧ୍ୟରେ ଚ଼ର୍ଚ୍ଚା ଆଲୋଚ଼ନା ଜାରି ରହି ଥିବା ବେଳେ ତାହା ସ୍ପଷ୍ଟ ଭାବରେ ଛିଣ୍ଣୁ ନାହିଁ କି ସମାଧାନ ହେଉ ନାହିଁ। ଏଭଳି ସ୍ଥିତିରେ ଶନିବାର କଦଳୀଗଡ ମଣ୍ଡିରେ ମିଲର୍ସ ଏଜେଣ୍ଟ ମିଶି ଚ଼ାଷୀଙ୍କ ସହ ଆଲୋଚ଼ନା କରି ୪ କେଜି ଧାନ କଟନିଛଟନି କରିବା ନିଷ୍ପତ୍ତି ପରେ ଧାନ ଉଠୁ ଥିବା ଚ଼ାଷୀମାନେ କହିଛନ୍ତି। ଏବେବି ଅଧିକାଂଶ ମଣ୍ଡିରେ ଶହ ଶହ ବସ୍ତା ଧାନ ବସ୍ତା ପଡ଼ି ରହିଥିବା ଦେଖିବାକୁ ମିଳିଛି। ହେଲେ ଏବେ ଫୋନ ଜରିଆରେ ଏଜେଣ୍ଟମାନେ କିଛି ଚ଼ାଷୀଙ୍କୁ କଟନିଛଟନିକୁ ନେଇ ଉସୁକାଉ ଥିବା ଅଭିଯୋଗ ହେଉଛି। ହେଲେ କୌଣସି ନିଷ୍କର୍ଷ ବାହାରି ପାରୁ ନାହିଁ। ମଣ୍ଡିରେ ଧାନ ରଖିଥିବା କିଛି ଚ଼ାଷୀଙ୍କ ଟୋକନର ନିର୍ଦ୍ଧାରିତ ଅବଧି ଶେଷ ହେବା ପରେ ଆହୁରି ୧୫ ଦିନ ଅଧିକ ବୃଦ୍ଧି କରାଯାଇ ଥିଲା। ଆଉ ଦିନ କେଇଟାରେ ତାହା ମଧ୍ୟ ସରିଯିବାକୁ ବସିଛି। ଏହାରି ଭିତରେ ଧାନ ନ ଉଠିଲେ ଚ଼ାଷୀ କିପରି ଧାନ ବିକ୍ରି କରିବ ଓ ଚ଼ାଷୀଙ୍କ ଦୋଷ ରହିଲା କେଉଁଠି ବୋଲି ପ୍ରଶ୍ନ ଉଠୁଛି। ଚ଼ାଷୀମାନେ ହେଉଛନ୍ତି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ। ଚ଼ାଷୀର ପ୍ରଗତିରେ ଦେଶର ପ୍ରଗତି ବୋଲି ଡିଣ୍ଡିମ ବାଜୁଛି। ଚ଼ାଷୀଙ୍କ ଆୟ ବୃଦ୍ଧି ପାଇଁ ସରକାର କେତେ କଣ ଚ଼ିନ୍ତା କରୁଛନ୍ତି। ଚ଼ାଷୀଙ୍କ ଧାନରୁ ଆଦୌ କଟନିଛଟନି କରାଯିବ ନାହିଁ ବୋଲି ସରକାର ଘୋଷଣା କରୁଥିବା ବେଳେ କଟନିଛଟନି ହିଁ ଧାନ କିଣାରେ ମୁଖ୍ୟ ପ୍ରତିବନ୍ଧକ ସାଜୁଛି। ଏହା କିପରି ସମ୍ଭବ ବୋଲି ଉପଖଣ୍ଡ ଅଞ୍ଚଳର ବହୁ କୃଷକ ସଂଗଠନ ପ୍ରଶ୍ନ କରିଛି। ଆଉ ଦିନେ କି ୨ଦିନ ମଧ୍ୟରେ ଧାନ ନ ଉଠିଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚ଼ାଷୀ ସଂଗଠନ ଓ ଚ଼ାଷୀମାନେ ଚେତାବନୀ ଦେଇଛନ୍ତି। ବିଶେଷ କରି ରାମପୁର ସେବା ସମବାୟର ବଡବାହାଲ ମଣ୍ଡି ପରିଚ଼ାଳନା କାହାର ଦାଇତ୍ୱ ଅଟେ। ସବୁ କାମ ସରିଥିଲେ ମଧ ଚ଼ାଷୀଙ୍କୁ ଅନ୍ଧାରରେ ରଖୁଛି କିଏ କାହିଁକି ପରିଚ଼ାଳନା ହେଉନାହିଁ। ଏଥିପାଇଁ ପାଇଁ ବଡବାହାଲ ପେକ୍ସରେ ସଠିକ ପରିଚ଼ାଳନା ନହେବାରୁ ଚ଼ାଷୀ ଶୋଷଣର ଶିକାର ହେଉଛି। ତାସହିତ ମିଲରର ଏଜେଣ୍ଟ ପେକ୍ସ କର୍ମଚ଼ାରୀ ସହିତ ଚ଼ାଷୀମାନଙ୍କର ବାରମ୍ବାର ସମସ୍ୟା ସୃଷ୍ଟି ହେଉଛି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଓ ପ୍ରଶାସନ ଦୃଷ୍ଟି ଦିଆ ନହେଲେ ବାରମ୍ବାର ଅପ୍ରିତିକର ସୃଷ୍ଟି ହେବ ବୋଲି ଚ଼ାଷୀ ପ୍ରକାଶ କରିଛନ୍ତି ।

## ଯୁଗ୍ମ ଅଭିଯୋଗ ଶୁଣାଣି

**ଗୁଣପୁର/ରାମନଗୁଡା/ରାୟଗଡ: ଏକ୍ସପ୍ରେସ ନ୍ୟୁଜ୍**

ରାମନଗୁଡା ବ୍ଲକ ସଭାଗୃହଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚ଼ନ୍ଦ୍ର ନାୟକ, ଖଣ୍ଡିୟ ବନ ଅଧିକାରୀ ସଚ଼ିନ ଆନ୍ନାସାହେବ ଓହୋଲ, ଉପ ଆରକ୍ଷୀ ଅଧିକାରୀ ଅମ୍ବୁଲ କୁମାର ଧର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ମନୀଷା ଦାସ, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚ଼ିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ମମତାରାଣୀ ସାହୁ ରାମନଗୁଡା ପଞ୍ଚାୟତ ସମିତି ଅଧକ୍ଷ ରବିଶଙ୍କର ଗମାଙ୍ଗ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣୀ କରିଥିଲେ। ସୋମବାର ମୋଟ ୮୯ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ, ସେଥିରୁ ୭୪ଟି ବ୍ୟକ୍ତିଗତ ୧୫ଟି ସାମୁହିକ ଦରଖାସ୍ତ ପଞ୍ଜିକରଣ ହୋଇଥିଲା। ସମସ୍ତ ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ଗ୍ରହଣ କରିବା ପରେ ଅଭିଯୋଗ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଲିମାପଦର ଗ୍ରାମର ଗୌରାଙ୍ଗ ପଣ୍ଡାଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା।

ଏହି ଅଭିଯୋଗ ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ରାମ ଚ଼ନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଲଳିତ ମୋହନ ପଟ୍ଟନାୟକ, ଅବକାରୀ ନିରୀକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତ, ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ଲୋକନାଥ ଯାଦବ, ଉପଖଣ୍ଡ ସୂଚ଼ନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଲିଡ଼ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀ, ରାମନଗୁଡା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ରାମନଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଧବେଇ ନାୟକ, ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀ ଶିବ ପ୍ରସାଦ ସାହୁଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

## ମହାତ୍ମାଗାନ୍ଧୀ ନିଶ୍ଚିତ ରୋଜଗାର ଯୋଜନା ପୁନଃପ୍ରଚଳନ ଦାବି

**ନବରଙ୍ଗପୁର: ଏକ୍ସପ୍ରେସ ନ୍ୟୁଜ୍**

ମହାତ୍ମାଗାନ୍ଧୀ ନିଶ୍ଚିତ ରୋଜଗାର ଯୋଜନା ପୁନଃପ୍ରଚଳନ କରିବାକୁ କଂଗ୍ରେସ ଦାବି କରିଛି। ଏହି ପରୀପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଲିପିକା ମାଝୀ ଏହି ଦାବି କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଏମଜିଏନଆରଇଜିଏ ୨୦୦୫ ମସିହାରେ କଂଗ୍ରେସ ସରକାରଙ୍କ ଅମଳରେ ଲାଗୁ କରାଯାଇଥିଲା। ତେବେ ବର୍ତ୍ତମାନ ବିଜେପି ସରକାର ମହାତ୍ମାଗାନ୍ଧୀଙ୍କ ନାମକୁ ହଟାଇବାକୁ ଷଡ଼ଯନ୍ତ୍ର କରି ଯୋଜନାର ନାମ ପରିବର୍ତ୍ତନ କରି ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଏକ ଆଜିବିକା ମିଶନ (ଗ୍ରାମୀଣ) ବା ଭିବି କି ରାମ ଜି ନାମ କରଣ କରିଛନ୍ତି। ନାମ ପରିବର୍ତ୍ତନ ହେବା ସହ ଏହି ଯୋଜନାରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ବେକାରୀମାନଙ୍କୁ ସେମାନଙ୍କ ଦାବି ମୁତାବକ ୧୦୦ ଦିନର ନିଶ୍ଚିତ ରୋଜଗାର ଯୋଗେଇ ଦିଆଯାଉଥିଲା। ଏହାକୁ ପରିବର୍ତ୍ତନ




କରାଯାଇ ସରକାରଙ୍କ ଇଚ୍ଛା ମୁତାବକ ଶ୍ରମିକମାନଙ୍କୁ ନିମ୍ନନିଯୁକ୍ତି ଯୋଗଇନା ବ୍ୟବସ୍ଥା କରାଯାଇଛି। ପୂର୍ବରୁ ବର୍ଷ ତମାମ ନିଜ ଇଚ୍ଛା ମୁତାବକ କାମ ଦାବି କରାଯାଉଥିଲା। ବର୍ତ୍ତମାନ ଅମଳ ସମୟରେ ରୋଜଗାରରୁ ବଞ୍ଚିତ କରାଯାଇଛି। ପୂର୍ବରୁ ଏନଆଇକିଏ ସାଥି ଓ ରୋଜଗାର ସହାୟକ ଶ୍ରମିକମାନଙ୍କୁ ସାହାଯ୍ୟ ଯୋଗାଉଥିଲେ। ବର୍ତ୍ତମାନ ପୂର୍ବ ବ୍ୟବସ୍ଥା ରଖା ଯାଇ ନାହିଁ। ପୂର୍ବରୁ ଶ୍ରମିକମାନଙ୍କ ପାଉଣା ପାଇଁ କେନ୍ଦ୍ର ସରକାର ୯୦ ପ୍ରତିଶତ ଅର୍ଥ ଯୋଗଉଥିବା ବେଳେ ରାଜ୍ୟ ସରକାରଙ୍କୁ ୧୦ ପ୍ରତିଶତ ଅର୍ଥ ଯୋଗେଇ ଦେଉଥିଲେ। ବର୍ତ୍ତମାନ କିନ୍ତୁ କେନ୍ଦ୍ର ସରକାର ୬୦ ପ୍ରତିଶତ ଓ ରାଜ୍ୟ ସରକାର ୪୦ ପ୍ରତିଶତ ଅର୍ଥ ଯୋଗେଇ ଦେବେ। ଏହାଦ୍ୱାରା ଭବିଷ୍ୟତରେ ଏହି ଯୋଜନା ଶ୍ରମିକମାନଙ୍କୁ ରୋଜଗାର ଯୋଗେଇ ବାରେ ବିଫଳ ହେବାର ଆଶଙ୍କା ରହିଛି। ତେଣୁ ପୂର୍ବରୁ ପ୍ରଚ଼ଳିତ ଏନ ଆରଜିଏ ଯୋଜନାକୁ ପୂନଃ ପ୍ରଚ଼ଳନ କରି ଶ୍ରମିକମାନଙ୍କ ରୋଜଗାର ସୁନିଶ୍ଚିତ କରିବାକୁ କଂଗ୍ରେସ ଦାବି କରିଛି। ଏହି ଅବସରରେ ବୁଧବାର ଦିନ ସ୍ଥାନୀୟ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଲିପିକା ଧାରଣରେ ବସିବେ ବୋଲି ସୂଚ଼ନା ପ୍ରଦାନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଜିଲ୍ଲା ସଭାପତି ମୁନା ତ୍ରିପାଠୀ, ପ୍ରଦୀପ ସାହୁ, ଶିବରାମ ରାଜୁ, ଗଣେଷ ପଟ୍ଟନାୟକ, ଗୋପାଳ ତ୍ରିପାଠୀ ପ୍ରମୁଖ ନେତୃମଣ୍ଡଳୀମାନେ ଉପସ୍ଥିତ ରହିଥିଲେ।

## ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ସାକ୍ଷୀଗୋପାଳ: ଏକ୍ସପ୍ରେସ ନ୍ୟୁଜ୍**


ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ୧୧୬ତମ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସେନାପତି ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବିଧାୟକ ଓମ୍ ପ୍ରକାଶ ମିଶ୍ର, ମୁଖ୍ୟବକ୍ତା ଶତ୍ରୁଘ୍ନ ପାଣିଗ୍ରାହୀ କୁଳପତି, ଓଡିଆ ବିଶ୍ୱବିଦ୍ୟାଳୟ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ, ଦୀପକ କୁମାର ପାଢ଼ୀ ସତ୍ୟବାଦୀ, ବିଡ଼ିଓ ଦେବାଶିଷ ନାୟକ, ଜିଲ୍ଲା ପରିଷଦ ବିଷ୍ଣୁ ପ୍ରିୟା ବରାଳ, ସତ୍ୟବାଦୀ ମଣ୍ଡଳ ଶିକ୍ଷା ଅଧିକାରୀ, କୈଳାସ ଚ଼ନ୍ଦ୍ର ପାଢୀ, ବିଚ଼ିତ୍ରାନନ୍ଦ ଜେନା, ଜୟପୁର ସମିତି ସଭ୍ୟ ଦିପକ କୁମାର ଶତପଥି, ଆଲୁମିନି ସଭାପତି, ତଥା ସାମ୍ବାଦିକ କିଶୋର ଚ଼ନ୍ଦ୍ର ମହାପାତ୍ର, ବିଶିଷ୍ଟ ସମାଜସେବୀ,ତଥା ସାମ୍ବାଦିକ ଧିରେନ୍ ନାଥ ଦାଶ, ବିଦ୍ୟାଳୟ ପରିଚ଼ାଳନା କମିଟି, ସଭାପତି ଚ଼କ୍ରଧର ମାହାରଣା, ମଞ୍ଚ ପରିଚ଼ାଳନାରେ ଗିତା ରାଣୀ ବେହେରା, ସହଯୋଗ କରି ଥିଲେ।

### ବାଣିଜ୍ୟ

## ବିଶ୍ୱ ଅନିଶ୍ଚିତତା ମଧରେ ସୁନା, ରୂପା ମୂଲ୍ୟ ଉଚ୍ଚସ୍ତରରେ

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ସୋମବାର ସୁନା ଏବଂ ରୂପା ମୂଲ୍ୟ ରେକର୍ଡ ଉଚ୍ଚତା ଛୁଇଁଲା, କାରଣ ଆମେରିକା ନ୍ୟାୟ ବିଭାଗ ଦ୍ୱାରା ଫେଡେରାଲ ରିଜର୍ଭ ସହିତ ଉତ୍ତେଜନା ବୃଦ୍ଧି ଏବଂ ଇରାନରେ ତୀବ୍ର ପ୍ରତିବାଦ ଯୋଗୁଁ ବଜାରଗୁଡ଼ିକ ପ୍ରତିକ୍ରିୟା ପ୍ରକାଶ କରିଥିଲେ ଯାହା ଭୂ-ରାଜନୈତିକ ବିପଦକୁ ବୃଦ୍ଧି କରିଥିଲା।



ଏମସିଏକ୍ସ ସୁନା ଫେବୃଆରୀ ଫ୍ୟୁଚ଼ର୍ସ ୧.୪୬ ପ୍ରତିଶତ ବୃଦ୍ଧି ପାଇ ୧୦ ଗ୍ରାମ ପ୍ରତି ୧,୪୦,୮୩୮ ଟଙ୍କାରେ ପହଞ୍ଚିଛି। ଯେତେବେଳେ ଏମସିଏକ୍ସ ରୂପା ମାର୍ଚ୍ଚ ଫ୍ୟୁଚ଼ର୍ସ ୩.୬୬ ପ୍ରତିଶତ ବୃଦ୍ଧି ପାଇ ୨,୬୧,୯୭୭ ଟଙ୍କା ପ୍ରତି କିଲୋଗ୍ରାମ ହୋଇଛି।

ସ୍ପଟ୍ ସୁନା ମୂଲ୍ୟ ୧.୪୫ ପ୍ରତିଶତ ବୃଦ୍ଧି ପାଇ ୪,୫୭୫.୮୨ ଡଲାର ପ୍ରତି ଆଉନ୍ସ ହୋଇଛି। ଯାହା ଟ.୪,୬୦୧.୧୭ ସ୍ତରର ନୂତନ ରେକର୍ଡ ସୃଷ୍ଟି କରିବା ପରେ। ରୂପା ମୂଲ୍ୟ ୪.୮୫ ପ୍ରତିଶତ ବୃଦ୍ଧି ପାଇ ଟ.୮୩.୮୮ ରେକର୍ଡ ସୃଷ୍ଟି କରିବା ପରେ ଟ.୮୩.୧୯ ଛୁଇଁଛି।

ଫେଡ୍ ଚେୟାର ଜେରୋମ୍ ପାଓ୍ୱେଲ୍ ପ୍ରକାଶ କରିଛନ୍ତି ଯେ କେନ୍ଦ୍ରୀୟ ବ୍ୟାଙ୍କ ଫେଡ୍ ମୁଖ୍ୟାଳୟରେ ନବୀକରଣ ସମ୍ପର୍କରେ ଜୁନ୍ ମାସରେ କଂଗ୍ରେସରେ ହୋଇଥିବା ସାକ୍ଷ୍ୟ ସହିତ ଜଡିତ ନ୍ୟାୟ ବିଭାଗରୁ ଗ୍ରାଣ୍ଡ ଜୁରି ସମନ ପାଇଛି। ଏହି ବିକାଶ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫେଡ୍ ସହିତ ମୁକାବିଲାର ତୀବ୍ର ତୀବ୍ରତା ଏବଂ କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାଧୀନତା ବିଷୟରେ ନୂତନ ଚ଼ିନ୍ତାକୁ ସୂଚ଼ିତ କରିଛି।

ନୂତନ ରେକର୍ଡ ଉଚ୍ଚତାକୁ ବୃଦ୍ଧି ପାଇବାକୁ ଭୂ-ରାଜନୈତିକ ବିପଦ, ଆମେରିକା ଫେଡେରାଲ୍ ରିଜର୍ଭ ଉପରେ ରାଜନୈତିକ ଚ଼ାପ ବୃଦ୍ଧି ଏବଂ ଆଶାଠାରୁ ଦୁର୍ବଳ ଆମେରିକା ନିଯୁକ୍ତି ତଥ୍ୟ ଦ୍ୱାରା ସମର୍ଥିତ ହୋଇଥିଲା। ଯାହା ସୁରକ୍ଷିତ-ସ୍ୱର୍ଗ ଚ଼ାହିଦାକୁ ସୁଦୃଢ଼ କରିଥିଲା, ମେହତା ଇକ୍ୱିଟିଜ୍ ଲିମିଟେଡ୍‌ର ଭିପି କମୋଡିଟିଜ୍ ରାହୁଲ କାଲାନ୍ତ୍ରି କହିଛନ୍ତି।

ଏହି ସମୟରେ, ଇରାନରେ ମାରାତ୍ମକ ପ୍ରଦର୍ଶନ ସୁରକ୍ଷିତ-ସ୍ୱର୍ଗ ପ୍ରବାହକୁ ବୃଦ୍ଧି କରିଛି। ବଜାରଗୁଡ଼ିକ ରାଜନୈତିକ ଅସ୍ଥିରତାର ସମ୍ଭାବନା ଏବଂ ତୈଳ ଯୋଗାଣ ପାଇଁ ଏହାର ପ୍ରଭାବକୁ ତୁଳନା କରୁଛି। ଟ୍ରମ୍ପ ରବିବାର ଇରାନ ଉପରେ ବିକଳ୍ପଗୁଡ଼ିକ ବିଚ଼ାର କରିବାକୁ ସୂଚ଼ିତ କରିଥିଲେ। ଏପରି ମନ୍ତବ୍ୟ ଯାହା ଅନ୍ୟାନ୍ୟ ଭୂ-ରାଜନୈତିକ ଫ୍ଲାସପଏଣ୍ଟ ସହିତ ଅନିଶ୍ଚିତତାକୁ ଯୋଡିଥିଲା।

ଗତ ସପ୍ତାହର ଆମେରିକୀୟ ଚ଼ାକିରି ରିପୋର୍ଟ ଆଶାଠାରୁ ଦୁର୍ବଳ ପେରୋଲ୍ ଲାଭ ଦେଖାଇଛି, ଯାହା ଆଶାକୁ ଦୃଢ଼ କରୁଛି ଯେ ଫେଡେରାଲ୍ ରିଜର୍ଭ ଏହି ବର୍ଷ ଆହୁରି ସୁଧ-ହାର ହ୍ରାସ କରିବ।

'ସୁନାର ମୂଲ୍ୟ ୧,୩୪,୫୫୦-୧,୩୨,୩୧୦ ଟଙ୍କାରେ ସମର୍ଥନ ଅଛି ଯେତେବେଳେ ପ୍ରତିରୋଧ ୧,୪୧,୩୫୦-୧,୪୩,୬୭୦ ଟଙ୍କାରେ ରହିଛି। ରୂପାର ମୂଲ୍ୟ ୨,୪୮,୮୧୦ ଟଙ୍କାରୁ ୨,୪୪,୧୭୦ ଜୋନରେ ସମର୍ଥନ ଅଛି ଏବଂ ପ୍ରତିରୋଧ ୨,୫୫,୮୧୦ ଟଙ୍କାରୁ ୨,୫୯,୪୭୦ ଜୋନରେ ରହିଛି,' ବିଶ୍ଳେଷକମାନେ କହିଛନ୍ତି।

ଗତ ସପ୍ତାହରେ ସୁନା ୪ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିଲା, ଯେତେବେଳେ ରୂପା ୭ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିଲା। ୟୁକ୍ରେନରେ ରୁଷର ଯୁଦ୍ଧ, ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଆମେରିକାର କବଜା ଏବଂ ଗ୍ରୀନଲ୍ୟାଣ୍ଡର ନିୟନ୍ତ୍ରଣ ନେଇ ଓ୍ୱାଶିଂଟନର ନବୀକରଣ ସଙ୍କେତ ମଧ ମୂଲ୍ୟବାନ ଧାତୁର ସମାବେଶ ପାଇଁ ଏକ ପାତରପନ୍ଥୀ ଭାବରେ କାର୍ଯ୍ୟ କରେ।

## ଘରଭଙ୍ଗା ପ୍ରତିବାଦରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

**ଫୁଲବାଣୀ: ଏକ୍ସପ୍ରେସ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ସଦର ଫୁଲବାଣୀ ତହସିଲଦାର ଫୁଲବାଣୀ ସହରର ବିଭିନ୍ନ ଅଞ୍ଚଳର ଜବରଦଖଲ ଉଚ୍ଛେଦ କରିବା ପାଇଁ ଶତାଧିକ ଲୋକଙ୍କୁ ନୋଟିସ ଜାରି କରିଥିବାରୁ ସୋମବାର ବରିଷ୍ଠ କୁଇ ସମାଜ ସମନ୍ୱୟ ସମିତିର ସାଧାରଣ ସମ୍ପାଦକ ତଥା ବରିଷ୍ଠ ଆଦିବାସୀ ନେତା ତଥା ବରିଷ୍ଠ ଆଇନଜୀବୀ ଲମ୍ବୋଦର କହଁର, ମିଳିତ ସଂଗ୍ରାମ ସମିତି ଅଧକ୍ଷ ତଥା ଆଦିବାସୀ ଯୁବନେତା ସମୀର ଘଟାଲ, ବରିଷ୍ଠ ଆଦିବାସୀ ନେତା ତଥା ପୂର୍ବତନ ଖଜୁରୀପଡା ବ୍ଲକ ଚେୟାରମ୍ୟାନ ବୀରେନ୍ଦ୍ର କହଁର, ଛାତ୍ର ନେତା ଅନୁପ କହଁରଙ୍କ ନେତୃତ୍ୱରେ ଶତାଧିକ ପକ୍ଷ ଭୁକ୍ତ ଜନସାଧାରଣ ପ୍ରଥମେ ତହସିଲଦାର ଫୁଲବାଣୀଙ୍କୁ ଏହାର ପୁନଃ ବିଚ଼ାର କରି ଘର ଭଙ୍ଗା ନ କରିବା ପାଇଁ ଅନୁରୋଧ କରିଥିଲେ। ପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଅବରୋଧ କରି ମହିଳାମାନେ ବସିଥିଲେ। ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ଯେ ଉପଜିଲ୍ଲାପାଳ ଭିକାରି ଚ଼ରଣ ସାହୁ ନିଜର ବନ୍ଦେ ମାତରଂ କାର୍ଯ୍ୟକ୍ରମକୁ ସାରି ନିଜ କାର୍ଯ୍ୟାଳୟକୁ ଆସିପାରିନ ଥିଲେ। ଏହାର ସମାଧାନ କରିବା ପାଇଁ ତହସିଲଦାର ଫୁଲବାଣୀଙ୍କୁ ଦାୟିତ୍ୱ ଦେଇଥିଲେ। ହେଲେ ତହସିଲଦାର ମଧ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାରେ ବିଫଳ ହୋଇଥିଲେ। ଅପରାହ୍ନ ୫ଟା ସୁଧା ନିଯୁଜ ଲେଖାଯିବା ଯାଏ ଉତ୍ତ୍ୟକ୍ତ ଲୋକେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଅବରୋଧ କରି ବସିଥିବା ଦେଖାଯାଇଥିଲା। ଯଦି




ପ୍ରଶାସନ ଘରଭଙ୍ଗା ଯୋଜନାକୁ ବନ୍ଦ ନକରନ୍ତି ତାହେଲେ କୁଇ ସମାଜ, ପାଣ ସ୍ୱାମାଜ ଓ କ୍ଷତି ଗ୍ରସ୍ତ ହେବାକୁ ଯାଉଥିବା ସମସ୍ତ ଲୋକ ମିଳିତ ଭାବେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଆଦିବାସୀ ସର୍ଦ୍ଦାର ଲମ୍ବୋଦୋର କହଁର, ସମୀର ଘଟାଲ ଓ ବୀରେନ୍ଦ୍ର କହଁର ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ପ୍ରଶାସନ ବଡ଼ ବଡ଼ ମାଛକୁ ଧରିପାରୁନ ଥିବାବେଳେ ନିରୀହ ମଳିମୁଣ୍ଡିଆମାନେ ଚ଼ାଳ ଛପର କରି ସହରରେ ରହି ନିଜର ଗୁଜୁରାଣ ମେଣ୍ଟାଉଥିବା ଲୋକଙ୍କ ଘର ଦ୍ୱାର ଭାଙ୍ଗିବା ପାଇଁ ପଦକ୍ଷେପକୁ ସାଧାରଣରେ ତୀବ୍ର ନିନ୍ଦା କରାଯାଇଛି। କାରଣ ସରକାରୀ ଜମିକୁ ଅଧିକ ମାତ୍ରାରେ ବାହାରୁ ଆସିଥିବା ସରକାରୀ କର୍ମଚ଼ାରୀ, ରିଟାୟାର୍ଡ଼ ସରକାରୀ କର୍ମଚ଼ାରୀମାନେ ତ୍ରିତଳ ପ୍ରସାଦ, ଅଟାଳିକା ମାନ ନିର୍ମାଣ କରି ଭଡା ଦେଇ, ବ୍ୟବସାୟ କରି ରହିଛନ୍ତି। ବଜାର ମୁଖ୍ୟ ସ୍ଥାନରେ ଥିବା ସାଧାରଣ ହାଟ ୧୧ ଏକର ଜାଗାକୁ କିଛି ମୁଷ୍ଟିମେୟ ବ୍ୟବସାୟୀ ମାଡିବସି ତ୍ରିତଳ ପ୍ରସାଦ ନିର୍ମାଣ କରି ବସିଛନ୍ତି। କୋର୍ଟ ଛକ ତଳେ ଥିବା ସରକାରୀ କ୍ୱାଟର ଗୁଡିକ ଉପରେ କିଛି ଲୋକ ଜବରଦଖଲ କରି ବସିଥିବା ବେଳେ ରାଜସ୍ୱ ବିଭାଗ, ତହସିଲଦାର, ଜିଲ୍ଲା ପ୍ରଶାସନ ସେମାନଙ୍କୁ ଛାଡି ନିରୀହ ଲୋକଙ୍କ ଉପରେ ଜୁଲୁମ କରିବା ପାଇଁ ଅଣ୍ଟା ଭିଡ଼ିବା କେତେଦୂର ଆଇନ ସଂଗତ ତାହା କନ୍ଧମାଳ ଜିଲ୍ଲା ପ୍ରଶାସନ ପାଖରେ ଦେଖିବାକୁ ମିଳୁଛି ଯେମିତି 'କୁଜି ଅସରପା ଉପରେ କାଣୀ ବିଲେଇର ଆଖି' ଭଳି କନ୍ଧମାଳ ଜିଲ୍ଲା ପ୍ରଶାସନର ଆଇନ କାଯ୍ୟକରି କରୁଥିବା ଦେଖିବାକୁ ମିଳୁଛି। ଏଭଳି ପକ୍ଷ ପାତିତା ଆଇନ ବିରୁଦ୍ଧରେ ଯେତେବେଳେ ନିରୀହ ଜନତା ରଣ ହୁଙ୍କାରଦେବେ ଓ ପ୍ରଶାସନ ଆଉ ସରକାର ବିରୁଦ୍ଧରେ ଆନ୍ଦୋଳନକୁ ଓହ୍ଲାଇବେ ସେତେବେଳେ ପ୍ରଶାସନ ସମ୍ଭାଳି ପାରିବ ତ ?

## ଜୀବନ୍ତ ବ୍ୟକ୍ତିଙ୍କୁ ମୃତ ଦର୍ଶାଇ ଭତ୍ତା ବନ୍ଦ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଏହି ବ୍ଲକର ତେସିଙ୍ଗା ପଞ୍ଚାୟତ ଅନ୍ତର୍ଗତ ବଡ ବନସ୍ତା ଗ୍ରାମର ୯୪ ବର୍ଷୀୟ ଅନଗ୍ରସର ବୃଦ୍ଧ ଗୌରାଙ୍ଗ ସାହୁଙ୍କୁ ମୃତ ଦର୍ଶାଇ ଗତ ୩ ମାସ ଧରି ତାଙ୍କୁ ଭତ୍ତା ପ୍ରଦାନ କରାଯାଉନଥିବା ଘଟଣା ଜଣାପଡିବା ପରେ ଆଲୋଡନ ସୃଷ୍ଟି ହୋଇଛି। ଗୌରାଙ୍ଗଙ୍କ ଭତ୍ତା ବନ୍ଦ କରିବା ପାଇଁ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତାଙ୍କୁ ମୃତ ଦର୍ଶାଇଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗୌରାଙ୍ଗଙ୍କ ପୁଅଙ୍କ ସମେତ ଗ୍ରାମର ଅନ୍ୟମାନେ ମଧ ଦାବି ଜଣାଇଛନ୍ତି। ଗତ ୩ ମାସ ଧରି ଗୌରାଙ୍ଗ ଭତ୍ତା ପାଉନଥିବା ଯୋଗୁ ତାଙ୍କର ପୁଅ ବ୍ଲକ କାର୍ଯ୍ୟାଳୟକୁ ଯାଇ ସମାଜ ମଙ୍ଗଳ ବିଭାଗରୁ ତାଙ୍କ ବାପା ଗୌରାଙ୍ଗଙ୍କୁ ମୃତ ଦର୍ଶାଯାଇଥିବା ଜାଣିବାକୁ ପାଇଥିଲେ। ଏସମ୍ପର୍କରେ ଜଣାପଡିବା ପରେ ବିଭାଗ ପକ୍ଷରୁ ପୁନର୍ବାର ଭତ୍ତା ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚ଼ନା ମିଳିଛି। ତେବେ ଆର୍ଥିକ ଓ ମାନସିକ ଯନ୍ତ୍ରଣା ପାଇଁ ଦାୟୀ ଦାୟିତ୍ୱହୀନ କର୍ମଚ଼ାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି ସ୍ଥାନୀୟ ବିଡିଓ ଦେବଦତ୍ତ ଦାସ କହିଛନ୍ତି।



## ସିନେମାଫିନେମା ଟିଭିଫିବି

## 'ମୋର କୌଣସି ସଂସ୍କରଣକୁ ଫେରିବି ନାହିଁ'


ଯେତେବେଳେ ତାଙ୍କ ଝିଅ ଭାମିକା ପାଞ୍ଚ ବର୍ଷ ବୟସରେ ପହଞ୍ଚିଥିଲେ, ଅଭିନେତ୍ରୀ ଅନୁଷ୍କା ଶର୍ମା ତାଙ୍କ ମାତୃତ୍ୱ ଯାତ୍ରା ବିଷୟରେ ପ୍ରତିଫଳିତ କରି ସେୟାର କରିଛନ୍ତି ଯେ ସେ ଏହାର ପ୍ରତ୍ୟେକ ଅଂଶକୁ ଆଦର କରନ୍ତି ଏବଂ ଦୁନିଆର କୌଣସି ଜିନିଷ ପାଇଁ ତାଙ୍କ ମାତୃତ୍ୱର ସଂସ୍କରଣକୁ ବ୍ୟବସାୟ କରିବେ ନାହିଁ।

ଅନୁଷ୍କା, ଯିଏ ୨୦୨୧ରେ ତାରକା କ୍ରିକେଟର ବିରାଟ କୋହଲିଙ୍କ ସହିତ ତାଙ୍କର ପ୍ରଥମ ସନ୍ତାନ ଭାମିକାଙ୍କୁ ସ୍ୱାଗତ କରିଥିଲେ, ତାଙ୍କ ଇନଷ୍ଟାଗ୍ରାମ କାହାଣୀରେ ମାତୃତ୍ୱ କିପରି ଜଣେ ବ୍ୟକ୍ତିଙ୍କୁ ପରିବର୍ତ୍ତନ କରେ ସେ ବିଷୟରେ ଏକ ପୋଷ୍ଟ ପୁନଃ ସେୟାର କରିଛନ୍ତି।

ପୋଷ୍ଟରେ ଲେଖାଥିଲା, 'ମାତୃତ୍ୱ ଆପଣଙ୍କୁ ପରିବର୍ତ୍ତନ କରିବାକୁ ଦିଅନ୍ତୁ - ଏବଂ ଆପଣଙ୍କ ଏହି ନୂତନ ସଂସ୍କରଣ ପାଇଁ ଦାୟିତ୍ୱ ନିଅନ୍ତୁ। ଆମେ ଆମର ପୁରୁଣା ଜୀବନକୁ ଟିକିଏ ସଜାଡ଼ି ପାରିବା, ଏବଂ କେବଳ ଆମର ପିଲାମାନଙ୍କୁ ସାଙ୍ଗରେ ନେଇପାରିବା। ଏହି ଧାରଣା କେବଳ ଆଂଶିକ ସତ୍ୟ। କେହି ମୂଲ୍ୟ ବିଷୟରେ ଉଲ୍ଲେଖ କରିନାହାଁନ୍ତି। କ୍ଳାନ୍ତ ଆଖି ଏବଂ ପୂର୍ଣ୍ଣ ହୃଦୟ ସହିତ, ଆମର ଆବଶ୍ୟକତାଗୁଡ଼ିକ ଅଦୃଶ୍ୟ ହେଉନାହିଁ - ସେଗୁଡ଼ିକୁ ପୁନଃବ୍ୟବସ୍ଥିତ କରାଯାଉଛି। ପୋଷ୍ଟରେ ଉଲ୍ଲେଖ କରାଯାଇଥିଲା ଯେ 'ମା ଏକ ବିରୋଧାଭାସ'।

'ପ୍ରେମ ଏବଂ କ୍ଳାନ୍ତି, ବୃଦ୍ଧି ଏବଂ ଦୁଃଖ, ସମସ୍ତେ ପାଖରେ ବାସ କରୁଛନ୍ତି। ଏହି ସମସ୍ତ ଭାବନା ଯଥେଷ୍ଟ କ୍ଳାନ୍ତକାରୀ। ଏହି ଛୋଟ, ଭାରୀ, ଅର୍ଥପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକରେ ଏହା ଘଟେ ଯାହା ଆମକୁ ଗଠନ କରେ – ଏବଂ ସେମାନେ ସ୍ଥାନ ପାଇବାକୁ ଯୋଗ୍ୟ। କାରଣ ସେମାନେ ଆମଠାରୁ ବହୁତ କିଛି ନିଅନ୍ତି ଏବଂ ଆମେ ଦେଖାଯିବା ଏବଂ ଧରି ରଖିବା ପାଇଁ ଉଦ୍ଦିଷ୍ଟ।'

ଯେତେବେଳେ ସେ ତାଙ୍କ କାହାଣୀ ବିଭାଗରେ ପୋଷ୍ଟଟି ପୁନଃ ସେୟାର କରିଥିଲେ, ଅନୁଷ୍କା କ୍ୟାପସନ ଯୋଡିଥିଲେ, 'ଏବଂ ମୁଁ ମୋର ଏପରି କୌଣସି ସଂସ୍କରଣକୁ ଫେରିବି ନାହିଁ ଯିଏ ତୁମକୁ ଜାଣିନାହିଁ, ମୋ ପିଲା। ଜାନୁଆରୀ ୧୧, ୨୦୨୧ (ଲାଲ ହୃଦୟ ଇମୋଜି)।'



ଅନୁଷ୍କା ଏବଂ ବିରାଟ ଡିସେମ୍ବର ୨୦୧୭ରେ ଇଟାଲୀରେ ବିବାହ କରିଥିଲେ। ସେ ୨୦୨୧ରେ ଭାମିକା ନାମକ ଏକ ଝିଅକୁ ଜନ୍ମ ଦେଇଥିଲେ ଏବଂ ୨୦୨୪ ଫେବୃଆରୀରେ ଏକ ପୁଅ ଆକାୟକୁ ଜନ୍ମ ଦେଇଥିଲେ।

ଅଭିନୟ କ୍ଷେତ୍ରରେ, ସେ ଶେଷ ଥର ପାଇଁ ୨୦୧୮ରେ ଜିରୋରେ ନଜର ଆସିଥିଲେ। ଆନନ୍ଦ ଏଲ୍. ରାୟଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଶାହରୁଖ ଖାନ, କ୍ୟାଟ୍ରିନା କୈଫ୍ ଏବଂ ଅଭୟ ଦେଓଲ ମଧ ଅଭିନୟ କରିଛନ୍ତି, ଯେତେବେଳେ ଆର. ମାଧବନ ଏବଂ ମହମ୍ମଦ ଜିଶାନ ଆୟୁବ ସହାୟକ କଳାକାର।

କାହାଣୀଟି ମେରଠର ଜଣେ ଛୋଟ ବ୍ୟକ୍ତି ବାଉଆ ସିଂହଙ୍କ ଚ଼ାରିପାଖରେ ଘୂରି ବୁଲିଛି, ଯିଏ ବିବାହ ସାଥୀ ଖୋଜିବାରେ ଅସୁବିଧା ପରେ, ସେରେବ୍ରାଲ୍ ପାଲ୍ସି ସହିତ ଏନଏସଏଆର ବୈଜ୍ଞାନିକ ଆଫିୟା ଭିନ୍ଦରଙ୍କ ସହିତ ଏକ ସାଥୀ ପାଆନ୍ତି।

ତଥାପି, ଫିଲ୍ମ ସୁପରଷ୍ଟାର ବବିତା ମଧ ତାଙ୍କ ସହିତ ନିକଟତର ହୁଅନ୍ତି, ତାଙ୍କର ପ୍ରଥମ ସମ୍ପର୍କ ପରୀକ୍ଷା କରନ୍ତି, ଏହି ପ୍ରେମ ତ୍ରିକୋଣ ସେମାନଙ୍କୁ ଦୂର ସହରକୁ ନେଇଯିବା ପୂର୍ବରୁ, ବାଉଆଙ୍କୁ ଏକ ସାହସିକ କାର୍ଯ୍ୟରେ ଠେଲି ଦିଅନ୍ତି ଯାହା ଦ୍ୱାରା ସେ ପୂର୍ଣ୍ଣ ଜୀବନରେ ତାଙ୍କର ପ୍ରକୃତ ପ୍ରେମ ଏବଂ ପୂର୍ଣ୍ଣତା ଆବିଷ୍କାର କରିପାରିବେ।

# ବିଛାଖଣ୍ଡି ଖଣି ଲୁଟ ପଛରେ ରାଜନେତାଙ୍କ ହାତ !



**୧୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଧର୍ମଶାଳା ତହସିଲ ଅନ୍ତର୍ଗତ ବିଛାଖଣ୍ଡି ମୌଜାରେ ଭରି ରହିଛି ଲଘୁ ଖଣିଜ ସମ୍ପଦ । ଯାହାର ଲାଭ ଉଠାଉଛନ୍ତି ମାଫିଆ । ବେଆଇନ ଖଣି ଖନନ କାର୍ଯ୍ୟକୁ ପ୍ରଚ୍ଛଦ ପଟରେ ରାଜନେତାଙ୍କର ହାତ ରହୁଥିବାର ବିଜେଡି ଅଭିଯୋଗ କରି ଆସୁଛି । ପ୍ରଶାସନ ସ୍ତରରେ ସ୍ୱଚ୍ଛତା ଆଣିବାକୁ କହୁଥିଲେ ହେଁ ସ୍ୱଚ୍ଛତା ଆସିପାରୁନାହିଁ । ନିର୍ବାଚନ ପରେ ବିଛାଖଣ୍ଡି ମୌଜାର ସମସ୍ତ ଖଣି, କ୍ରସର କାର୍ଯ୍ୟ ସାମୂହିକ ବନ୍ଦ ରହିଥିଲା । ଖଣି ହାତେଇଥିବା ଉକ୍ତ ଅଞ୍ଚଳର ବିଜେଡ଼ି ସରପଞ୍ଚଙ୍କ ପ୍ରତିନିଧି, ଜୋନ ଛାତ୍ର ସଭାପତି, ବିଜେଡ଼ି ଆଗ ଧାଡିର ନେତୃ ମଣ୍ଡଳୀ ଲିଜଧାରୀ ରହିଛନ୍ତି । ବିଜେଡ଼ି ଆଗଧାଡିର କର୍ମୀ ହୋଇଥିବାରୁ ଖଣି ଖନନରେ ବାଧା ସୃଷ୍ଟି କରାଯାଉଥିଲା ବୋଲି ସାଧାରଣରେ ଆଲୋଚନା ହେଉଛି । ବର୍ତ୍ତମାନ ସେହି ପୁରୁଣା ବୋତଲ ନୂଆ ଠିପିରେ ଚାଲିଛି ଖଣି ଲୁଟ ହେଉଛି । ଟନ ପିଛା ୧୬୦ ଦିଅ ବେଆଇନ ଭାବରେ ଖଣି ଲୁଟ କର ମିଳିଛି ଏପରି ନେତାଙ୍କ ନିର୍ଦ୍ଦେଶ । ସମସ୍ତ ବେଆଇନ କ୍ରସରରେ ଜଣେ ଜଣେ ଏଜେଣ୍ଟ ନିଯୁକ୍ତ କରାଯାଇଛି । କେଉଁ କ୍ରସରରେ କେତେ ଟନ ପଥର ଖଣିରୁ ଆସୁଛି ତାହାର ହିସାବ କରି କ୍ରସର ବ୍ୟବସାୟୀଙ୍କ ଠାରୁ ଚୁକ୍ତି ମୁତାବକ ଅର୍ଥ ଆଦାୟ କରି ଏକ ଟ୍ରଷ୍ଟ ନାମରେ ଯାଉଛି । ଖଣିର ପ୍ରତ୍ୟେକ ରାସ୍ତାଘାଟରେ ମାଫିଆମାନଙ୍କ ସୂଚନା ଦାତା ମାନେ ନିଯୁକ୍ତ କରାଯାଇଛି । ସଙ୍ଗେସଙ୍ଗେ ମାଫିଆଙ୍କ ସର୍ଦ୍ଦାର ପାଖକୁ ଖବର ପହଞ୍ଚାଇ ଦିଆଯାଏ । ମାଫିଆମାନେ ଆଇନକୁ ଫାଙ୍କି ମୁନାଫା ନେବାରେ ବ୍ୟସ୍ତ । ଖଣିରେ ବେଆଇନ ଭାବେ ବିସ୍ଫୋରକ ବ୍ୟବହାରକରି ପରିବେଶକୁ ନଷ୍ଟ କରିଚାଲିଛନ୍ତି । ମାରାତ୍ମକ ରୋଗ ନେଉଛନ୍ତି ସାଧାରଣ ଜନତା । ମାଫିଆମାନେ ବେଆଇନ ଭାବରେ ଖଣି ଖନନ କରିଚାଲିଛନ୍ତି । ଲାଭ ଖାଉଛନ୍ତି ନେତା, ରାଜନେତା, ମାଫିଆ । କଷ୍ଟ ଭୋଗୁଛନ୍ତି ସାଧାରଣ ଜନତା । ପଥର ଖାଦାନରୁ ବାହାରୁଥିବା ଧୂଳି କଣା ବେଆଇନ ବ୍ଲାଷ୍ଟିଙ୍ଗ ଯୋଗୁ ବାୟୁ ପ୍ରଦୂଷଣ ହେଉଛି । ଏହି ଜଙ୍ଗଲରେ ଭାଲୁ, ଠେକୁଆ, ବଣ ଘୁଷୁରୀ, ମାଙ୍କଡ଼ ଏବଂ ବୃକ୍ଷଲତା ଉପରେ ପ୍ରଭାବ ପଡୁଛି । ପଥର ଖନନ ଯୋଗୁ ଜଙ୍ଗଲ ନଷ୍ଟ ହେବାରେ ଲାଗିଛି । ଚାଷଜମିର ଉର୍ବରତା ନଷ୍ଟ ହେଉଛିଛ ଜିଲ୍ଲା ପ୍ରଶାସନ, ଲଘୁ ଖଣି ଉପନିର୍ଦ୍ଦେଶକ, ରାଜସ୍ୱ, ବନବିଭାଗ, ଜେନାପୁର ପୋଲିସ ଖଣି ଲୁଟ କରାଯାଉଥିଲେ ମଧ୍ୟ ନୀରବତାକୁ ନେଇ ପ୍ରଶ୍ନ ଉଠୁଛି । ବିଛାଖଣ୍ଡିରେ ମାଫିଆ ମାନେ ଦିନ ଦିପହରେ ବେଆଇନ ଭାବେ ବିନା ଟିପ୍ପୀ ରେ କଳାପଥର ପରିବହନ କରି ପାଖରେ ଥିବା କ୍ରସର ମାନଙ୍କୁ ବିକ୍ରି କରୁଛନ୍ତି । କ୍ରସର ମାନଙ୍କରେ ବେଆଇନ ଭାବରେ କଳାପଥର ଗଛିତ ରହିଥିବା ଦେଖାଦେଇଛି । ବେଆଇନ ଭାବରେ ଗୋଟିଏ ଗୋଟିଏ ଖଣିରୁ ଲକ୍ଷାଧିକ ଟଙ୍କାର କଳାପଥର ଲୁଟ କରୁଛନ୍ତି । ଯାହା ଦ୍ୱାରା ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡୁଛି । ଗୋଟିଏ ପଟେ ଚୋରି ରୋକିବା ପାଇଁ ମାଇନିଂ ନିୟମ ମୁତାବକ ନିଯୁକ୍ତି ରହିବା କଥା କିନ୍ତୁ ଏଠି ସେସବୁ ପରିଲକ୍ଷିତ ହେଉ ନାହିଁ । କାରଣ ଏହି ଲୁଟରେ ଶାସକ ଦଳର ସମ୍ପୃକ୍ତି ରହିଥିବା ବେଳେ ଉପରିସ୍ଥ ନେତାଙ୍କ ପ୍ରୋତ୍ସାହନ ଥିବାର ଆଲୋଚନା ହେଉଛି । ଲଘୁ ଖଣି ବିଭାଗର ନିଦ କେବେ ଭାଙ୍ଗୁଛି ନା ରାଜନେତାଙ୍କ ଚାପରେ ଚେପା ହେଇ ରହୁଛି ତାହା ସମସ୍ତଙ୍କର ନଜର ।

## ଆଜିର ରାଶିଫଳ

| ତାରିଖ | ମଙ୍ଗଳବାର– ଦଶମୀ |
|---|---|
| ୧୩.୧.୨୦୨୬ | ନକ୍ଷତ୍ର– ବିଶାଖା, ତୁଳାଚନ୍ଦ୍ର |

| | | |
|---|---|---|
| ମେଷ | : | ଚିନ୍ତା ବୃଦ୍ଧି ପାଇବ । |
| ବୃଷ | : | କର୍ମକ୍ଷେତ୍ରେ ସୁଖପ୍ରାପ୍ତି ହେବେ । |
| ମିଥୁନ | : | ବନ୍ଧୁ ସହଯୋଗ ପ୍ରାପ୍ତି ହେବେ । |
| କର୍କଟ | : | ଶୁଭଖବର ପ୍ରାପ୍ତି ହେବେ । |
| ସିଂହ | : | ଉତ୍ତେଜନା ବୃଦ୍ଧି ପାଇବ । |
| କନ୍ୟା | : | ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେବ । |
| ତୁଳା | : | ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ହେବ । |
| ବିଛା | : | ଆପୋଷ ମିଳାମିଶା କରିବେ । |
| ଧନୁ | : | ମୁଣ୍ଡବ୍ୟଥା କଷ୍ଟ ଦେବ । |
| ମକର | : | ଧନଲାଭ ଯୋଗ ରହିଛି । |
| କୁମ୍ଭ | : | କର୍ମକ୍ଷେତ୍ରରେ ପଦୋନ୍ନତି ପାଇବେ । |
| ମୀନ | : | ପୂଜାରେ ଖୁସି ହେବେ । |

## ମନ୍ଦିର ନାଁରେ ମନରେଗା ଟଙ୍କା ହରିଲୁଟ୍



**ଢେଙ୍କାନାଳ, ୧୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଦଶିପୁର ପଂଚାୟତରେ ମନରେଗା ଯୋଜନା ମାଧ୍ୟମରେ ମନ୍ଦିର ନାମରେ ଟଙ୍କା ହଡ଼ପ କରୁଛନ୍ତି ସ୍ଥାନୀୟ ମେଟ୍ ପଞ୍ଚାୟତ ଅଧିକାରୀ। ଭିବି–ଜି ରାମ୍‌ଜୀ ୨୦୨୫ ରେ ସ୍ୱଚ୍ଛତା ଅବଲମ୍ବନ ସହିତ ଗ୍ରାମୀଣ ସମ୍ପ୍ରଦାୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ସହିତ ବିକଶିତ ଗ୍ରାମପଞ୍ଚାୟତ ବାଧା ସୃଷ୍ଟି ଆଶଙ୍କା ରହିଛି । ସମସ୍ତ ଗ୍ରାମ ସ୍ତରୀୟ କାର୍ଯ୍ୟ ବିକଶିତ ଭାରତ ଜାତୀୟ ଗ୍ରାମୀଣ ଭିତି ଭୂମି ଦୁଃଖ ଦୂର କରିବା, ଦୁର୍ନୀତି ରୋକିବାରେ ସାହାଯ୍ୟ ହେବ। କିନ୍ତୁ ଏଠି ଓଲଟା ଚିତ୍ର । ଯେଉଁ ମାନେ ସମ୍ପୃକ୍ତ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଗଲେ ସ୍ୱଚ୍ଛତା ହେବା ସହିତ ପକୃତ ଜବ୍ କାର୍ଡଧାରୀ ଶ୍ରମିକ ଉପକୃତ ହେବେ । ଏଠାରେ ଏକ ଜଙ୍ଗଲକୁ କାଟି ଜଳ ବିଭାଜିକା ପ୍ରକଳ୍ପର ଟଙ୍କା ଲଗାଯାଇଛି । ବର୍ତ୍ତମାନ ସେହି ପାଖରେ ଏକ ପୋଖରୀ ଖୋଳାଚାଲିଛି ଯାହାକି ମାଇନର୍ ଇରିଗେସନ୍ କାର୍ଯ୍ୟ, କିନ୍ତୁ ସେହି ମାଟି ବନ୍ଧହୁଡାରେ ପଡିବା କଥା ତାକୁ ନେଇ ସେହି ପାହାଡ଼ ଉପରେ ରାସ୍ତାରେ ପକାଯାଉଅଛି । ସେହି ପୋଖରୀରେ ଯେଉଁ କାର୍ଯ୍ୟ ଚାଲୁ ରହିଛି ତା'ର ସୂଚନା ଫଳକ ନାହିଁ, କେତେ ଟଙ୍କା ଆସିଛି ତାହା ଅସ୍ପଷ୍ଟ। ମନରେଗା ଯୋଜନାରେ ସେହି କାର୍ଯ୍ୟଟିରେ କିଛି ଫଟୋ କପି ଉଠାଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଗୁରୁଜାଙ୍ଗୁଲି ଗ୍ରାମର କାର୍ଯ୍ୟ ପଙ୍ଗାତିରା ରୋଡ଼ ଠାରୁ ଜଗନ୍ନାଥ ମନ୍ଦିର ରୋଡ଼ କାର୍ଯ୍ୟାଦେଶ ୨୪୦୭୦୦୫୦୦୭/ଆର୍.ସି./୧୦୬୪୧୪୨ କାର୍ଯ୍ୟରେ ଜଳଜଳ ହୋଇ ଦୁର୍ନୀତି ଦେଖାଯାଉଛି, କାରଣ ଏ ଠାରେ ମହିଳା ଜବ୍ କାର୍ଡ ଥାଇ ଗୋଟିଏ ମଧ୍ୟ ମହିଳା ଏନ୍‌ଏମ୍‌ଏମ୍‌ଏସ୍ ଫଟୋରେ ନାହାଁନ୍ତି । ଏଥିରୁ ଖୋଲାଖୋଲି ମନରେଗା ଠିକାଦାର ଯନ୍ତ୍ରୀ, ଅଧିକାରୀ ଡବଲ ଲାଭ ଆଶା ପ୍ରକୃତ ମନରେଗା ଜବ କାର୍ଡ ହିତାଧିକାରୀଙ୍କୁ ଧୋକାଦେଇଛନ୍ତି । ଏଥିରୁ ସ୍ପଷ୍ଟ ଯେ ଏଠାରେ ଦୁର୍ନୀତି ହେଉଛି ଏଣୁ ଜିଲ୍ଲାପାଳଙ୍କୁ ଅନୁରୋଧ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଚେତ ଆଗାମୀ ଦିନରେ ଧାରଣା ଦେବେ ବୋଲି ଗ୍ରାମବାସୀ କହିଛନ୍ତି ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ବୈଶିଙ୍ଗା, ୧୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ୧୮ ନଂ ଜାତୀୟ ରାଜପଥର ଖଇରବଣି ଗ୍ରାମ ନିକଟସ୍ଥ ରୟାଲ ଢ଼ାବା ନିକଟରେ ଶୁକ୍ରବାର ଅପରାହ୍ନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୭ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ପାଞ୍ଚ ଜଣଙ୍କ ଅବସ୍ଥା ଖୁବ୍ ସଙ୍କଟାପନ୍ନ ଅବସ୍ଥାରେ ଥିବା ସୂଚନା ମିଳିଛି । ମିଳିଥିବା ସୂଚନା ମୁତାବକ ବାରିପଦା ଦିଗରୁ ଏକ ମାଲବାହୀ ଅଟୋ ନଂ ଓଡି୦୧ ଓ୍ୱାଇ ୯୭୫୦ ଆସୁଥିବା ବେଳେ ସମାନ ଦିଗରେ ଭୁଲ୍ ରାସ୍ତାରେ ଏକ ଯାତ୍ରୀବାହୀ ଅଟୋ ନଂ ଓଡି୦୧ ବିଏ ୭୮୧୮ ୬ ଜଣ ମହିଳାଙ୍କୁ ନେଇ ଯାଉଥିଲା । ସାମ୍ନାସାମ୍ନି ହୋଇଯିବା ପରେ ଭାରସାମ୍ୟ ହରାଇ ପରସ୍ପରକୁ ଧକ୍କା ଦେଇଥିଲେ ଅଟୋ ଦୁଇଟି । ଖବରପାଇ ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାଞ୍ଚ ଜଣଙ୍କ ଅବସ୍ଥା ଗୁରୁତର ଗୁରୁତର ଥିବା ଦେଖି ସେମାନଙ୍କୁ ବାରିପଦା ମୂଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ । ଅନ୍ୟ ଦୁଇ ଜଣଙ୍କର ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସା ଚାଲିଥିବା ଜଣାପଡ଼ିଛିଛ ପ୍ରାଥମିକ ଚିକିତ୍ସା ପରେ ଘରେ ପହଞ୍ଚିବାର କିଛି ସମୟ ପରେ ଜଣଙ୍କର ମୃତ୍ୟୁ ହୋଇ ଯାଇଥିଲା । ମୃତକର ନାମ ହାତୀଝରୀ ଗ୍ରାମର ଟାଙ୍ଗୁରୁ ଦେହୁରୀ ଙ୍କ ପୁଅ ଟବି ଦେହୁରୀ (୩୭) ବୋଲି ଜଣାଯାଇଛି ।

## ବ୍ରାଉନସୁଗର ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ

**ଭଦ୍ରକ, ୧୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ପୁଲିସ ଶନିବାର ଦିନ ୧୧ଟା ସମୟରେ ୮ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପୁଲିସ ଆଖୁଆପଦା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ପାଣିକୋଇଲି ଆଡୁ ଓଡି ୦୪ ଟି ୯୧୮୪ନଂ ବାଇକ ଯୋଗେ ୨ ଜଣ ବ୍ରାଉନସୁଗାର ବେପାରୀ ଆସୁଥିବା ସୂଚନା ପାଇ ସ୍ଥାନୀୟ ଲୋକଙ୍କ ସହାୟତାରେ କାବୁ କରିଥିଲେ। ଯାଜପୁର ଜିଲ୍ଲା କୁଆଖିଆ ଥାନା କୁସୁନପୁର ଗ୍ରାମର ସୁଧାଂଶୁ ପ୍ରଧାନ(୨୩) ଓ ମଧୁବନ ଗ୍ରାମର ତାପସ ଗିରି(୨୮)ଙ୍କ ଠାରୁ ୮ଗ୍ରାମ ବ୍ରାଉନସୁଗାର, ବାଇକ, ୨ଟି ମୋବାଇଲ ଓ ନଗଦ ୨୯ଶହ ଟଙ୍କା ଜବତ କରିବା ସହ ଗିରଫ କରିଥିଲେ। ଜବତ ବ୍ରାଉନସୁଗାର ବଜାର ମୂଲ୍ୟ ୮୦ ହଜାର ଟଙ୍କା ବୋଲି ଜଣାପଡିଛି । ମଞ୍ଜୁରୀରୋଡ ଫାଣ୍ଡି ଅଧିକାରୀ ବୁଦ୍ଧିରାମ ମହାନ୍ତିଙ୍କ ଅଭିଯୋଗ କ୍ରମେ ଥାନାରେ ୧୨/୨୬ନଂ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି ।

## ଦନ୍ତା ଆକ୍ରମଣରେ ବୃଦ୍ଧା ମୃତ

**ଅନୁଗୋଳ, ୧୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅନୁଗୋଳ ଜିଲା ଶଙ୍ଖପୁର ପଞ୍ଚାୟତ ଢିପପଦା ସାହିରେ ଜଣେ ମହିଳାଙ୍କୁ ଦଳଦେଇଛି ହାତୀ । ଢିପସାହିର ଇଚ୍ଛା ଦେହୁରୀ (୭୫) ଆଜି ଭୋର ସମୟରେ ଶୌଚପାଇଁ ଯାଇଥିବାବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ । ଖବର ପାଇ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକରି କରିଥିଲେଛ ତେବେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି ।

ସୂଚନାଯୋଗ୍ୟ, ଅନୁଗୋଳ ବନାଞ୍ଚଳରେ ହାତୀ ମଣିଷ ଲଢେଇରେ ବାରବାର ଜୀବନ ହାନୀ ଘଟୁଥିଲେ ମଧ୍ୟ ବନବିଭାଗ ଏଥିପ୍ରତି ସଜାଗ ହେଉ ନ ଥିବା ଅଭିଯୋଗ ହେଉଛି । ହାତୀ ଉପସ୍ଥିତ ନେଇ ଠିକ ଭାବରେ ଗ୍ରାମବାସୀ ମାନଙ୍କୁ ସୂଚନା ଦିଆଯାଉଥିବା ଅଭିଯୋଗରେ ହାତୀ ଆକ୍ରମଣ ଦାର ଗତ ୩୧ ତାରିଖରେ ସୁନାଭୂଇଁ ଝିଲି ବେହେରା (୩୫)ଙ୍କ ମୃତ୍ୟୁକୁ ନେଇ ରାସ୍ତାରୋକ ଓ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା । ଗତ ୧ ତାରିଖରେ ପୁନର୍ବାର ଏହି ବନାଞ୍ଚଳ ଅନ୍ତର୍ଗତ ଗୁରଙ୍ଗ ଖଇରା ସାହି ନିକଟରେ ଜଣେ ମାନସିକ ବିକାରଗ୍ରସ୍ତ ଅଚିହ୍ନା ଯୁବକଙ୍କ ହାତୀ ଆକ୍ରମଣରେ ମୃତ ହୋଇଥିଲା ।

### ଯଖପୁରାରେ ରୋଡ଼ ସୁରକ୍ଷାରେ ପୋଲିସର ପଦକ୍ଷେପ

## ସ୍କୁଲ ବସ୍ ସହ ବାଇକ-କାର୍‌ର କଡ଼ା ଯାଞ୍ଚ

**କଳିଙ୍ଗନଗର, ୧୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଯଖପୁରା ଅଞ୍ଚଳରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଓ ଯାତାୟାତ ନିୟମକୁ କଡ଼ାଭାବେ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଆଜି ଯଖପୁରା ପୋଲିସ ପକ୍ଷରୁ ଯଖପୁରା ଅବସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବିଶାଳ ରୋଡ଼ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସହ ଏକ ରାଲି ଆୟୋଜିତ ହୋଇଥିଲା ।




ଛାତ୍ରଛାତ୍ରୀଙ୍କ ସହ ଆୟୋଜିତ ଏହି ରାଲି ମାଧ୍ୟମରେ ଯାତାୟାତ ନିୟମ, ହେଲମେଟ ଓ ସିଟ ବେଲ୍ଟ ବ୍ୟବହାରର ଆବଶ୍ୟକତା, ଦ୍ରୁତଗତି ନିୟନ୍ତ୍ରଣ, ମଦ୍ୟପାନ କରି ଗାଡ଼ି ଚଳାଇବାର କୁଫଳ ଏବଂ ଟ୍ରାଫିକ ସିଗ୍ନାଲ ପାଳନ ଉପରେ ସାଧାରଣ ଲୋକ ଓ ଚାଳକମାନଙ୍କୁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯଖପୁରା ଉପ ଥାନା ଅଧିକାରୀ ଚିତ୍ତରଞ୍ଜନ ବଳବନ୍ତରାୟ, ବିକାଶ କୁମାର ନାୟକ, ହେଡ଼ କନଷ୍ଟେବଳ ବିଜୟ କୁମାର ସାହୁ ସହ ବହୁ ପୋଲିସ ଅଧିକାରୀ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଯାତାୟାତ ନିୟମ, ରାସ୍ତା ଚାଲିବା ସମୟରେ ସାବଧାନତା, ଅତିକ୍ରମ ସମୟରେ ସତର୍କତା ଓ ଟ୍ରାଫିକ ସିଗ୍ନାଲର ଗୁରୁତ୍ୱ ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ । ଦୁର୍ଘଟଣାର ମୂଳ କାରଣ ଓ ତାହାର ଭୟାବହ ପରିଣାମ ସମ୍ପର୍କରେ ମଧ୍ୟ ସଚେତନ କରାଯାଇଥିଲା । ସେହିପରି ବିଦ୍ୟାଳୟର ଶିକ୍ଷୟିତ୍ରୀ ସୋଭାଗ୍ୟ ଲକ୍ଷ୍ମୀ ରାଉତରାୟ ଓ ଶିକ୍ଷକ ଧନେଶ୍ୱର ସାହୁ, ସମୀର କୁମାର ସ୍ୱାଇଁ, ଜ୍ଞାନରଞ୍ଜନ ଦାସଙ୍କ ସହ ଅନ୍ୟାନ୍ୟ ଶିକ୍ଷକମାନେ ମଧ୍ୟ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ । ଏହାସହ ଯଖପୁରା ପୋଲିସ ପକ୍ଷରୁ ସ୍କୁଲ ବସ୍, ବାଇକ, କାର, ଟ୍ରକ ଓ ଅନ୍ୟାନ୍ୟ ବାହନର କଡ଼ା ଯାଞ୍ଚ କରାଯାଇଥିଲା । ଟ୍ରକ, ଟିପର ବସ୍‌ର ଫିଟନେସ୍, ଡ୍ରାଇଭିଂ ଲାଇସେନ୍ସ, ଇନ୍‌ସ୍ୟୁରାନ୍ସ, ଫାୟାର ଏକ୍ସଟିଙ୍ଗୁଇସର, ଓଭରଲୋଡିଂ ଓ ଗତିସୀମା ଭଳି ବିଭିନ୍ନ ମାନଦଣ୍ଡ ଯାଞ୍ଚ କରାଯାଇ ନିୟମ ଉଲ୍ଲଂଘନ କରୁଥିବା ଚାଳକମାନଙ୍କୁ ସଚେତନ କରାଯାଇଥିଲାଛ ଆଗାମୀ ଦିନରେ ଏପରି ଯାଞ୍ଚ ଆହୁରି କଡ଼ା ହେବ ବୋଲି ପୋଲିସ ସତର୍କ କରିଛି । ରାଲି ସମୟରେ ଛାତ୍ରଛାତ୍ରୀମାନେ ଦୁଇଚକିଆ ଓ ଚାରିଚକିଆ ଚାଳକମାନଙ୍କୁ ହେଲମେଟ ଓ ସିଟ ବେଲ୍ଟ ନ ବ୍ୟବହାର କରିବାରୁ ହେଉଥିବା ଅସୁବିଧା ବିଷୟରେ ବୁଝାଇଥିଲେ । ନିଶା ସେବନ ନ କରିବା, ଦ୍ରୁତଗତିରେ ଗାଡ଼ି ନ ଚଳାଇବା ଓ ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇବା ପାଇଁ ଅନୁରୋଧ କରାଯାଇଥିଲା । ସଚେତନତାର ଏକ ସନ୍ଦେଶ ଭାବେ ଚାଳକମାନଙ୍କୁ ଗୋଲାପ ଫୁଲ ଦେଇ ସୁରକ୍ଷିତ ଯାତାୟାତ ପାଇଁ ଅନୁରୋଧ କରାଯାଇଥିଲା । ନିୟମ ମାନି ଚାଲିବା ହିଁ ସଡ଼କ ଦୁର୍ଘଟଣା ରୋକିବାର ମୂଳ ମନ୍ତ୍ର ବୋଲି ପୋଲିସ ପକ୍ଷରୁ ସମସ୍ତଙ୍କୁ ସଚେତନ କରାଯାଇଥିଲା ।

## ବେଆଇନ ବାଲି ଉତ୍ତୋଳନ ଉପରେ ଚଢାଉ

**ଭଣ୍ଡାରିପୋଖରୀ, ୧୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭଣ୍ଡାରିପୋଖରୀ ପୁଲିସ ଓ ଭଦ୍ରକ ଲଘୁ ଖଣିଜ ବିଭାଗ ପକ୍ଷରୁ ମଣିନାଥପୁର ବାଲି ଉତ୍ତୋଳନ ଉପରେ ମିଳିତ ଚଢାଉ ହୋଇଥିବା ଜଣାଯାଇଛି । ଶୁକବ୍ରାର ସନ୍ଧ୍ୟାରୁ ଚଢାଉ ଆରମ୍ଭ ହୋଇ ରାତ୍ର ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ଚଢାଉ ବେଳେ ଗୋଟିଏ ପ୍ରୋକଲିନ ମେସିନ ସହ ୭ଟି ଟ୍ରାକ୍ଟର ଜବତ ହୋଇଥିଲା । ମାତ୍ର ଅନ୍ଧାର ସୁଯୋଗ ନେଇ ୪ଟି ଟ୍ରାକ୍ଟର ଖସିପଳାଇବାକୁ ସକ୍ଷମ ହୋଇଥିଲା। ୩ଟି ଟ୍ରାକ୍ଟରକୁ ଥାନାକୁ ଅଣାଯାଇଥିଲା । ଲଘୁଖଣିଜ ବିଭାଗ ପକ୍ଷରୁ ଜବତ ଟ୍ରାକ୍ଟର ଓ ପ୍ରୋକଲିନ ମେସିନ ଉପରେ ଜରିମାନା ହୋଇଛି। ଜରିମାନା ଆଦାୟ ନହେଲେ ମାମଲା ରୁଜୁ ହୋଇପାରେ ବୋଲି ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ ସୂଚନା ଦେଇଥିବା ବେଳେ ଲଘୁଖଣିଜ ଅଧିକାରୀ କୌଣସି ସୂଚନା ଦେଇନଥିଲେ।

## ବିମାନ ଦୁର୍ଘଟଣାରେ ଆହତ ୨ ଯାତ୍ରୀଙ୍କୁ ମୁମ୍ବାଇ ଏୟାରଲିଫ୍ଟ

**ରାଉରକେଲା, ୧୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଉରକେଲା ଉପକଣ୍ଠ ଜଲଦା ଅଞ୍ଚଳର ଏକ ବିଲରେ ବିମାନ ଦୁର୍ଘଟଣା ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି । ଏହି ଘଟଣା ପରେ ରାଉରକେଲାରେ ଡିଜିସିଏ ଟିମ୍ ପହଞ୍ଚି ତନାଘନା ଆରମ୍ଭ କରିଛି । ସେମାନଙ୍କ ସହ 'ଓ୍ୱାନ୍ ଏୟାର' କର୍ତ୍ତୃପକ୍ଷ, ଏଏଆଇବି ଟିମ୍ ପହଞ୍ଚି ଦୁର୍ଘଟଣାର ସବୁଦିଗକୁ ନେଇ ତଦନ୍ତ କରିଛନ୍ତି । ଘଟଣାସ୍ଥଳରେ ଏରିଏଲ୍ ସର୍ଭେ କରାଯିବା ସହ ଉଭୟ ପାଇଲଟ୍‌ଙ୍କ ସହ ଆଲୋଚନା କରିଛନ୍ତିଛ ସ୍ଥିତି ଅନୁଧ୍ୟାନ ପାଇଁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଧୀ ମଧ୍ୟ ରାଉରକେଲାରେ ପହଞ୍ଚିଛନ୍ତି । ରବିବାର ଦିନ ପ୍ରାୟ ୧୧ଟାରେ ରାଉରକେଲା ବିମାନବନ୍ଦରରେ ଓହ୍ଲାଇ ସେଠାରୁ ସିଧାସଳଖ ଜେପି ହସ୍ପିଟାଲରେ ପହଞ୍ଚିଥିଲେ । ଦୁର୍ଘଟଣାରେ ଆହତ ଯାତ୍ରୀ ଓ ପାଇଲଟ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଥିଲେ ।

ଅନ୍ୟପକ୍ଷରେ ଆହତ ଦମ୍ପତି ସବିତା ଓ ସୁନୀଲ ଅଗ୍ରୱାଲଙ୍କ ଅନୁରୋଧକ୍ରମେ ଉନ୍ନତ ଚିକିତ୍ସା ପାଇଁ ସେମାନଙ୍କୁ ମୁମ୍ବାଇ ଏୟାରଲିଫ୍ଟ କରାଯାଇଛି । ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି ଓ ସେମାନଙ୍କ ଜୀବନ ପ୍ରତି କୌଣସି ବିପଦ ନାହିଁ ବୋଲି ଶ୍ରୀମତୀ ପାଢ଼ୀ ସୂଚନା ଦେଇଛନ୍ତି । ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଓ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି) ଦଳକୁ ଘଟଣାସ୍ଥଳରେ ଏରିଏଲ୍ ସର୍ଭେ ପାଇଁ ହେଲିକପ୍ଟର ଯୋଗାଇ ଦିଆଯାଇଛି । ପରିସ୍ଥିତିର ପ୍ରଭାବଶାଳୀ ପରିଚାଳନା ଓ ସୁରକ୍ଷା ପ୍ରୋଟୋକଲର କଡ଼ା ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଶ୍ରୀମତୀ ପାଢ଼ୀ ସମସ୍ତ ଏଜେନ୍ସି ସହ ଯୋଗାଯୋଗରେ ଅଛନ୍ତି ବୋଲି କହିଛନ୍ତି । ଗୁରୁତର ଯାତ୍ରୀ ସୁଶାନ୍ତ ବିଶ୍ୱାଳ ଓ ଉଭୟ ପାଇଲଟ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ପଶ୍ଚିମାଞ୍ଚଳ ଡିଆଇଜି ସୂଚନା ଦେଇଛନ୍ତି ।

## ଭଗୀରଥ ସାଗରରେ ବିଦେଶାଗତ ପକ୍ଷୀଙ୍କ କଳରବ

**ଢେଙ୍କାନାଳ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ସହରର ମଧ୍ୟସ୍ଥଳରେ ୧୦ ଏକରରୁ ଉର୍ଦ୍ଧ୍ୱ ସ୍ଥାନରେ ରହିଛି ଢେଙ୍କାନାଳର ପ୍ରଥିତଯଶା ମହାରାଜା ଭଗୀରଥ ମହିନ୍ଦ୍ରବାହାଦୁରଙ୍କ ନାମରେ ନାମିତ ଭଗୀରଥ ସାଗର ବା ନୂଆପୋଖରୀ । ଏହି ବିସ୍ତୀର୍ଣ୍ଣ ପୁଷ୍କରିଣୀ ସଂପ୍ରତି ବିଦେଶାଗତ ଶୀତଦିନିଆ ପକ୍ଷୀଙ୍କ କଳରବରେ ମୁଖରିତ ହୋଇ ଉଠିଛି । ଶହଶହ ସଂଖ୍ୟାରେ ହଂସରାଡି ପ୍ରଜାତିର ପକ୍ଷୀ ଏଠାରେ ଜଳକ୍ରୀଡା କରୁଛନ୍ତି । କିନ୍ତୁ ଦୁଃଖର କଥା ଗତ ଦୁଇବର୍ଷ ଧରି ଏହି ପୁଷ୍କରିଣୀର ପୁନରୁଦ୍ଧାର ଓ ଖନନ କାର୍ଯ୍ୟ ପୌରସଂସ୍ଥା ଦ୍ୱାରା ଶେଷ ହୋଇପାରି ନାହିଁ । ଏବେବି ପୁଷ୍କରିଣୀ ମଧ୍ୟରେ ଠାଏଁ ଠାଏଁ ମାଟି ଗଦା ହୋଇ ରହିଛି । ସମାନ ପତନରେ ମାଟି ଖନନ ହୋଇନାହିଁ । ପୁଷ୍କରିଣୀ ଚାରିପଟେ ପକ୍କା ରାସ୍ତା ରହିଛି । ଏହା ଏଭଳି ଏକ ପୁଷ୍କରିଣୀ ଯାହାର ମଧ୍ୟ ଭାଗରେ ଚନ୍ଦନ ମନ୍ଦିର ରହିଛି । ଏହା ସଂଲଗ୍ନରେ ଢେଙ୍କାନାଳର ପରମାରାଧ୍ୟ ଦ୍ୱାପର



ଯୁଗାବତାର ଶ୍ରୀ ସିଦ୍ଧ ବଳରାମଙ୍କ ଭବ୍ୟ ପ୍ରତିକୃତି ନିର୍ମାଣ କରାଯାଇ ୪୫୦ବର୍ଷ ତଳେ ପ୍ରଭୁଙ୍କର ଢେଙ୍କାନାଳ ଆଗମନ ସମ୍ବନ୍ଧୀୟ କାହାଣୀ ଉପରେ ଏକ ଲେଜର୍ ଲାଇଟ୍ ଶୋ', ଯେପରି ବ୍ରହ୍ମପୁର ପୌରନିଗମ ପକ୍ଷରୁ ଏକ ବିସ୍ତିର୍ଣ୍ଣ ଜଳାଶୟରେ ଶିବଙ୍କ ଉପରେ କରାଯାଇଛି ତାହା କରାଯାଇପାରନ୍ତା । ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ କରାଯାଇ ପ୍ରାଚୀରକୁ ଲାଗି ବସିବା ନିମନ୍ତେ ସିମେଣ୍ଟ ଚେୟାର ପକାଗଲେ ଦର୍ଶକଙ୍କର ସୁବିଧା ହେବା ସଙ୍ଗେ ସଙ୍ଗେ ସଂଧ୍ୟାରୁ ରାତ୍ର ୯ଟା ଯାଏଁ ଏଥିଲାଗି ନିର୍ଦ୍ଧାରିତ ଦେୟ ବିନିମୟରେ ଏହି ଲେଜର ଶୋ' ଉପଭୋଗ କରିବା ପାଇଁ ସହରବାସୀ ଓ ପର୍ଯ୍ୟଟକଙ୍କୁ ସୁବିଧା ଦିଆଯାଇପାରନ୍ତା । ଅମୃତ ସହର ଯୋଜନା ଅନ୍ତର୍ଭୁକ୍ତ ଲକ୍ଷାଧିକ ଜନସଂଖ୍ୟା ବିଶିଷ୍ଟ ୪୫୦ବର୍ଷର ପ୍ରାଚୀନ ଢେଙ୍କାନାଳ ସହରରେ ଏଭଳି ଏକ ମହତ୍ତ୍ୱାକାଂକ୍ଷୀ ଯୋଜନାକୁ ବାସ୍ତବ ରୂପ ଦେବା ପାଇଁ ଜିଲ୍ଲା ପ୍ରଶାସନ ଓ ନିର୍ବାଚିତ ପୌରପରିଷଦ ଆଗେଇ ଆସିବାକୁ ଢେଙ୍କାନାଳ ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ସଭାପତି ପ୍ରଦ୍ୟୁମ୍ନ ରଥ, ସଂପାଦକ ଅଶୋକ ନନ୍ଦ ଓ ଏହାର ସଭ୍ୟବୃନ୍ଦ ଆଶାପ୍ରକଟ କରିବା ସହ ଏଥିପାଇଁ ଦାବି କରିଛନ୍ତି । ପୁଷ୍କରିଣୀ କୂଳରୁ ଚନ୍ଦନ ମନ୍ଦିର ଯାଏଁ ଏକ ଷ୍ଟିଲ୍ ସେତୁ ନିର୍ମାଣ କରାଗଲେ ଗ୍ରୀଷ୍ମକାଳରେ ଏହା ଅଧିକ ଉପଭୋଗ୍ୟ ହୋଇପାରନ୍ତା ।

## ଯୁବକର ଝୁଲନ୍ତା ମୃତଦେହ ଉଦ୍ଧାର

**ଭଦ୍ରକ, ୧୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ରଣଜିତ ପଞ୍ଚାୟତ ପାତାଳସିଂ ଗ୍ରାମର ଜୟରାମ ମୁଣ୍ଡା(୨୭)ର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ଜୟରାମ ଶନିବାର ସକାଳ ୭ଟା ସମୟରେ ନିକଟସ୍ଥ ସିମୁଳିଆ ଗ୍ରାମର ଧାନବିଲରୁ ନଡା ଆଣିବାକୁ ଯାଇ ଫେରିନଥିଲା। ପରିବାର ଲୋକେ ଖୋଜଖୋଜି କରି ଧାନବିଲ ମଧ୍ୟରେ ଥିବା ଅଶ୍ୱସ୍ତ ଗଛରେ ଝୁଲୁଥିବା ଅବସ୍ଥାରେ ଜୟରାମକୁ ଉଦ୍ଧାର କରି ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକର ଭାଇ ରାଜେନ୍ଦ୍ରଙ୍କ ଅଭିଯୋଗ କ୍ରମେ ଥାନାରେ ୧/୨୬ନଂ ଅପମୃତ୍ୟୁ ମାମଲା ରୁଜୁ ହୋଇ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛି ।

# ବ୍ରାହ୍ମଣୀ ପୋଲ ନିର୍ମାଣକୁ ୪ ବର୍ଷ ବିତିଲା, ତଥାପି ଅଧାପନ୍ତରିଆ

**ସୁନ୍ଦରଗଡ଼, ୧୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସୁନ୍ଦରଗଡ଼ ଗୁରୁଣ୍ଡିଆ ବ୍ଲକ ତାମଡ଼ା ପଞ୍ଚାୟତ ପିତାଗାଁ ବ୍ରାହ୍ମଣୀ ପୋଲ । ପ୍ରାୟ ୫୦୦ ମିଟର ଦୈର୍ଘ୍ୟ ପୋଲ ନିର୍ମାଣରେ ଖର୍ଚ୍ଚ ହୋଇଛି ୧୫ କୋଟିରୁ ଅଧିକ । ୨୦୧୭ ଡିସେମ୍ବର ୭ରେ ୨୩ ନମ୍ବର ଜାତୀୟ ରାଜପଥରୁ ରାବଣଝୋଲା ରାସ୍ତା ଓ ବ୍ରାହ୍ମଣୀପୋଲର ଶିଳାନ୍ୟାସ କରିଥିଲେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ । ଉପସ୍ଥିତ ଥିଲେ ପୂର୍ବତନ ରାଜ୍ୟସଭା ସାଂସଦ ଦିଲୀପ ତିର୍କୀ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଏମ୍ମା ଏକ୍କା । ନିର୍ମାଣକୁ ୪ ବର୍ଷ ଲାଗିଲା ଅର୍ଥାତ୍ ୨୦୨୧ ସୁଦ୍ଧା ସରିଲା । ହେଲେ ଆଜିକୁ ୪ ବର୍ଷ ବିତିଗଲା ପରେ ମଧ୍ୟ ବ୍ରାହ୍ମଣୀ ପୋଲ କାର୍ଯ୍ୟକ୍ଷମ ହୋଇପାରିଲାନି ।

ମୁଖ୍ୟରାସ୍ତାରୁ ପୋଲକୁ ସଂଯୋଗୀକରଣ ରାସ୍ତାର ବାଧକ ସାଜିଛି ପିତା ଗାଁର ୯ ପରିବାରଙ୍କ ଘର । କାରଣ ୯ ପରିବାର ଘର ଭାଙ୍ଗିଲେ ପୋଲକୁ ରାସ୍ତା ସଂଯୋଗ ହୋଇପାରିବ । ଉଚ୍ଛେଦ ହେବାକୁ ଯାଉଥିବା ସୁରେଶ ସାହୁ, କୁଶ ସାହୁ, ପୀତାମ୍ବର ବେହେରା, ବ୍ରଜ ସାମନ୍ତ, ନବୀନ ଚନ୍ଦ୍ର ଫକ୍କାର ଏମିତି ୯ ପରିବାର କ୍ଷତିପୂରଣ ମିଳିଲେ ରାସ୍ତା ଛାଡ଼ିବାକୁ ରାଜି ଅଛନ୍ତି । ନିକଟରେ ସ୍ଥିତି ଅନୁଧ୍ୟାନ କରିବାକୁ ଆସିଥିବା ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀଙ୍କୁ କ୍ଷତିଗ୍ରସ୍ତ ପରିବାର ଘର ଖଣ୍ଡିଏ ନିର୍ମାଣ କରିଦେଲେ, ରାସ୍ତା ଛାଡ଼ିଦେବୁ ବୋଲି ମଧ୍ୟ କହିଛନ୍ତି ।



ହେଲେ ଆଜି ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଫଳରେ ପୂର୍ବରୁ ଯେମିତି ତାମଡ଼ା ପଞ୍ଚାୟତ ସମେତ ପୋଲ ଅପରପାର୍ଶ୍ୱର ବାସିନ୍ଦା ହଇରାଣ ହରକତ ହେଉଥିଲେ, ଏବେ ତା'ଠୁ ଅଧିକ ସମସ୍ୟା ଭୋଗୁଛନ୍ତି । ବିଶେଷକରି ପରିବାବିକାଳି, ଛୋଟଛୋଟ ବ୍ୟବସାୟୀ ହାଟକୁ ଯିବାକୁ ଜୀବନକୁ ବାଜି ଲଗାଇ ଶିଡ଼ିରେ ପୋଲ ଉପରକୁ ଯାଉଛନ୍ତି । ସବୁଠୁ ଅଧିକ ଦୁଃଖ ଓ ଯନ୍ତ୍ରଣା ପାଉଛନ୍ତି ପିତାଗାଁ ଓ ଏହାର ପାର୍ଶ୍ୱବର୍ତ୍ତୀ ବାସିନ୍ଦା । ବିଷ୍ଣୁଚରଣ ଫତକାର କହିଛନ୍ତି, 'ପୂର୍ବରୁ ଛୋଟଡଙ୍ଗାରେ ଆମେ ବ୍ରାହ୍ମଣୀନଦୀ ପାରିହୋଇ ଅପରପାର୍ଶ୍ୱକୁ ଯାଉଥିଲୁ। ବର୍ଷାଦିନେ ସହରକୁ ଯିବା ଆମ ପାଇଁ ବହୁ କଷ୍ଟକର ଥିଲା । ଭାବିଥିଲୁ ପୋଲଟି ନିର୍ମାଣ ହେଲେ ଆମ ସମସ୍ୟା ଦୂର ହୋଇଯିବ । ପୋଲ ସିନା ନିର୍ମାଣ ହେଲା, ହେଲେ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ । ଗୁରୁଣ୍ଡିଆ ପଟେ ବୁଲି ଆସିବାକୁ ଆମକୁ ୨ ଘଣ୍ଟାରୁ ଅଧିକ ସମୟ ଲାଗୁଛି । କିଛି ପରିବାର ପୋଲ ଉପରେ ବାଇକ୍ ରଖି ଘରକୁ ଆସୁଛନ୍ତି । ସେମିତି ରାତି ସାରା ବାଇକ୍ ଓ ସାଇକେଲ ପୋଲ ଉପରେ ରହୁଛି । ତା' ପରଦିନ ଶିଡ଼ି ଚଢ଼ି ପୋଲ ଉପରକୁ ଯିବା ପରେ ବାଇକ୍ ଓ ସାଇକେଲ ଧରି କାମକୁ ବାହାରିବାକୁ ପଡୁଛି । ବିଭାଗୀୟ ଅଧିକାରୀ କହିଛନ୍ତି, ଜିଲ୍ଲାପାଳ ସ୍ଥିତି ଅନୁଧ୍ୟାନ କରିସାରିଛନ୍ତି । କ୍ଷତିଗ୍ରସ୍ତ ପରିବାରଙ୍କୁ ମାର୍ଚ୍ଚ ସୁଦ୍ଧା କ୍ଷତିପୂରଣ ଦେବାକୁ ପ୍ରୟାସ ଚାଲିଛି । ତା' ପରେ ରାସ୍ତା ନିର୍ମାଣରେ ପ୍ରତିବନ୍ଧକ ସାଜିଥିବା ପରିବାରକୁ ଉଚ୍ଛେଦକରି ପୋଲକୁ ସଂଯୋଗୀକରଣ ରାସ୍ତା ନିର୍ମାଣ କରାଯିବ । ଜମି ହସ୍ତାନ୍ତର ପ୍ରକ୍ରିୟା ବିଳମ୍ବ ହେଉଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି ସେ କହିଛନ୍ତି । ଆଉ ସମୟ ନ ଗଡ଼ାଇ ଜିଲ୍ଲାପାଳ ତୁରନ୍ତ ଆମ ଦୁଃଖ ଶୁଣିବା ଦରକାର ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି ।

ରୁଷ-ୟୁକ୍ରେନ ଯୁଦ୍ଧ ସରିବାର ନାଁ ନେଉନି । ଇରାନ ଉପରେ ଆମେରିକା ଚଢ଼ାଉ ଜାରି ରଖିଛି । ଇରାନ ଏବେ ଅଶାନ୍ତ । ଲୋକେ ଭୀତତ୍ରସ୍ତ । ସାମାନ୍ୟ ସ୍ୱାର୍ଥହାନି ହେଲେ ଯୁଦ୍ଧ କରିବାକୁ ପଛାଉ ନାହାନ୍ତି ବିକାଶଶୀଳ ଦେଶମାନେ । ଇରାନରେ ସରକାର ବିରୋଧୀ ବିଦ୍ରୋହ ଏବେ ତୃତୀୟ ସପ୍ତାହରେ ପହଞ୍ଚିଛି । ୪୮ ଘଣ୍ଟା ଭିତରେ ୨୦୦୦ ଲୋକ ମୃତାହତ ହୋଇଥିବା କଥା ଦାବି କରୁଛି ଆମେରିକା । ସିରିଆ ଉପରେ ଆମେରିକାର ବୋମା ବର୍ଷଣ ଜାରି ରହିଛି । ଆମେରିକା କୁଆଡ଼େ ଅତ୍ୟାଧୁନିକ ରହସ୍ୟମୟ ଅସ୍ତ୍ର ପ୍ରୟୋଗ କରୁଛି, ଯାହାଫଳରେ ସୈନିକମାନଙ୍କ ନାକରୁ ରକ୍ତ ବାହାରିବା ସହିତ ରକ୍ତବାନ୍ତି କରୁଛନ୍ତି ସୈନିକମାନେ । ସେମାନେ ଯୁଦ୍ଧ କରିବାକୁ ଅସମର୍ଥ ହେଉଛନ୍ତି । ଏସବୁ ଅସ୍ତ୍ର କ'ଣ ପରିବେଶ ପାଇଁ କ୍ଷତିକାରକ ନୁହେଁ?

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୧୩ ଜାନୁଆରୀ, ୨୦୨୬ | ମଙ୍ଗଳବାର

ଓଡ଼ିଶା ଏକ୍ସପ୍ରେସ୍

## ପରିବେଶ ଚିନ୍ତା ଏକ ଛଳନା

ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ସବୁଜିମା କମୁଛି । ଉତ୍ତାପ ବଢୁଛି । ଫଳରେ ଜଳବାୟୁର ପରିବର୍ତ୍ତନ ଘଟୁଛି । ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ଆମ ଶରୀରରେ ବିଭିନ୍ନ ନୂଆ ନୂଆ ରୋଗ ଦେଖାଦେଉଛି । ଜଳବାୟୁ ପରିବର୍ତ୍ତନର ପ୍ରଭାବ ଚାଷ ଉପରେ ମଧ୍ୟ ପଡୁଛି । ଅମଳ କମୁଛି । ଋତୁ ବଦଳିଯାଉଛି ଜଳବାୟୁ ପରିବର୍ତ୍ତନର ପ୍ରଭାବରେ । କେତେବେଳେ ବାଦଲଫଟା ବର୍ଷା ତ ପୁଣି କେତେବେଳେ ବର୍ଷାର ଦେଖାନାହିଁ । ମୌସୁମୀ ଖୁବ୍ ବିଶୃଙ୍ଖଳିତ ଆମ ଦେଶରେ ।

ସମଗ୍ର ବିଶ୍ୱ ଜଳବାୟୁ ପରିବର୍ତ୍ତନକୁ ନେଇ ଚିନ୍ତାରେ । ମୁରବୀ ଶ୍ରେଣୀୟ ଦେଶମାନେ ଏକାଠି ହୋଇ ଏ ସମସ୍ୟାର ସମାଧାନ ଦିଗରେ ବିଚାରବିମର୍ଶ କରୁଛନ୍ତି, ଏଥିପାଇଁ ମଣିଷ ଏବଂ ସଭ୍ୟତା ଦାୟୀ ବୋଲି ନିଷ୍କର୍ଷରୁ ଜଣାଯାଇଛି ।

ବ୍ୟାପକ ସହରୀକରଣ ପାଇଁ, ବ୍ୟାପକ ଗଛ କଟାଚାଲିଛି । ଜଙ୍ଗଲ ସହର ପାଲଟୁଛି । କଂକ୍ରିଟ ଜଙ୍ଗଲ ଉତ୍ତାପ ବଢ଼ାଉଛି, ଏଥିରେ କରକାରଖାନାର ମଧ୍ୟ ସହଯୋଗ ରହିଛି । ଉତ୍ତାପ ବଢ଼ିବା କାରଣରୁ ମେରୁ ଅଞ୍ଚଳରେ ବରଫ ତରଳିବାକୁ ଆରମ୍ଭ କରିଛି । ଏହାର ପ୍ରଭାବରେ ମଧ୍ୟ ଜଳବାୟୁ ପରିବର୍ତ୍ତନ ଘଟୁଛି ବୋଲି ପରିବେଶବିତ୍‌ମାନେ ମତ ଦିଅନ୍ତି ।

ବିଶ୍ୱର ବିକାଶଶୀଳ- କ୍ଷମତାଶୀଳ ଦେଶମାନେ ଗୋଟେପଟେ ଜଳବାୟୁ ପରିବର୍ତ୍ତନକୁ ନେଇ ବ୍ୟଥିତ ହେବା ସହିତ ସମତାଳରେ ଯୁଦ୍ଧ ମଧ୍ୟ ଜାରି ରଖିଛନ୍ତି । ଯୁଦ୍ଧରେ ଯେଉଁସବୁ ଅସ୍ତ୍ରଶସ୍ତ୍ର ବ୍ୟବହାର କରାଯାଉଛି ତାହା ଯେ ପ୍ରଦୂଷଣ ବଢ଼ାଉଛି ଏକଥା ନିଶ୍ଚିତ ଭାବରେ ସେମାନଙ୍କୁ ଅଜଣା ନାହିଁ । କ୍ଷେପଣାସ୍ତ୍ର ଏବଂ ଆଗ୍ନେୟାସ୍ତ୍ରରୁ ନିର୍ଗତ ଧୂଆଁ ପ୍ରଦୂଷଣ ବଢ଼ାଇବା ସହିତ ମଣିଷ ପାଇଁ ଘାତକ ମଧ୍ୟ ସାଜୁଛି । ଏକ ସଜଡ଼ା ଦେଶ ଉଜୁଡ଼ି ମଧ୍ୟ ଯାଉଛି ।

ଯୁଦ୍ଧ ଏକ ନିଷ୍ଠୁରତା ଏବଂ କ୍ରୁରତାର ପରିଚାୟକ । ଆମେ ଗୋଟେପଟେ ଶାନ୍ତି ଖୋଜୁଛେ, ଅନ୍ୟପଟେ ଯୁଦ୍ଧ ଜାରି ରଖିଛେ । ଏସବୁକୁ ଛଳନା ଛଡ଼ା ଆଉ କ'ଣ କୁହାଯାଇପାରିବ? ଦେଶ ଦେଶ ଭିତରେ ଯୁଦ୍ଧ, ରାଜ୍ୟ ରାଜ୍ୟ ମଧ୍ୟରେ ସୀମାକୁ ନେଇ ବିବାଦ ।


ଯୁଦ୍ଧ ମାନସିତତା ଖୁବ୍ ପୁରୁଣା ମାନସିକତା । ଏକ ଜିଦ୍‌ଖୋର ପ୍ରକୃତି । ଆମେ ବିଜ୍ଞାନକୁ ଆମ ଅୟସ ଆରାମ ପାଇଁ କାମରେ ଲଗାଇବା ସମୟରେ ସେଇ ବିଜ୍ଞାନ ଜ୍ଞାନକୌଶଳକୁ ଯୁଦ୍ଧ ପାଇଁ ମଧ୍ୟ ବ୍ୟବହାର କରୁଛେ । ଗୋଟେପଟେ ବିଜ୍ଞାନ ବିକାଶରେ ସହାୟକ ହେଉଥିବା ସମୟରେ ଅନ୍ୟପଟେ ଏହା ବିନାଶକାରୀ ମଧ୍ୟ ହେଉଛି । ଏଥିପାଇଁ ଆମେ ବିଜ୍ଞାନକୁ ଦୋଷ ଦେଇପାରିବାନି । ବିଜ୍ଞାନର ପ୍ରୟୋଗ ଆମ ହାତରେ ହିଁ ରହିଛି ।

ରୁଷ-ୟୁକ୍ରେନ ଯୁଦ୍ଧ ସରିବାର ନାଁ ନେଉନି । ଇରାନ ଉପରେ ଆମେରିକା ଚଢ଼ାଉ ଜାରି ରଖିଛି । ଇରାନ ଏବେ ଅଶାନ୍ତ । ଲୋକେ ଭୀତତ୍ରସ୍ତ । ସାମାନ୍ୟ ସ୍ୱାର୍ଥହାନି ହେଲେ ଯୁଦ୍ଧ କରିବାକୁ ପଛାଉ ନାହାନ୍ତି ବିକାଶଶୀଳ ଦେଶମାନେ । ଇରାନରେ ସରକାର ବିରୋଧୀ ବିଦ୍ରୋହ ଏବେ ତୃତୀୟ ସପ୍ତାହରେ ପହଞ୍ଚିଛି । ୪୮ ଘଣ୍ଟା ଭିତରେ ୨୦୦୦ ଲୋକ ମୃତାହତ ହୋଇଥିବା କଥା ଦାବି କରୁଛି ଆମେରିକା । ସିରିଆ ଉପରେ ଆମେରିକାର ବୋମା ବର୍ଷଣ ଜାରି ରହିଛି । ଆମେରିକା କୁଆଡ଼େ ଅତ୍ୟାଧୁନିକ ରହସ୍ୟମୟ ଅସ୍ତ୍ର ପ୍ରୟୋଗ କରୁଛି, ଯାହାଫଳରେ ସୈନିକମାନଙ୍କ ନାକରୁ ରକ୍ତ ବାହାରିବା ସହିତ ରକ୍ତବାନ୍ତି କରୁଛନ୍ତି ସୈନିକମାନେ । ସେମାନେ ଯୁଦ୍ଧ କରିବାକୁ ଅସମର୍ଥ ହେଉଛନ୍ତି । ଏସବୁ ଅସ୍ତ୍ର କ'ଣ ପରିବେଶ ପାଇଁ କ୍ଷତିକାରକ ନୁହେଁ?

ଦେଶ ଦେଶ ଭିତରେ ଯୁଦ୍ଧ ଜାରି ରହିଲେ ଏହା ଜଳବାୟୁ ପରିବର୍ତ୍ତନର କାରଣ ତ ନିଶ୍ଚିତ ଭାବରେ ହେବ ଏଥିସହିତ ମଣିଷର ଶାନ୍ତି ମଧ୍ୟ ବ୍ୟାଘାତ ହେବ । ସମଗ୍ର ବିଶ୍ୱ ଅର୍ଥନୀତି ଉପରେ ଯୁଦ୍ଧର ପ୍ରଭାବ ନିଶ୍ଚିତ ଭାବରେ ପଡ଼ିବ ।

ଯେଉଁ ଦୁଇଟି ପ୍ରସଙ୍ଗ ଉପରେ ବିଶ୍ୱ ନେତାମାନେ ଏକାଠି ବସୁଛନ୍ତି, ତାହାହେଲା- ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱଶାନ୍ତି । ଏ ଦୁଇଟିର ହନନ ସେଇମାନେ ହିଁ କରୁଛନ୍ତି ଅଧିକ । ଯୁଦ୍ଧ ଯେ ସମାଧାନର ବାଟ ନୁହେଁ ଏବଂ ସାଧାରଣ ଲୋକେ ଯୁଦ୍ଧ ଚାହାଁନ୍ତିନି ଏଥିରେ ସନ୍ଦେହ ନାହିଁ । ଏବେ ମଣିଷ ପାଖରେ ସମସ୍ୟାର ଅଭାବ ନାହିଁ । ତେଣୁ ଯୁଦ୍ଧ ତା' ପାଇଁ ନିଶ୍ଚିତ ଭାବରେ ଏକ ଅଭିଶାପ ଛଡ଼ା ଆଉ କିଛି ନୁହେଁ ବୋଲି ଧରିନେବାକୁ ପଡ଼ିବ ।

# ଆସନ୍ତୁ, ଆମେରିକା ତିଆରି ସାମଗ୍ରୀକୁ ରାସ୍ତାରେ କଚାଡି କଚାଡି ଭାଙ୍ଗିବା



## ତୁଷମ୍ ଇବ ମନ୍ଥନମ୍- ଚକ୍ଷୁକୁଟା କାମ

ତୁଷାରକାନ୍ତ

ଡୋନାଲ୍ଡ ଟ୍ରମ୍ପଙ୍କର 'Escalator Momen (ଏସ୍କାଲେଟର ମୁହୂର୍ତ୍ତ)' ହେଉଛି ଆମେରିକା ରାଜନୀତିର ଏକ ଐତିହାସିକ ଘଟଣା, ଯାହା ଜୁନ୍ ୧୬, ୨୦୧୫ ମସିହାରେ ଘଟିଥିଲା ।

(୧) ୨୦୧୫ ଜୁନ୍ ୧୬ ତାରିଖରେ ଡୋନାଲ୍ଡ ଟ୍ରମ୍ପ ନ୍ୟୁୟର୍କ ସହରରେ ଥିବା ନିଜର ବହୁତଳ ପ୍ରାସାଦ 'ଟ୍ରମ୍ପ ଟାୱାର'ର ଏକ ସୁନେଲି ରଙ୍ଗର ଏସ୍କାଲେଟର (ଚଳନ୍ତା ପାହାଚ) ସାହାଯ୍ୟରେ ତଳକୁ ଓହ୍ଲାଇଥିଲେ । ସେ ସମୟରେ ତାଙ୍କ ସହ ତାଙ୍କ ପତ୍ନୀ ମେଲାନିଆ ଟ୍ରମ୍ପ ମଧ୍ୟ ଥିଲେ ।

(୨) ରାଷ୍ଟ୍ରପତି ନିର୍ବାଚନ ପାଇଁ ଘୋଷଣା: ଏସ୍କାଲେଟରରେ ଓହ୍ଲାଇବା ପରେ ସେ ଏକ ମଞ୍ଚକୁ ଯାଇଥିଲେ ଏବଂ ଘୋଷଣା କରିଥିଲେ ଯେ, 'ସେ ୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଲଢ଼ିବେ ।'

(୩) ପ୍ରଥମ ପ୍ରତିକ୍ରିୟା:- ସେହି ସମୟରେ ଅନେକ ଲୋକ ଏହାକୁ ଗୁରୁତର ସହ ନେଇନଥିଲେ ଏବଂ ଏହାକୁ ଏକ 'ପ୍ରଚାର ପ୍ରହେଳିକା' ବୋଲି ଭାବିଥିଲେ । କିନ୍ତୁ ଏହି ଘଟଣା ହିଁ ତାଙ୍କୁ ବିଶ୍ୱ ରାଜନୀତିର କେନ୍ଦ୍ରବିନ୍ଦୁକୁ ଆଣିଥିଲା ।

(୪) ବିବାଦୀୟ ଭାଷଣ:- ସେହି ଦିନ ହିଁ ସେ ମେକ୍ସିକୋରୁ ଆସୁଥିବା ଶରଣାର୍ଥୀଙ୍କ ବିଷୟରେ କଠୋର ଟିପ୍ପଣୀ ଦେଇଥିଲେ ଏବଂ ଆମେରିକା-ମେକ୍ସିକୋ ସୀମାରେ 'ପ୍ରାଚୀର (The Wall) ତିଆରି କରିବି' କହି ଚର୍ଚ୍ଚାରେ ରହିଥିଲେ ।

(୫) 'ଆଉଥରେ ଆମେରିକାକୁ ମହାନକରି ଗଢିତୋଳିବା (MAGA)':- ଏହିଠାରୁ ହିଁ ତାଙ୍କର ପ୍ରସିଦ୍ଧ ସ୍ଲୋଗାନ 'Make America Great Again- ମାଗା'ର ପ୍ରଚାର ଜୋରସୋରରେ ଆରମ୍ଭ ହୋଇଥିଲା ।

ଏଠାରେ ପ୍ରଣିଧାନଯୋଗ୍ୟ ଯେ, ଆମ ଯଶସ୍ୱୀ ବିଶ୍ୱଗୁରୁ ପ୍ରଧାନମନ୍ତ୍ରୀ ମୋଦିଜୀ, ତା୧୩.୨.୨୦୨୫ରିଖରେ ଆମେରିକାର ରାଷ୍ଟ୍ରପତି ଭବନରେ (White House in Washington, D.C.), ରାଷ୍ଟ୍ରପତି ମିଷ୍ଟର ଡୋନାଲ୍ଡ ଟ୍ରମ୍ପଙ୍କ ଉପସ୍ଥିତରେଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, 'MAKE AMERICA GREAT AGAIN (MAGA ମାଗ) MAKE INDIA GREAT AGAIN (MIGA-ମିଗା) MEGA.'(ବୃହତ ସମୃଦ୍ଧିରେ ସହଭାଗିତା- Great Partnership for Prosperity)

(୬) ମୁଖ୍ୟ କଥା:- ରାଜନୈତିକ ବିଶ୍ଳେଷକଙ୍କ ମତରେ, ଏହି 'ଏସ୍କାଲେଟର ମୁହୂର୍ତ୍ତ' ହିଁ ଟ୍ରମ୍ପଙ୍କୁ ଜଣେ ବ୍ୟବସାୟୀରୁ ଶକ୍ତିଶାଳୀ ନେତା ଭାବରେ ପରିଚୟ ଦେଇଥିଲା, ଯାହା ପରବର୍ତ୍ତୀ ସମୟରେ ତାଙ୍କୁ ଦୁଇଥର 'ଆମେରିକାର ରାଷ୍ଟ୍ରପତି ଭବନ 'ହ୍ୱାଇଟ ହାଉସ୍ (White House)' ପର୍ଯ୍ୟନ୍ତ ପହଞ୍ଚାଇଛି ।

(୭) ୨୦୧୬, ୨୦୧୯ ଓ ୨୦୨୪ ମସିହାର ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପଙ୍କ ଜିତାପଟ ପାଇଁ ଆମଦେଶର ହିନ୍ଦୁସେନା ସଙ୍ଗଠନର ମୁଖ୍ୟ ବିଷ୍ଣୁ ଗୁପ୍ତା ଅନେକଥର ଯଜ୍ଞ, ହୋମ, ପ୍ରାର୍ଥନା ଓ ପୂଜାର୍ଚ୍ଚନା କରିଥିଲେ । ୨୦୧୬ ମସିହାରେ ତାଙ୍କର ଏଭଳି କାର୍ଯ୍ୟକ୍ରମରୁ ପ୍ରେରଣା ପାଇ ଦେଶର ବହୁସ୍ଥାନରେ ଏଭଳି ବହୁତ କାର୍ଯ୍ୟକ୍ରମ ସଙ୍ଗଠିତ ହୋଇଥିଲା, ବିଶେଷକରି ଟ୍ରମ୍ପ ମୁସଲମାନ ବିରୋଧୀ ମନୋଭାବ ସମ୍ପନ୍ନ ହୋଇଥିବାରୁ । ଟ୍ରମ୍ପ ତା୧୪.୬.୧୯୪୬ ରିଖରେ ଜନ୍ମଗ୍ରହଣ କରିଥିବାରୁ, ୨୦୧୬ ମସିହାରୁ ୨୦୨୩ ମସିହା ପର୍ଯ୍ୟନ୍ତ ଟ୍ରମ୍ପଙ୍କ ଜନ୍ମଦିନ ଜୁନ ୧୪ ତାରିଖରେ, ଏଠାର କିଛି ଭାରତୀୟ ଏଠାରେ 'କେକ୍ କଟା ଜନ୍ମଦିନ ପାଳନ ଉତ୍ସବ'ର ଆୟୋଜନ ବି କରିଥିଲେ ।

(୮) ଉପରେଥିବା ୫ କ୍ରମିକ ନମ୍ବରରେ ମୋଦିଜୀଙ୍କ MEGA ବୟାନ ପରଠାରୁ ମୋଦିଜୀ ଓ ଟ୍ରମ୍ପ ମହାଶୟଙ୍କ ଭିତରର ସମ୍ପର୍କ ଏତେ ମାତ୍ରାରେ ନିବିଡ଼ ହୋଇଥିଲା ଯେ, (କ) ତା୨୨.୯.୨୦୧୯ରିଖରେ ଆମେରିକାର ହୁଇଷ୍ଟନ ସହର ଅନ୍ତର୍ଗତ NRG ଷ୍ଟାଡିୟମରେ ଏକ ବିଶାଳ ଜନସମାଗମର How di, Modi, Shared Dream, Bright Future' ଶୀର୍ଷକ ଏକ ଉତ୍ସବରେ, ଆମ ଯଶସ୍ୱୀ ବିଶ୍ୱଗୁରୁ ପ୍ରଧାନମନ୍ତ୍ରୀ ମୋଦିଜୀ, ଟ୍ରମ୍ପ ମହାଶୟଙ୍କର ଗୋଟିଏ ହାତକୁ ନିଜର ଗୋଟିଏ ହାତରେ ଟେକିଧରି ବାରମ୍ବାର 'ଅବ କି ବାର, ଟ୍ରମ୍ପ ସରକାର' ଭଳି ଆହ୍ୱାନ ଦେବାପରେ, ଏହାର ପ୍ରତ୍ୟୁତ୍ତରରେ ଉପସ୍ଥିତ ଜନତା ବି ତାହାକୁ ବାରମ୍ବାର ଦୋହରାଇଥିଲେ । (ଖ) ପୁନଃଶ୍ଚ, ଏଭଳି ଉତ୍ସବର ଦ୍ୱିତୀୟ ଦଫା, ତା୨୪.୯.୨୦୨୦ରିଖରେ ଆମ ଦେଶର ପ୍ରଥମ ସମ୍ପୂର୍ଣ୍ଣ ରାମରାଜ୍ୟ ଗୁଜରାଟର 'ନରେନ୍ଦ୍ର ମୋଦି ଷ୍ଟାଡିୟମରେ 'NAMASTE TRUMP, SHARED DREAM, BRIGHT FUTURE' ଶୀର୍ଷକ ଏକ କାର୍ଯ୍ୟକ୍ରମ ଜରିଆରେ ପାଳିତ ହୋଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମିଷ୍ଟର ଟ୍ରମ୍ପଙ୍କ ସମ୍ମାନାର୍ଥେ, ସେ କାରରେ ଯାଇଥିବା ରାସ୍ତାର ବସ୍ତି ତଥା ଅନଗ୍ରସର ଅଞ୍ଚଳର ଦୁଇକଡକୁ ରଙ୍ଗୀନ ପାଲରେ ଆଚ୍ଛାଦିତ କରାଯାଇଥିଲା, ତାଙ୍କ ଦୃଷ୍ଟିରେ ଗୁଜରାଟ ଭଳି ରାମରାଜ୍ୟର ଏଭଳି ଦୃଷ୍ଟି ଏଡାଯିବାପାଇଁ ।

ଏହି ନିର୍ବାଚନରେ ମଧ୍ୟ ତାଙ୍କର ସଫଳତା ପାଇଁ ଅନେକ ଅନୁଷ୍ଠାନ, ବ୍ୟକ୍ତିବିଶେଷଙ୍କ ତରଫରୁ ନିର୍ଜଳା ପୂଜାର୍ଚ୍ଚନା, ହୋମ, ଯଜ୍ଞ ଓ ପ୍ରାର୍ଥନା କରାଯାଇଥିଲା । କିନ୍ତୁ, ତା୩.୧୧ ୨୦୨୪ ରିଖର ନିର୍ବାଚନରେ ଟ୍ରମ୍ପ ମହାଶୟ ହାରି ଯାଇଥିଲେ ।

(୯)୨୦୨୪ ମସିହାରେ ଦ୍ୱିତୀୟଥର ପାଇଁ ଟ୍ରମ୍ପ ମହାଶୟ ବିଜୟ ହାସଲ କରିବାପରେ ଆମ ଯଶସ୍ୱୀ ବାବା ରାମଦେବ ମହାଶୟ, ତା୭.୧୧.୨୦୨୪ ରିଖରେ ସମ୍ବାଦ ପରିବେଷଣକାରୀ ସଂସ୍ଥା ANIକୁ ସାକ୍ଷାତକାର ଦେଇ କହିଥିଲେ ଯେ 'ଡୋନାଲ୍ଡ ଟ୍ରମ୍ପ ହେଉଛନ୍ତି 'ସନାତନ'ର ସମର୍ଥକ ଏବଂ ଭାରତକୁ ଭଲ ପାଆନ୍ତି । ଏହା ଉଭୟ ଆମେରିକା ଓ ଭାରତବର୍ଷର ନୂଆ ରାଷ୍ଟ୍ରବାଦ ।'

(୧୦) କିନ୍ତୁ, ଦ୍ୱିତୀୟଥରର ଜିତାପଟପରେ ମିଷ୍ଟର ଟ୍ରମ୍ପଙ୍କର ଭାରତବର୍ଷ ତଥା ମୋଦିଜୀଙ୍କ ପ୍ରତି ମନୋଭାବ ସମ୍ପୂର୍ଣ୍ଣ ଓଲଟିପଡିବା ତଥା ସେ ଅଧିକ ଟାରିଫ ଲଗାଇବାକୁ ଧମକ ଦେବାପରେ, ତା୭.୧୧.୨୦୨୪ ରିଖରେ ଯଶସ୍ୱୀ ବାବା ରାମଦେବ ତାଙ୍କୁ କରିଥିବା ଭୂୟସୀ ପ୍ରଶଂସାରୁ ଓହରିଯାଇ ତା୨୩.୩.୨୦୨୫ରିଖରେ କହିଥିଲେ, 'ଟ୍ରମ୍ପ ଆନ୍ତର୍ଜାତିକ ଅର୍ଥନୈତିକ ସ୍ଥାୟିତ୍ୱରେ ବାଧା ଆଣୁଛନ୍ତି, ସେ ଜଣେ ଟାରିଫ ସନ୍ତ୍ରାସବାଦୀ ।'

(୧୧) ୨୦୧୬, ୨୦୧୯ ଓ ୨୦୨୪ ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପଙ୍କର ଜିତାପଟପାଇଁ ଯେଉଁ ବିଷ୍ଣୁ ଗୁପ୍ତାଙ୍କ ହୋମ, ଯଜ୍ଞ, ପ୍ରାର୍ଥନା ଓ ପୂଜାର୍ଚ୍ଚନାରେ ଅନୁପ୍ରାଣିତ ହୋଇ ଦେଶର କୋଟି କୋଟି ଲୋକ ଏଭଳି କରିଥିଲେ, ମିଷ୍ଟର ଟ୍ରମ୍ପ ଓଲଟି ପଡିବା ପରେ ସେହି ଶ୍ରୀ ଗୁପ୍ତା ବି ଓଲଟିପଡି ତା୨୨.୯.୨୦୨୫ରିଖରେ କହିଥିଲେ ଯେ, 'ଟ୍ରମ୍ପ ତାଙ୍କର ଭଲପଣିଆ ହରେଇଛନ୍ତି । ତାଙ୍କର ପାକିସ୍ତାନ ପ୍ରୀତି ମୋ (ଗୁପ୍ତାଙ୍କର) ହୃଦୟକୁ ବିଦାରିତ କରୁଛି ।'

(୧୨) ଟ୍ରମ୍ପ ଓଲଟି ପଡ଼ିଲେ କାହିଁକି? (କ) ତା୫.୧୧.୨୦୨୪ ରିଖର ଆମେରିକା ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଆମ ଯଶସ୍ୱୀ ବିଶ୍ୱଗୁରୁ ପ୍ରଧାନମନ୍ତ୍ରୀ ମୋଦିଜୀ ତା ୨୧.୯. ୨୦୨୪ରିଖରୁ ତା୨୩.୯.୨୦୨୪ରିଖ ପର୍ଯ୍ୟନ୍ତ ଆମେରିକାରେ ରହିଥିଲେ, ଯେତେବେଳେ କି ମିଷ୍ଟର ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ନଥିଲେ । ସେ ଆଶା କରିଥିଲେ ଯେ 'ତାଙ୍କର ଘନିଷ୍ଠ ବନ୍ଧୁ ଆମ ଯଶସ୍ୱୀ ମୋଦିଜୀ ତାଙ୍କୁ ଭେଟିବେ', କିନ୍ତୁ ଏଭଳି ଘଟିନଥିଲା, (ଖ) ହୁଏତ, ଉପର ୪ ନମ୍ବରରେ ବର୍ଣ୍ଣିତ 'ମୋଦିଜୀ ଟ୍ରମ୍ପଙ୍କୁ ନ ଭେଟିବା' ଘଟଣାରେ ଚିଡିକିଯାଇ, ଟ୍ରମ୍ପ ମହାଶୟ ତା୨୦.୧.୨୦୨୫ରିଖରେ ହୋଇଥିବା ତାଙ୍କର ଦ୍ୱିତୀୟଥରର ଶପଥ ଗ୍ରହଣ ଉତ୍ସବକୁ ବହୁତ ରାଷ୍ଟ୍ରୀର ମୁଖ୍ୟମାନଙ୍କୁ ନିମନ୍ତ୍ରଣ କରିଥିଲେ ମଧ୍ୟ ମୋଦିଜୀଙ୍କୁ ବ୍ୟକ୍ତିଗତଭାବେ ନିମନ୍ତ୍ରଣ କରିନଥିଲେ ଓ ମୋଦିଜୀ ଯାଇନଥିଲେ, (ଗ) ତା୧୩.୨.୨୦୨୫ରିଖରୁ ତା୧୫.୨.୨୦୨୫ରିଖ ଭିତରେ ଟ୍ରମ୍ପ ମହାଶୟଙ୍କ ସହିତ ମୋଦିଜୀଙ୍କ ଭେଟପାଇଁ ମୋଦିଜୀ ହ୍ୱାଇଟ୍ ହାଉସ୍‌ରେ ପହଞ୍ଚିବା ସମୟରେ ଜଣେ ସାଧାରଣ ଅଧିକାରୀ ତାଙ୍କୁ ସ୍ୱାଗତ ଜଣାଇଥିଲେ, ଟ୍ରମ୍ପ ନିଜେ ଦୁଆରମୁହଁ ପର୍ଯ୍ୟନ୍ତ ଆସିନଥିଲେ, (ଘ) 'ଅପରେସନ ସିନ୍ଦୁର' ଜରିଆରେ ପାକିସ୍ତାନ ଉପରେ ଆମର ଐତିହାସିକ ବିଜୟପରେ, ପାକିସ୍ତାନ କର୍ତ୍ତୃପକ୍ଷ ମିଆଁଉ ମିଆଁଉ ହୋଇ ତା୧୦.୫.୨୦୨୫ ରିଖରେ ସମଝୋତା କରିବାପାଇଁ ଆମ କର୍ତ୍ତୃପକ୍ଷଙ୍କ ପାଖରେ ନେହୁରା ହେବାପରେ, ଆମ ପକ୍ଷରୁ ତାହା ଗୃହିତ ହୋଇଥିଲା । ତେବେ, ଏହା ଘୋଷଣା ହେବାର ଠିକ୍ ୧୦ ମିନିଟ ପୂର୍ବରୁ ମିଷ୍ଟର ଟ୍ରମ୍ପ, ତାଙ୍କର ସାମାଜିକ ଗଣମାଧ୍ୟମ ଜରିଆରେ ସମଗ୍ର ପୃଥିବୀକୁ ଜଣେଇଥିଲେ ଯେ ପାକିସ୍ତାନ ଓ ଭାରତକୁ ଅଧିକ ଟାରିଫ (ଶୁଳ୍କ)ର ଭୟ ଦେଖେଇ ମୁଁ ପୃଥିବୀକୁ ଦୁଇଦେଶ ମଧ୍ୟରେ ଗୋଟିଏ ପରମାଣୁ ଅସ୍ତ୍ରଜନିତ ଯୁଦ୍ଧରୁ ରକ୍ଷା କରିଛି ଓ ମୋତେ 'ଶାନ୍ତିପାଇଁ ନୋବେଲ ପୁରସ୍କାର' ମିଳିବା ଉଚିତ୍ । (ଙ) ଆମଦେଶ ତରଫରୁ ବାରମ୍ବାର 'ପାକିସ୍ତାନ ଓ ଭାରତ ଭିତରେ ସମଝୋତାରେ କୌଣସି ତୃତୀୟ ଦେଶର ହସ୍ତକ୍ଷେପ ନାହିଁ'କୁହାଗଲେ ମଧ୍ୟ, ଦୁନିଆଁର ବିଭିନ୍ନ ପ୍ରାନ୍ତରେ ମିଷ୍ଟର ଟ୍ରମ୍ପ ୬୦ଥରରୁ ଅଧିକଥର କହି ସାରିଲେଣି ଯେ, 'ସେ ହିଁ ଅଧିକ ଟାରିଫର ଭୟ ଦେଖାଇ ଏଭଳି ସମଝୋତା କରେଇଛନ୍ତି ।' (ଚ) ଆମ ଯଶସ୍ୱୀ ବିଶ୍ୱଗୁରୁ ମୋଦିଜୀ ଟ୍ରମ୍ପ ମହାଶୟଙ୍କର ଏଭଳି ବକ୍ତବ୍ୟ ଉପରେ ରାଜନୈତିକ ସୌଜନ୍ୟତାରୁ ନୀରବ ରହୁଥିବାରୁ, ସେ ଆମ ଉପରେ ସର୍ବାଧିକ ୫୦% ଟାରିଫ ବିକଷି ଦେଇଛନ୍ତି । (ଛ) ସତେକିଯେମିତି ଏତିକି ଯଥେଷ୍ଟ ନଥିଲା, ଆମେରିକୀୟ ତା୪.୧.୨୦୨୬ ରିଖରେ, ନିଜର ଗସ୍ତ ପୂର୍ବରୁ ମିଷ୍ଟର ଟ୍ରମ୍ପ ବିମାନ ଭିତରୁ କହିଛନ୍ତି ଯେ, 'ଭାରତ ମୋତେ ଖୁସି କରିବାକୁ ଚାହୁଁଥିଲା । ମୋଦୀ ଜଣେ ବହୁତ ଭଲ ମଣିଷ ଏବଂ ସେ ଜାଣିଥିଲେ ଯେ 'ମୁଁ (ଟ୍ରମ୍ପ)ତାଙ୍କର ରୁଷିଆରୁ ତେଲ ଆମଦାନୀ ଉପରେ ଖୁସି ନଥିଲି' । ମୋତେ ଖୁସି ରଖିବା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । ସେମାନେ ବ୍ୟାପାର କରୁଛନ୍ତି, କିନ୍ତୁ ଆମେ ସେମାନଙ୍କ ଉପରେ ବହୁତ ଶୀଘ୍ର ଟ୍ୟାରିଫ୍ (ଶୁଳ୍କ) ବଢ଼ାଇ ପାରିବୁ ।'

**ଏହି ବୟାନର ମୁଖ୍ୟ ବିନ୍ଦୁ:**

**ଶୁଳ୍କ ବୃଦ୍ଧିର ଚେତାବନୀ**- ଟ୍ରମ୍ପ କହିଛନ୍ତି ଯେ ଯଦି ଭାରତ ରୁଷିଆରୁ ତେଲ କିଣିବା କମ ନକରେ, ତେବେ ଆମେରିକା ଭାରତୀୟ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ (Tariffs) ଆହୁରି ବୃଦ୍ଧି କରିପାରେ ।

**ମୋଦୀଙ୍କ ସହ ସମ୍ପର୍କ**: ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିଜର ବନ୍ଧୁ ତଥା ଭଲ ମଣିଷ (Good guy) ବୋଲି ସମ୍ବୋଧନ କରିଛନ୍ତି, କିନ୍ତୁ ସେହି ସମୟରେ ବାଣିଜ୍ୟିକ ଚାପ ମଧ୍ୟ ପକାଇଛନ୍ତି ।

**ଋଷ-ୟୁକ୍ରେନ ପ୍ରସଙ୍ଗ**- ରୁଷିଆ ଉପରେ ଆମେରିକା ଲଗାଇଥିବା କଟକଣାକୁ କଡ଼ାକଡ଼ି କରିବା ପାଇଁ ଟ୍ରମ୍ପ ଭାରତକୁ ତେଲ କିଣିବାରୁ ବିରତ ରହିବାକୁ ବାରମ୍ବାର କହୁଛନ୍ତି ।

(ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୫ରେ ଟ୍ରମ୍ପ ପ୍ରଶାସନ ରୁଷିଆ ତେଲ କିଣିବା କାରଣରୁ ଭାରତ ଉପରେ ଶୁଳ୍କ ୫୦% ପର୍ଯ୍ୟନ୍ତ ବୃଦ୍ଧି କରିସାରିଛନ୍ତି । ଭାରତ ତରଫରୁ ମଧ୍ୟ ଋଷିଆରୁ ଅଶୋଧିତ ତୈଳ ଆମଦାନୀ ପାଖାପାଖି ୩୫% କମିଛି ଓ କମି ଚାଲୁଛି ।)

(ଜ) 'ବୋଝ ଉପରେ ନଳିତାବିଡାଭଳି ଓଡ଼ିଆ ଲୋକକଥାଟିର ଆଧାରରେ ଟ୍ରମ୍ପ ମହାଶୟ ପୁଣି ଆମେରିକୀୟ ତା୬.୧.୨୦୨୬ ରିଖରେ କହିଛନ୍ତି ଯେ, 'ମୋଦୀ ମୋତେ (ଟ୍ରମ୍ପଙ୍କୁ) କହିଥିଲେ, 'ସାର୍, ମୁଁ ଆପଣଙ୍କୁ ଭେଟିବାକୁ ଚାହୁଁଛି', ଏବଂ ମୁଁ ତାଙ୍କୁ କହିଲି- ନିଶ୍ଚୟ, ଆପଣ ଜଣେ ଚମତ୍କାର ବ୍ୟକ୍ତି ।'

ଏହି ବକ୍ତବ୍ୟକୁ କିପରି ଦେଖାଯାଉଛି?- ଟ୍ରମ୍ପ ପ୍ରାୟତଃ ଏପରି ଘଟଣା ବର୍ଣ୍ଣନା କରନ୍ତି ଯେଉଁଠାରେ ଅନ୍ୟ ଦେଶର ନେତାମାନେ ତାଙ୍କୁ 'Sir' କହି ସମ୍ବୋଧନ କରନ୍ତି । ଏହା ତାଙ୍କର ନିଜକୁ ଜଣେ ଶକ୍ତିଶାଳୀ ପ୍ରଶାସକ ଭାବେ ଉପସ୍ଥାପନ କରିବାର ଏକ ଶୈଳୀ ।

(୯) ଋଷିଆରୁ ଅଶୋଧିତ ତୈଳ ଆମଦାନୀ ବନ୍ଦ ନକଲେ ୫୦୦% ଟାରିଫ ଲଗାଇବାକୁ ଟ୍ରମ୍ପ ଆମେରିକାର ସଂସଦରେ କାନୁନ ପାରିତ କରାଇବାକୁ ଆପାତତଃ ସଫଳ ହେଲେଣି ।

(୧୦) 'ଘୁଅକୁ ଟେକା ମାରିଲେ ତାହା ଛିଟିକି ଆସି ମୁହଁରେ ପଡେ' ଭଳି ଓଡ଼ିଆ ଲୋକକଥାଟିର ଆଧାରରେ ବିଶ୍ୱଗୁରୁ ମୋଦିଜୀ ସେହି ଘୁଅ ଚରିତ୍ରଧାରୀ ଟ୍ରମ୍ପର ପାଗଳାମିରେ ରାଜନୈତିକ ସୌଜନ୍ୟତାରୁ କିଛି ପ୍ରତିକ୍ରିୟା ପ୍ରକାଶ କରୁନାହାନ୍ତି । ଆମ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ '୧୯୭୧ ମସିହାରେ ପାକିସ୍ତାନ ସହିତ ଯୁଦ୍ଧ କରି ବଙ୍ଗଳାଦେଶ ସୃଷ୍ଟି କରିଥିବା ସମୟରେ ଆମେରିକାର ଯୁଦ୍ଧଜାହାଜ ପଠାଯିବାକୁ, ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଖାତିର କରିନଥିଲେ ଅଥଚ ଏବେ 'ନରେନ୍ଦର ସେଠୁ ଫୋନକଲ ଶୁଣୁ ଶୁଣୁ ସରେଣ୍ଡର ହେଉଛନ୍ତି'ଭଳି ମନ୍ତବ୍ୟ ଦେଇଛନ୍ତି ।

(୧୩) ତେଣୁ ଯଶସ୍ୱୀ ମୋଦିଜୀ, ବାବାଜୀ ରାମଦେବ ଓ ବିଷ୍ଣୁ ଗୁପ୍ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ, ଆମେ ଯେଉଁମାନେ ମଧ୍ୟ ସେହି ତମ୍ପସାପର ଜିତାପଟ ପାଇଁ ନିର୍ଲଜା ଉପବାସରେ ରହି ପ୍ରାର୍ଥନା, ପୂଜାର୍ଚ୍ଚନା, ହୋମ ଓ ଯଜ୍ଞ କରିଥିଲେ, ଚାଲନ୍ତୁ ଆମେ ସେଇମାନେ ଓଲଟିପଡି ଆମେରିକା ପ୍ରସ୍ତୁତ ସବୁ ସାମଗ୍ରୀକୁ ରାସ୍ତାରେ କଚାଡି କଚାଡି ଭାଙ୍ଗିବା,ଠିକ୍ ଯେମିତି ତା୧୬.୬.୨୦୨୦ ରିଖରେ ଆମର 'ପୂର୍ବ ଲଦାଖ ଅଞ୍ଚଳରେ ଥିବା ଗଲୱାନ ଘାଟି'ରେ (The Galwan Valley in Eastern Ladakh, along the Line of Actual Control - LAC) ଚୀନର ସୈନ୍ୟମାନେ ବେନିୟମ ଭାବେ ପ୍ରବେଶକରି ଆମର ୨୦ ଜଣ ବାହାଦୁର ଜବାନଙ୍କୁ ମାରିବାପରେ, ଆମେ ଶୀର୍ଷସ୍ତରର ଦେଶପ୍ରେମୀ ଭାଇଭଉଣୀମାନେ ଚୀନଦେଶରେ ତିଆରି ନିଜ ନିଜର ଟିଭି ଇତ୍ୟାଦିକୁ ରାସ୍ତାରେ କଚାଡି କଚାଡି ଭାଙ୍ଗିଥିଲେ । (ଯଦିଓ ସେହି ଚୀନରୁ ଆମର ସର୍ବାଧିକ ଆମଦାନୀ ତଥା ସେତେବେଳେ 'ଆମ ସରକାରଙ୍କ ପ୍ରକଳ୍ପ କାମରେ ସେଠାର କମ୍ପାନୀଗୁଡିକୁ କାମ ପାଇବା ଉପରେଥିବା ପ୍ରତିବନ୍ଧକକୁ ଉଠେଇ ଦିଆଯିବ ବୋଲି ଶୁଣାଯାଉଛି ।)

ଏହା ସହିତ, ଆମେରିକାର ୨୦୨୮ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଅନେକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟସ୍ତରୀୟ ଏବଂ ସ୍ଥାନୀୟ ନିବାଚନବେଳେ (ଏହାକୁ ମୁଖ୍ୟତଃ 'ମିଡ୍ଟର୍ମ' ଏବଂ 'ଅଫ୍-ଇୟର' ନିର୍ବାଚନ କୁହାଯାଏ ।) ଟ୍ରମ୍ପଙ୍କ ପ୍ରାର୍ଥୀମାନେ ହାରିବାପାଇଁ, ଆମକୁ ଆମ ଦେଶରେ ତାଙ୍କର କୁଶପୁତ୍ତଳିକାକୁ ଜାଳିବା, ଅଧିକ ନୈଷ୍ଠିକ ପୂଜାର୍ଚ୍ଚନା, ହୋମ ଓ ଯଜ୍ଞ କରିବା ସହିତ, ଆମେରିକା ଯାଇ, ସେଠାରେ 'ଅବ କି ବାର୍, ତମ୍ପସାପର ପ୍ରାର୍ଥୀମାନଙ୍କର ହାର୍' ଭଳି ରଡ଼ିପକେଇ ସେଠାର ଗଗନ ପବନକୁ ପ୍ରକମ୍ପିତ କରିବାକୁ ପଡ଼ିବ ।

(୧୪) ଆମେରିକାରେ ନିକଟରେ ହେବାକୁଥିବା ନିର୍ବାଚନର ସମୟସୂଚୀ ନିମ୍ନରେ ଦିଆଯାଇଛି- (୧)୨୦୨୬ ମିଧବର୍ତ୍ତୀ ନିର୍ବାଚନ (Midterm Elections) ଆମେରିକାରେ ସବୁଠାରୁ ବଡ଼ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଯାହା ୨୦୨୬ ମସିହା ନଭେମ୍ବର ୩ ତାରିଖ (ମଙ୍ଗଳବାର) ଦିନ ଅନୁଷ୍ଠିତ ହେବ ।

(କ) ଗଭର୍ଣ୍ଣର ନିର୍ବାଚନ:- ୩୬ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଗଭର୍ଣ୍ଣର ପଦବୀ ପାଇଁ ନିର୍ବାଚନ ହେବଛ ଏଥିମଧ୍ୟରେ କାଲିଫର୍ନିଆ, ଫ୍ଲୋରିଡା, ଟେକ୍ସାସ୍ ଏବଂ ଜର୍ଜିଆ ଭଳି ବଡ଼ ରାଜ୍ୟ ଅନ୍ତର୍ଭୁକ୍ତ ।

(ଖ) ମେୟର ଏବଂ ସ୍ଥାନୀୟ ପ୍ରଶାସନ:- ଅନେକ ପ୍ରମୁଖ ସହର ଯେପରିକି ୱାଶିଂଟନ୍ ଡି.ସି., ଲସ୍ ଆଞ୍ଜେଲସ୍, ଏବଂ ଲୁଇଭିଲ୍‌ରେ ମେୟର ନିର୍ବାଚନ ହେବ ।

(ଗ) କଂଗ୍ରେସ:- ଏହି ଦିନ 'ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ'ର ସମସ୍ତ ୪୩୫ ସଦସ୍ୟ ଏବଂ ସେନେଟ୍ର ୩୫ଟି ଆସନ ପାଇଁ ମଧ୍ୟ ଭୋଟ୍ ଦିଆଯିବ ।

(୨) ୨୦୨୭ 'ଅଫ୍-ଇୟର' ନିର୍ବାଚନ :-କେଣ୍ଟକି, ମିସିସିପି ଏବଂ ଲୁଇସିଆନା ରାଜ୍ୟରେ ଗଭର୍ଣ୍ଣର ପଦ ପାଇଁ ନିବାଚନ ଅନୁଷ୍ଠିତ ହେବ ।

(୩) ସ୍ଥାନୀୟ ନିର୍ବାଚନ: ଶିକାଗୋ ଭଳି କିଛି ସହରରେ ମେୟର ନିର୍ବାଚନ ମଧ୍ୟ ଏହି ବର୍ଷ ହୋଇପାରେ ।

(୪) ନିର୍ବାଚନ ପ୍ରକ୍ରିୟା : ସାଧାରଣ ନିର୍ବାଚନ (ନଭେମ୍ବର) ପୂର୍ବରୁ ବିଭିନ୍ନ ରାଜ୍ୟରେ ପ୍ରାଇମେରୀ ନିର୍ବାଚନ ହୋଇଥାଏ, ଯେଉଁଥିରେ ଦଳୀୟ ପ୍ରାର୍ଥୀ ଚୟନ କରାଯାଏ । ୨୦୨୬ ପାଇଁ ଏହି ପ୍ରକ୍ରିୟା ମାର୍ଚ୍ଚ ମାସରୁ ଆରମ୍ଭ ହୋଇ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ । ଏଥିପାଇଁ ଆମକୁ ଏବେଠାରୁ ପ୍ରସ୍ତୁତ ହେବାକୁ ପଡିବ ।

ମୋ. ୮୮୯୫୮୫୭୩୧୮

# ବାସ୍ତବତା ଏବଂ ବ୍ୟଙ୍ଗର ତୀକ୍ଷ୍ଣ ସ୍ୱର ବ୍ୟାସକବି ଫକୀର ମୋହନ!


■ ଅସିତ ମହାନ୍ତି ■

ଫକୀରମୋହନ ସେନାପତି (୧୮୪୩-୧୯୧୮)ଙ୍କୁ ଆଧୁନିକ ଓଡ଼ିଆ ସାହିତ୍ୟର ଜନକ ବୋଲି ବିବେଚନା କରାଯାଏ । ତାଙ୍କୁ ଉତ୍କଳ ବ୍ୟାସକବି ଭାବରେ ଜଣାଯାଏ ଏବଂ ସେ ଜଣେ ମହାନ ଲେଖକ ଥିଲେ ଯିଏ ଓଡ଼ିଆ ଭାଷାର ପରିଚୟକୁ ସଂରକ୍ଷଣ କରିଥିଲେ ଏବଂ ଏହାକୁ ସାହିତ୍ୟିକ ସ୍ତରରେ ଉଚ୍ଚ କରିଥିଲେ । ଫକୀର ମୋହନ ସେନାପତିଙ୍କୁ ବ୍ୟାସକବି ଉପାଧି ଦିଆଯାଇଛି କାରଣ ତାଙ୍କୁ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରତିଷ୍ଠାତା ଭାବରେ ବିବେଚନା କରାଯାଏ, ବିଶେଷକରି ଓଡ଼ିଆ ଉପନ୍ୟାସ ଏବଂ ଛୋଟ ଗଳ୍ପ କ୍ଷେତ୍ରରେ । ୧୯ଶ ଶତାବ୍ଦୀର ଶେଷ ଭାଗରେ ଯେତେବେଳେ ଭାଷାର ଅସ୍ତିତ୍ୱ ପ୍ରତି ବିପଦ ଥିଲା, ସେତେବେଳେ ସେ ଭାଷା ଏବଂ ଜାତୀୟ ଚେତନା ପୁନର୍ଜୀବିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ତାଙ୍କର ସାହିତ୍ୟିକ କୃତିଗୁଡ଼ିକୁ ପ୍ରାୟତଃ ମହାଭାରତ ରଚନାକାରୀ ମହାନ ଭାରତୀୟ କବି ବେଦ ବ୍ୟାସଙ୍କ କୃତି ସହିତ ତୁଳନା କରାଯାଏ । ସେନାପତିଙ୍କ କୃତିଗୁଡ଼ିକ ଓଡ଼ିଆ ସଂସ୍କୃତି, ସାମାଜିକ ସମସ୍ୟା ଏବଂ ସାଧାରଣ ଲୋକଙ୍କ ଜୀବନର ଏକ ବାସ୍ତବବାଦୀ ଏବଂ ସହାନୁଭୂତିପୂର୍ଣ୍ଣ ଚିତ୍ରଣ ଉପସ୍ଥାପନ କରିଥିଲେ । ସେ ତାଙ୍କ ଲେଖା ମାଧ୍ୟମରେ ଓଡ଼ିଆ ଲୋକଙ୍କ ଭାବନା ଏବଂ ସଂଘର୍ଷକୁ ସ୍ୱର ଦେଇଥିଲେ, ଯାହା ତାଙ୍କୁ ଏହି ସମ୍ମାନଜନକ ଉପାଧି ଦେଇଥିଲା ।

ଫକୀରମୋହନ ସେନାପତି ଜାନୁଆରୀ ୧୩, ୧୮୪୩ ରେ ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ମଲ୍ଲିକାଶପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ବାଲ୍ୟକାଳରେ ଅନାଥ ହୋଇ ସେ କଷ୍ଟକର ପରିସ୍ଥିତିରେ ଶିକ୍ଷା ଗ୍ରହଣ କରିଥିଲେ । ସେ ଜଣେ କବି, ଔପନ୍ୟାସିକ, ଦାର୍ଶନିକ ଏବଂ ସମାଜ ସଂସ୍କାରକ ଥିଲେ । ବଙ୍ଗଳା ପ୍ରାଧାନ୍ୟ ଯୋଗୁଁ ସେତେବେଳେ ଓଡ଼ିଆ ଭାଷା ସଙ୍କଟରେ ଥିଲା, କିନ୍ତୁ ସେନାପତି ତାଙ୍କ ଲେଖା ମାଧ୍ୟମରେ ଏହାକୁ ପୁନର୍ଜୀବିତ କରିଥିଲେ । ତାଙ୍କର ପ୍ରମୁଖ କୃତି ମଧ୍ୟରେ ରେବତୀ (ପ୍ରଥମ ଓଡ଼ିଆ କାହାଣୀ), ଛ ମାଣ ଆଠ ଗୁଣ୍ଠ (କୃଷକଙ୍କ ଦୁଃଖ ଉପରେ ଆଧାରିତ ଏକ ଉପନ୍ୟାସ), ଉତ୍କଳ ଭ୍ରମଣମ୍ ଏବଂ ତାଙ୍କ ଆତ୍ମଜୀବନୀ, ଆତ୍ମଜୀବନ ଚରିତ ଅନ୍ତର୍ଭୁକ୍ତ । ତାଙ୍କ ଶୈଳୀ ବ୍ୟଙ୍ଗ, ହାସ୍ୟରସ ଏବଂ ସାମାଜିକ ବାସ୍ତବତାର ଏକ ଆକର୍ଷଣୀୟ ମିଶ୍ରଣ । ସେ ସାହିତ୍ୟକୁ କେବଳ ମନୋରଞ୍ଜନ ନୁହେଁ ବରଂ ସାମାଜିକ ସଂସ୍କାରର ଏକ ମାଧ୍ୟମ ବୋଲି ବିବେଚନା କରିଥିଲେ । ତାଙ୍କର ମୃତ୍ୟୁ ୧୪ ଜୁନ୍ ୧୯୧୮ରେ ହୋଇଥିଲା, କିନ୍ତୁ ତାଙ୍କୁ ଏବେ ବି ଓଡ଼ିଆ ଜାତୀୟତାବାଦ ଏବଂ ଆଧୁନିକ ସାହିତ୍ୟର ଏକ ସ୍ତମ୍ଭ ଭାବରେ ବିବେଚନା କରାଯାଏ । ସାଧାରଣ ଲୋକଙ୍କ ଜୀବନର ସତ୍ୟ ଏବଂ ଭାଷାର ଆତ୍ମାକୁ ସଂରକ୍ଷଣ କରିବା ପାଇଁ ତାଙ୍କ କୃତି ଏକ ଅମୂଲ୍ୟ ପ୍ରୟାସ ।

ଫକୀର ମୋହନ ସେନାପତି ଓଡ଼ିଆ କଥା ଏବଂ କାହାଣୀ କହିବାର ଜଣେ ପ୍ରବର୍ତ୍ତକ ଥିଲେ । ସେ ଓଡ଼ିଆ ଭାଷା ଏବଂ ସାହିତ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲେ । ତାଙ୍କର କୃତିଗୁଡ଼ିକ ଓଡ଼ିଆ ଭାଷାଭାଷୀଙ୍କ ମଧ୍ୟରେ ଅତ୍ୟନ୍ତ ମୂଲ୍ୟବାନ । ତାଙ୍କ ସଂଗ୍ରହର ପ୍ରଥମ ଅଂଶ ହେଉଛି ଗଳ୍ପ ସ୍ୱଳ୍ପ, ଏହା ପରେ ଗଳ୍ପସ୍ୱଳ୍ପ (୧୮୧୭), ଛ ମାଣ ଆଠ ଗୁଣ୍ଠ (୧୯୦୨), ଲଛମା (୧୯୧୪), ମାମୁଁ (୧୯୧୩), ପ୍ରାୟଶ୍ଚିତ (୧୯୧୫), ଏବଂ ସଂସ୍କୃତ ରାମାୟଣ (୧୮୮୪-୧୮୯୫)ର ଏକ କାବ୍ୟିକ ଅନୁବାଦ । ମହାଭାରତ (୧୮୮୭-୧୯୦୫), ହରିବଂଶର କାବ୍ୟିକ ଅନୁବାଦ (୧୯୦୨), ଉପନିଷଦର କାବ୍ୟିକ ଅନୁବାଦ (୧୯୦୫), ଆତ୍ମ-ଜୀବନୀ (୧୮୭୭), ଏବଂ ଭଗବଦ୍ ଗୀତା (୧୮୮୫) ଅତ୍ୟନ୍ତ ସମ୍ମାନିତ କୃତି । ଫକୀରମୋହନ ସେନାପତିଙ୍କ ସବୁଠାରୁ ପ୍ରସିଦ୍ଧ କୃତି ହେଉଛି ଛ ମାଣ ଆଠ ଗୁଣ୍ଠ , ଯାହା ବାସ୍ତବବାଦ ଏବଂ ବ୍ୟଙ୍ଗର ଏକ ଆକର୍ଷଣୀୟ ମିଶ୍ରଣ ପ୍ରଦାନ କରେଛ ଏହି ଉପନ୍ୟାସକୁ କେବଳ ଓଡ଼ିଶାରେ ନୁହେଁ ବରଂ ଭାରତୀୟ ସାହିତ୍ୟରେ ମଧ୍ୟ ବାସ୍ତବବାଦୀ ଧାରା ପ୍ରବର୍ତ୍ତକ ଭାବରେ ବିବେଚନା କରାଯାଏ । ଏହି ଉପନ୍ୟାସରେ, ସେନାପତି ଗ୍ରାମୀଣ ଜୀବନର ଏକ ସତ୍ୟ ଚିତ୍ର- ଜମିଦାରଙ୍କ ଲୋଭ, କୃଷକଙ୍କ ଦୁର୍ଦ୍ଦଶା ଏବଂ ସମାଜରେ ପ୍ରଚଳିତ ଅନ୍ୟାୟ – କୌଣସି ପ୍ରଦର୍ଶନ ବିନା ଉପସ୍ଥାପନ କରିଛନ୍ତି । ଏହି ବାସ୍ତବତାର ସବୁଠାରୁ ଆକର୍ଷଣୀୟ ଉଦାହରଣ ହେଉଛି ଜମିଦାରଙ୍କ ଦ୍ୱାରା ଏକ ଛୋଟ ଜମି ପାଇଁ ଚାଷୀମାନଙ୍କ ଉପରେ ଅତ୍ୟାଚାର ଏବଂ ଶୋଷଣ (ଛ ମାଣ ଆଠ ଗୁଣ୍ଠ) । ଏହି ଦୃଶ୍ୟ ସେତେବେଳର ସମାଜର ବାସ୍ତବତାକୁ ପ୍ରକାଶ କରେ । ଏହା ବ୍ୟତୀତ,



ସେନାପତି ଏହି ବାସ୍ତବତାକୁ କେବଳ କରୁଣା କିମ୍ବା ସହାନୁଭୂତି ସହିତ ନୁହେଁ, ବରଂ ତୀକ୍ଷ୍ଣ ବ୍ୟଙ୍ଗ ମାଧ୍ୟମରେ ମଧ୍ୟ ଉପସ୍ଥାପନ କରନ୍ତି । ଉଦାହରଣ ସ୍ୱରୂପ, ଯେତେବେଳେ ଜମିଦାରମାନେ ଜମି ଦଖଲ କରିବା ପାଇଁ ଧାର୍ମିକ ରୀତିନୀତି ଏବଂ ଆଇନର ଆଶ୍ରୟ ନିଅନ୍ତି, ଲେଖକ ସେମାନଙ୍କର କପଟପୂର୍ଣ୍ଣ ମାନସିକତାକୁ ବ୍ୟଙ୍ଗ କରନ୍ତି । ଏହି ବ୍ୟଙ୍ଗ ପାଠକଙ୍କୁ ହସାଇ ଦିଏ ଏବଂ ଗରିବମାନଙ୍କୁ ଅତ୍ୟାଚାର କରିବା ପାଇଁ ଧର୍ମ ଏବଂ ଆଇନକୁ କିପରି ବ୍ୟବହାର କରାଯାଇଥିଲା ତାହା ପ୍ରତିଫଳିତ କରିବାକୁ ବାଧ୍ୟ କରେ । ତେଣୁ, ଛ ମାଣ ଆଠ ଗୁଣ୍ଠ ବାସ୍ତବତା ଏବଂ ବ୍ୟଙ୍ଗ ଉଭୟକୁ ସନ୍ତୁଳିତ କରେଛ ବାସ୍ତବତା ଏହାକୁ ସମାଜର ଏକ ଦର୍ପଣ କରିଥାଏ ଏବଂ ବ୍ୟଙ୍ଗ ଏହାକୁ ଏକ ସାହିତ୍ୟିକ ଧାର ଦେଇଥାଏଛ ଏହି କାରଣରୁ ଏହି କୃତି ଆଜି ମଧ୍ୟ ପ୍ରାସଙ୍ଗିକ ରହିଛି– କାରଣ ଶୋଷଣ ଏବଂ କପଟତାର ପ୍ରବୃତ୍ତି ସମୟ ସହିତ ପରିବର୍ତ୍ତନ ହୁଏ ନାହିଁ, ସେମାନେ କେବଳ ରୂପ ପରିବର୍ତ୍ତନ କରନ୍ତି । ହିନ୍ଦୀ ପାଠକମାନେ ଏହାକୁ ପସନ୍ଦ କରିଥିଲେ କାରଣ ଏହା କେବଳ ଓଡ଼ିଶା ବିଷୟରେ ଏକ କାହାଣୀ ନୁହେଁ, ବରଂ ସମଗ୍ର ଭାରତୀୟ ସମାଜର ବାସ୍ତବତାର ପ୍ରତିଫଳନ । ହିନ୍ଦୀ ଅନୁବାଦ ଏହାକୁ ବ୍ୟାପକ ପାଠକଙ୍କ ନିକଟରେ ପହଞ୍ଚାଇଥିଲା, କାରଣ ଏଥିରେ ଚିତ୍ରିତ ପ୍ରସଙ୍ଗଗୁଡ଼ିକ – ଜମି ହଡ଼ପ, ଗରିବଙ୍କ ଦୁର୍ଦ୍ଦଶା ଏବଂ କ୍ଷମତାର ଅପବ୍ୟବହାର – ଭାରତର ଅନ୍ୟାନ୍ୟ ଅଂଶରେ ସମାନ ଭାବରେ ପ୍ରାସଙ୍ଗିକ ଥିଲା । ବ୍ୟଙ୍ଗାତ୍ମକ ଶୈଳୀ ଏବଂ ମର୍ମସ୍ପର୍ଶୀ ବାସ୍ତବବାଦର ମିଶ୍ରଣ ଏହାକୁ ଏକ ସାହିତ୍ୟିକ କୃତି କରିଥାଏ ।

ସମସାମୟିକ ଓଡ଼ିଆ ସାହିତ୍ୟରେ, ଫକୀର ମୋହନ ସେନାପତି ତାଙ୍କର ହିନ୍ଦୀ ଅନୁବାଦ ଯୋଗୁଁ ବହୁଳ ଭାବରେ ପଠିତଛ ତାଙ୍କୁ ଓଡ଼ିଆ ସାହିତ୍ୟରେ ବାସ୍ତବବାଦ ଆଣିବାର ଶ୍ରେୟ ଦିଆଯାଇଛ । ନାମବର ସିଂହ, ମ୍ୟାନେଜର ପାଣ୍ଡେ ଏବଂ ଲଳନା ପ୍ରସାଦ ସିଂହଙ୍କ ପରି ପ୍ରଖ୍ୟାତ ହିନ୍ଦୀ ସମାଲୋଚକ ତାଙ୍କ ରଚନାକୁ ବହୁଳ ଭାବରେ ପ୍ରଶଂସା କରିଛନ୍ତି ଏବଂ ତାଙ୍କୁ ଭାରତୀୟ ସାହିତ୍ୟରେ ବାସ୍ତବବାଦର ପ୍ରବର୍ତ୍ତକମାନଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରିଛନ୍ତି । ତାଙ୍କ କାହାଣୀଗୁଡ଼ିକ ତାଙ୍କ ସମୟର ସମାଜ ଏବଂ ରାଜନୀତିର ଏକ ସତ୍ୟ ପ୍ରତିଫଳନ ଉପସ୍ଥାପନ କରେ । ତାଙ୍କ କାହାଣୀଗୁଡ଼ିକ ପଢ଼ିବା ପ୍ରେମଚାନ୍ଦଙ୍କ ପୂର୍ବର ପ୍ରାରମ୍ଭିକ ରଚନାଗୁଡ଼ିକ ପଢ଼ିବା ପରି ଅନୁଭବ ହୁଏ । ଫକୀର ମୋହନ ସେନାପତି ସାହିତ୍ୟକୁ ସାଧାରଣ ଲୋକଙ୍କ ଜୀବନ ସହିତ ସଂଯୋଗ କରି ଭାରତୀୟ ସାହିତ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିଲେ । ସେ କାହାଣୀ କହିବାର ଏକ ନୂତନ ଶୈଳୀ ବିକଶିତ କରିଥିଲେ ଯାହା ବାସ୍ତବବାଦ ଏବଂ ବ୍ୟଙ୍ଗକୁ ଅବିଚ୍ଛେଦ୍ୟ ଭାବରେ ମିଶ୍ରଣ କରେ । ତାଙ୍କ କାହାଣୀଗୁଡ଼ିକର ତୁଳନାତ୍ମକ ବିଶ୍ଳେଷଣ, ଗଭୀର ଚରିତ୍ର ବିଶ୍ଳେଷଣ ଏବଂ ତୀକ୍ଷ୍ଣ ସଂଳାପ ପ୍ରକାଶ କରେ ଯେ ଉପନିବେଶବାଦ ସମୟରେ ଓଡ଼ିଆ ସମାଜ ଆର୍ଥିକ ଶୋଷଣର ଶିକାର ହୋଇଥିଲା । ଏହା ବ୍ୟାପକ ଦାରିଦ୍ର୍ୟ ଏବଂ ଭୟର କାରଣ ହୋଇଥିଲା, ଯାହା ତାଙ୍କ କାହାଣୀଗୁଡ଼ିକରେ ସ୍ପଷ୍ଟ ଭାବରେ ଚିତ୍ରିତ ହୋଇଛି । ସେ କେବଳ ଓଡ଼ିଆ ଭାଷାକୁ ସାହିତ୍ୟିକ ମର୍ଯ୍ୟାଦା ଦେଇନଥିଲେ ବରଂ ଏହାକୁ ଜନଜୀବନ ସହିତ ସଂଯୋଗ କରି ଏକ ନୂତନ ପରିଚୟ ମଧ୍ୟ ଦେଇଥିଲେ । ଊନବିଂଶ ଏବଂ ବିଂଶ ଶତାବ୍ଦୀର ସଂକ୍ରମଣ ସମୟରେ, ଯେତେବେଳେ ଭାରତୀୟ ସମାଜ ଉପନିବେଶବାଦୀ ଶାସନ ଏବଂ ଆର୍ଥିକ ଶୋଷଣର ଚାପ ସହିତ ସଂଘର୍ଷ କରୁଥିଲା, ସେନାପତି ତାଙ୍କ ରଚନା ମାଧ୍ୟମରେ ସେହି ବାସ୍ତବତାକୁ ପ୍ରକାଶ କରିଥିଲେ । ତାଙ୍କ କାହାଣୀ ଏବଂ ଉପନ୍ୟାସଗୁଡ଼ିକ ଓଡ଼ିଆ ସମାଜର ଦୁଃଖ, ସଂଘର୍ଷ ଏବଂ ଆଶାର ଏକ ଜୀବନ୍ତ ଦଲିଲ୍ । ଏହି କାରଣରୁ ତାଙ୍କୁ ଓଡ଼ିଆ କଥାଚିତ୍ରର ଜନକ କୁହାଯାଏ । ତାଙ୍କର ସାହିତ୍ୟିକ ଯାତ୍ରା ବିବିଧତାରେ ପରିପୂର୍ଣ୍ଣ ଥିଲା । 'ଗଳ୍ପସ୍ୱଳ୍ପ' (ପ୍ରଥମ ଭାଗ) ଏବଂ 'ଗଳ୍ପସ୍ୱଳ୍ପ' (ଦ୍ୱିତୀୟ ଭାଗ) ପରି ସଂଗ୍ରହଠାରୁ 'ଛ ମାଣ ଆଠ ଗୁଣ୍ଠ', 'ଲଛମା', 'ମାମୁଁ' ଏବଂ 'ପ୍ରାୟଶ୍ଚିତ' ପରି କାହାଣୀ ପର୍ଯ୍ୟନ୍ତ, ପ୍ରତ୍ୟେକ କୃତି ସମାଜର ବାସ୍ତବତା ଏବଂ ବ୍ୟଙ୍ଗର ଏକ ତୀକ୍ଷ୍ଣ ସ୍ୱରକୁ ପ୍ରତିଫଳିତ କରେ । ଫକୀର ମୋହନ ସେନାପତିଙ୍କ ସର୍ବଶ୍ରେଷ୍ଠ ସଫଳତା ଥିଲା ସାହିତ୍ୟ ସହିତ ତାଙ୍କର ସମ୍ପର୍କ । ତାଙ୍କ କାହାଣୀଗୁଡ଼ିକରେ, କୃଷକ, ଶ୍ରମିକ, ମହିଳା ଏବଂ ସମାଜର ସୀମାନ୍ତରେ ଥିବା ଲୋକମାନେ ସେମାନଙ୍କର ସ୍ୱର ପାଆନ୍ତି । ଔପନିବେଶିକ ଯୁଗରେ, ଯେତେବେଳେ ଆର୍ଥିକ ଶୋଷଣ ଏବଂ ଦାରିଦ୍ର୍ୟ ଓଡ଼ିଆ ସମାଜକୁ କବଳିତ କରିଥିଲା, ସେନାପତି ତାଙ୍କ କାହାଣୀରେ ଏହି ପରିସ୍ଥିତିକୁ ଜୀବନ୍ତ କରିଥିଲେ । ତାଙ୍କ କୃତିରେ ଭୟ ଏବଂ ଅସୁରକ୍ଷାର ପରିବେଶ, ସଂଘର୍ଷ ଏବଂ ସାହସ ପ୍ରତିଫଳିତ ହୋଇଥିଲା । ଏହି କାରଣରୁ ତାଙ୍କ କୃତିଗୁଡ଼ିକ ଆଜି ମଧ୍ୟ ତାଙ୍କ ସମୟରେ ଯେପରି ପ୍ରାସଙ୍ଗିକ ଥିଲା ସେହିପରି ରହିଛି । ହିନ୍ଦୀ ଅନୁବାଦ ଯୋଗୁଁ ସେନାପତିଙ୍କ କୃତିଗୁଡ଼ିକ ସମସାମୟିକ ଓଡ଼ିଆ ସାହିତ୍ୟରେ ବହୁଳ ଭାବରେ ପଠିତ ହୁଏ । ଏହା ଓଡ଼ିଆ ଭାଷାଭାଷୀ ସମ୍ପ୍ରଦାୟ ବାହାରେ ତାଙ୍କର ପରିସରକୁ ବିସ୍ତାର କରିଛି ଏବଂ ଭାରତୀୟ ସାହିତ୍ୟର ବ୍ୟାପକ ଦୃଶ୍ୟପଟରେ ତାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ଭାବରେ ପ୍ରତିଷ୍ଠା କରିଛି । ସେ ପ୍ରମାଣ କରିଥିଲେ ଯେ ସାହିତ୍ୟ କେବଳ ମନୋରଞ୍ଜନର ଏକ ମାଧ୍ୟମ ନୁହେଁ, ବରଂ ସମାଜର ଏକ ଦର୍ପଣ ଏବଂ ପରିବର୍ତ୍ତନର ଏକ ମାଧ୍ୟମ । ତାଙ୍କ କାହାଣୀଗୁଡ଼ିକ ଆମକୁ ଶିକ୍ଷା ଦିଏ ଯେ ଜଣେ ଲେଖକର ଦାୟିତ୍ୱ କେବଳ ସୌନ୍ଦର୍ଯ୍ୟ ସୃଷ୍ଟି କରିବା ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ସମାଜର ସତ୍ୟକୁ ପ୍ରକାଶ କରିବା ମଧ୍ୟ ।

ସୁଜନପୁର, ଯାଜପୁର
ମୋ. ୯୪୩୭୨୮୦୨୮



# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ









## ଫୁଲର ରାଣୀ ରକ୍ତ ଗୋଲାପ





ଓଡ଼ିଶାର ଅଧିକାଂଶ ସ୍ଥାନରେ ସମ୍ପ୍ରତି ଗୋଲାପ ଫୁଲ ଚାଷ କରାଯାଉଥିବା ପରିଲକ୍ଷିତ ହୋଇଛି । ଚାଷୀମାନେ ଏହି ଚାଷପ୍ରତି ବିଶେଷ ଭାବରେ ଆଗ୍ରହୀ ହେଉଥିବା ଜଣାପଡ଼ିଛି । ଆଜିକାଲି ଏହି ଚାଷ ମଧ୍ୟ ବେଶ୍ ଲାଭଜନକ ହେଉଛି । ତେବେ ଆସନ୍ତୁ, ଫୁଲମାନଙ୍କର ରାଣୀ ରକ୍ତ ଗୋଲାପ ସମ୍ପର୍କରେ କିଛି ଜାଣିବା ।

ରକ୍ତ ଗୋଲାପର ପ୍ରସିଦ୍ଧି ମାନବ ସମାଜର କଳା, ଶିଳ୍ପ, ଭାସ୍କର୍ଯ୍ୟ, କାବ୍ୟ, କବିତା ଆଦିରେ ଦେଖିବାକୁ ମିଳେ । ରୋମ୍‌ର ସମ୍ରାଟ ନୀରୋ ଗୋଲାପ ପାଖୁଡ଼ା ଉପରେ ଚାଲୁଥିବାବେଳେ କ୍ଲିଓପାଟ୍ରା ଜୁଲିୟସ୍ ସିଜରଙ୍କୁ ଗୋଲାପ ଫୁଲର ଗାଲିଚା ପ୍ରସ୍ତୁତ କରି ଅଭିନନ୍ଦନ ଜଣାଇଥିଲେ । ନୁରଜାହାନ ଗୋଲାପ ଫୁଲର ଅତର ତିଆରି କରି ପ୍ରତ୍ୟହ ସେଥିରେ ସ୍ନାନ କରୁଥିଲେ । ଗୋଲାପ ଫୁଲ ଦେଖିବାକୁ ଯେତିକି ଆକର୍ଷଣୀୟ ତା'ର ବାସ୍ନା ମଧ୍ୟ ସେତିକି ଆମୋଦଦାୟକ । ଦୂଷିତ ବାୟୁମଣ୍ଡଳକୁ ପରିଷ୍କାର କରିବାରେ ଗୋଲାପ ଗଛର ବହୁଳ ଅବଦାନ ରହିଥାଏ । ଗୋଲାପ ଫୁଲରୁ ଅତର ପ୍ରସ୍ତୁତ କରାଯାଇ ତାହାକୁ ବିକ୍ରି କରାଯାଏ । ଗୋଲାପ ଫୁଲରେ ବହୁଳ ପରିମାଣରେ ଭିଟାମିନ୍ 'ସି' ଥାଏ । ଅନେକେ ମଧ୍ୟ ଗୋଲାପ ପାଖୁଡ଼ାକୁ ଔଷଧ ରୂପେ ବ୍ୟବହାର କରିଥାନ୍ତି । ଏହାର ମଞ୍ଜି ପରାଗସଂଗମ ଦ୍ୱାରା ସଂଗଠିତ ହେଉଥିବା ହେତୁ ବିଭିନ୍ନ ରଂଗ ଓ ଆକୃତିର ଗୋଲାପ ଦେଖାଯାଏ ।

୧୮୬୭ ମସିହାରେ ଫ୍ରାନ୍ସର ଉଦ୍ଭିଦ ବିଜ୍ଞାନୀ ଗୁଇଲଟ୍ ପ୍ରଥମ ଥର ପାଇଁ 'ଲା ଫ୍ରାନ୍ସ' ନାମରେ ପ୍ରଥମ ହାଇବ୍ରିଡ୍ ଗୋଲାପ ଉଦ୍ଭାବନ କରିଥିଲେ । ୧୯୧୦ ମସିହାରେ ଉଦ୍ଭିଦବିତ୍ ଡାନିସ୍ ପ୍ରଥମ ଫ୍ଲୋରିବୁଣ୍ଡା ଗୋଲାପ ଉଦ୍ଭାବନ କରିଥିଲେ । ହାଇବ୍ରିଡ୍ ଗୋଲାପ ଗଛ ବୁଦା ଆକାରରେ ବଢ଼ିଥାଏ । ପ୍ରତି ଡେମ୍ଫରେ ଗୋଟିଏ ଗୋଟିଏ ଫୁଲ ଫୁଟିଥାଏ । ବା ପତ୍ରର ବାସ୍ନା ଭଳି ଗୋଲାପ ଫୁଲର ବାସ୍ନା ହୋଇଥାଏ । ହାଇବ୍ରିଡ୍ ଗୋଲାପ ମଧ୍ୟରେ ପିସ୍, କନଫିଡେନ୍ସ, କିସ୍ ଅଫ୍ ଫାୟାର, ପିକ୍ଚର, ସୁପରଷ୍ଟାର, ହ୍ୱୁମୁନ୍, ଚିକାଗୋ ପିସ୍, ଫ୍ରାଗାଣ୍ଟ କ୍ଲାଉଡ଼, ଗାର୍ଡ଼ନପାର୍ଟି, ଗ୍ରାନାଡ଼ା, କିଙ୍ଗସରାନ୍‌ସମ୍, ଓକ୍ଲାହାମା, ସୋ ଗାର୍ଲ, ମିଷ୍ଟର ଲିଙ୍କନ୍, ଆଲେକ୍‌ରେଡ଼, ସୁଗନ୍ଧ, କ୍ରିମସନ୍ ଗ୍ଲୋରୀ, ପଣ୍ଡିତ ନେହେରୁ, ଅରବିନ୍ଦ, ରାଧାକ୍ରିଷ୍ଣନ, ପିଗେନ୍ ଏବଂ ଫାନ୍‌କ୍ଲୁ ଆଦି ପ୍ରଧାନ । ଫ୍ଲୋରିବୁଣ୍ଡା ଜାତିର ଗୋଲାପ ଗଛ ଗୁଡ଼ିକ ଅଳ୍ପ ଉଚ୍ଚରେ ଚାରିଆଡ଼କୁ ପ୍ରସାରିତ ହୋଇଥାଏ । ଗୋଟିଏ ଡେମ୍ଫରେ ଶାଖାପ୍ରଶାଖା ମେଲି ୨/୩ଟି ଫୁଲ ଫୁଟେ । ଫୁଲଗୁଡ଼ିକର ପାଖୁଡ଼ା ପଲିଆନ୍ଥା । ଗୋଲାପ ପରି ଏକାବେଳକେ ଖୋଲେ । ଫ୍ଲୋରିବୁଣ୍ଡା ଗୋଲାପ ବହୁ ରଙ୍ଗର ଦେଖିବାକୁ ମିଳେ । ବଗିଚାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ହାଇବ୍ରିଡ ଗଛ ଅପେକ୍ଷା ଏଗୁଡ଼ିକ ବିଶେଷ ଦରକାରୀ । ଚାର୍ଲସଟନ୍, ଏଲିଜାବେଥ ଅଫ୍ ଗ୍ଲେମିସ୍, ଫ୍ଲୋମାଙ୍କ, ହିମାଙ୍ଗିନୀ, ପେବକ୍‌ସ, ରୁମ୍ବା, ସୋଲ, ଘାମ୍ରା, ଆନଡୋଲଫେସ୍, ଦିଲ୍ଲୀ ପ୍ରିନସେସ୍, ଗୁଇଟାର ଫ୍ରେମା, ରେଡ଼ଗୋଲ୍ଡ, ସିପର୍ଲ, ଭାଓଲେଟ୍ କାରସନ୍ ଆଦି ଫ୍ଲୋରିବୁଣ୍ଡା ଶ୍ରେଣୀର ଗୋଲାପ ଅଟେ । ପଲିଅନ୍ଥା ଗୋଲାପ ଶ୍ରେଣୀର ଫୁଲଗୁଡ଼ିକ କ୍ଷୁଦ୍ର ଗୁଳ୍ମ ଆକାରରେ ବଢ଼େ । ମିନିଏଚର ଗୋଲାପ ଗଛଗୁଡ଼ିକ ଅତି କ୍ଷୁଦ୍ର । ବିଭିନ୍ନ ରଙ୍ଗ ଏବଂ ଆକୃତି ମିନିଏଚର ଗୋଲାପ ଫୁଲ ଦେଖିବାକୁ ମିଳେ । ପିକ୍ସି, ମିମ, ଲିଟିଲସନସେଟ୍, ଫ୍ରଷ୍ଟି, ଡ୍ୱାର୍ଫକୁଇନ୍, ବେବି, ଡାରଲିଙ୍ଗ, ବେବି, ଗୋଲଡଷ୍ଟାର ଆଦି ମୁଖ୍ୟ ମିନିଏଚର ଗୋଲାପ କହିଲେ ଚଳେ ।

କ୍ୟାଣ୍ଡିକେନ୍, ଲିଟଲ ସୋ ଅଫ୍, କ୍ଲାଇବିଙ୍ଗ ପାତିର ଲତା ମିନିଏଚର ଗୋଲାପ ଅଟେ । ରାମ୍ବଲର ଗୋଲାପଗୁଡ଼ିକ ଲତାପରି ବଢ଼େ ଓ ତାର ଅଗ୍ରଭାଗରେ ମେଞ୍ଚା ମେଞ୍ଚା ଫୁଲ ଫୁଟେ । ଦିଲ୍ଲୀ ପିଙ୍କପର୍ଲ, ଗାଡ଼ିଆ, ଭାଓଲେଟ, ପ୍ରସପରିଟି ଆଦି ଏହାର ପ୍ରକାର ଭେଦ ଅଟେ । ବୁଦା ଗୋଲାପର ଫୁଲଗୁଡ଼ିକ ବହୁତ ସୁନ୍ଦର ଦେଖାଯାଏ । ରୋପମଏସି, ରୋଣାରୁ ଦ୍ରି ଫୋଲିଆ ଏବଂ କାନାରିବାଡ଼ି ଆଦି ସୁନ୍ଦର ସୁନ୍ଦର ବୁଦା ଗୋଲାପ ଅଟେ । ତେବେ ଗାଁ ଗହଳିରେ ସାଧାରଣତଃ ବଡ଼ ବଡ଼ ଗୋଲାପ ଗଛ ଦେଖାଯାଏ । ଏହାକୁ ବରବନ୍ ଗୋଲାପ କୁହାଯାଏ । ଏହାବ୍ୟତୀତ ଡାମକସ୍, ଗୋଲାପ୍, ମସ୍କ, ଚାଇନା ଆଦି ଶ୍ରେଣୀର ଗୋଲାପ ଦେଖାଯାଇଥାଏ । ବର୍ଷାସାରା ଗୋଲାପ ଗଛରେ ଫୁଲ ଫୁଟିଥାଏ । ତେବେ ବର୍ଷା ଓ ଖରାଦିନରେ କମ୍ ଫୁଲ ଫୁଟିଥାଏ । ଏହି ସମୟରେ ଫୁଲର ରଙ୍ଗ ଭଲ ଭାବରେ ପ୍ରସ୍ଫୁଟିତ ହୋଇନଥାଏ । ମୋଗଲ ଉଦ୍ୟାନ ପ୍ରଣାଳୀ କିମ୍ବା ଜାପାନୀ ଉଦ୍ୟାନ ପ୍ରଣାଳୀରେ ଗୋଲାପ ଗଛ ଲଗାଯାଇଥାଏ । ତେବେ ସେପ୍ଟେମ୍ବର ମାସ ଗୋଲାପ ଚାରା ଲଗାଇବାର ପ୍ରକୃଷ୍ଟ ସମୟ କହିଲେ ଚଳେ ।





## ସବୁଜ ସୁନ୍ଦର ଏଇ ଆମ ଘର



ପ୍ରକୃତିର ସବୁଜିମା ଓ ଫୁଲର ସମ୍ଭାର ସମସ୍ତଙ୍କୁ ଆକର୍ଷିତ କରିଥାଏ । କାରଣ ଫୁଲ କେବଳ ଆମ ଘରକୁ ନୁହେଁ ଆମ ଜୀବନରେ ବି ରଙ୍ଗ ଭରିଦିଏ । ପ୍ରବଳ ଖରାରେ ବାହାରକୁ ଚାହିଁ ନ ହେବା ବେଳେ ସବୁଜିମାରେ ସଜା ଯାଇଥିବା ଘରକୁ ଦେଖିଲେ ଆଖିକୁ ଶାନ୍ତି ଓ ହୃଦୟକୁ ଶୀତଳତା ମିଳେ । ତେଣୁ ଏହି ଖରାଦିନରେ ଘରକୁ ସବୁଜ ସୁନ୍ଦର କରି ରଖିଲେ ନିଜକୁ ଏହା ଶାନ୍ତି ପ୍ରଦାନ କରିଥାଏ । ଏଥିପାଇଁ ବୋଧେ ବହୁ ଲୋକ ନିଜ ଛାତ ଓ ବାଲକୋନୀମାନଙ୍କରେ ସୁନ୍ଦର ସୁନ୍ଦର ଫୁଲ ଓ କ୍ରୋଟନ୍ ଗଛ ସବୁ ସଜାଇ ରଖିଥାନ୍ତି । ଆପଣ ଚାହିଁଲେ ବି ନିଜ ଘରକୁ ସବୁଜ ସୁନ୍ଦର କରିପାରିବେ । ଏହି ଗଛଗୁଡ଼ିକ ଲଗାଇବା ପାଇଁ ପ୍ରଥମ ଆବଶ୍ୟକତା ହେଉଛି ମାଟି । ସେଥିପାଇଁ ସଢ଼ାପତ୍ରର ଖତ ଓ ମାଟି ମିଶାଇ ରଖିବା ଉଚିତ । ମଞ୍ଜିରୁ ଗଛଗୁଡ଼ିକ ଅଙ୍କୁରୋଦଗମ ହେବା ପରେ ଓ ଏହି ଗଛ ୧୦ ସେଣ୍ଟିମିଟର ହୋଇଗଲେ ଏହାକୁ କୁଣ୍ଡକୁ ନେଇ ଆସିବା ଭଲ । କୁଣ୍ଡ ତଳେ ପାଣି ନିଷ୍କାସନ ହେବା ପାଇଁ ଛୋଟିଆ ଛିଦ୍ର ରଖିବେ । ଧ୍ୟାନ ରଖନ୍ତୁ ଛିଦ୍ରଗୁଡ଼ିକ ଯେପରି ବେଶୀ ବଡ଼ ନ ହୁଏ । ଗଛ ପାଇଁ ସଠିକ କୁଣ୍ଡ ବାଛିବା ନିହାତି ଜରୁରୀ । ସେଥିପାଇଁ ସୁବିଧା ଦୃଷ୍ଟିରୁ କୁଣ୍ଡ ଗୁଡ଼ିକ ବେଶି ଓଜନିଆ ଓ ବେଶି ବଡ଼ ନ ହେବା ଭଲ । କାରଣ ବଡ଼ ହେଲେ ଏହା ଘରର ବହୁତ ଜାଗା ଅକ୍ତିଆର କରି ରଖିବ । ଓଜନଦାର ହେଲେ ଏହାକୁ ବାଲକୋନୀର କୌଣସି ଜାଗାରେ ଝୁଲାଇ ରଖିବାକୁ ଚାହିଁଲେ ରଖି ହେବ ନାହିଁ । ସେରାମିକ କୁଣ୍ଡ ସାଧାରଣତଃ ସୁନ୍ଦର ଓ କମ ଓଜନିଆ ହୋଇଥାଏ । ଝୁଲା ବାସ୍କେଟ ବିଶେଷ କରି ଘରମାନଙ୍କରେ ବ୍ୟବହାର ଉପଯୋଗୀ ହୋଇଥିବା କାରଣରୁ ଏହାକୁ ବ୍ୟବହାର କରିବା ଭଲ । କେତେକ ଏପରି ଫୁଲଗଛ ଦେଖିଲେ ମନରେ ଶାନ୍ତଭାବ ଜାଗ୍ରତ ହୋଇଥାଏ । ସେଗୁଡ଼ିକ ଭିତରେ ରହିଛି ସେଲୋସିଆ, ଜିନିଆ, ଲିଲି, ସୂର୍ଯ୍ୟମୁଖୀ, ଗେଣ୍ଡୁ ଫୁଲ ଭଳି ଫୁଲ । ଏହି ଫୁଲଗୁଡ଼ିକୁ ଆପଣ ବାଲକୋନୀ ଓ ଲନ ଭିତରେ ଲଗାଇ ପାରିବେ । ଏହିପରି ବହୁ ନାଲି, ନାରଙ୍ଗୀ, ଧଳା, ଗୋଲାପୀ ଫୁଲକୁ ଆପଣ ଘର ଭିତରେ ଓ ବାହାର ବାଲକୋନୀ ବା ଲନରେ ଲଗାଇ ପାରନ୍ତି । ଘରେ ଲଗାଇବା ପାଇଁ ଇନଡ଼ୋର ପ୍ଲାଣ୍ଟ ବି ଆଜିକାଲି ବହୁ ପ୍ରକାରର ଉପଲବ୍ଧ ହେଲାଣି । ପାମ, ବୋନସାଇ, ମନିପ୍ଲାଣ୍ଟ, କାକ୍‌ଟସ୍ ଭଳି ବହୁ ଇଣ୍ଡୋର ପ୍ଲାଣ୍ଟ ମିଳୁଛି । ପାଣି ଓ ଖରା ଦେଇ କିଛି ସମୟ ବାହାରେ ରଖିବା ପରେ ଏହା ଘରେ ରଖିବାର ଉପଯୋଗୀ ହୋଇପାରୁଛି ।



ଆଜିକାଲି ଫୁଲକୁ ବ୍ୟବସ୍ଥିତ ଢଙ୍ଗରେ ସଜାଇବା ଏକ କଳା ହୋଇ ଯାଇଛି । ଏଥିରେ ଫୁଲର ଆକାର ରଙ୍ଗ ଓ ଏହାର ସ୍ୱାଭାବିକ ରଙ୍ଗକୁ ତାଜା ରଖିବାକୁ ଗୁରୁତ୍ୱ ଦିଆଯାଇଥାଏ । ସ୍ଥାୟୀ ସାଜସଜ୍ଜା ପାଇଁ ଏଥି ସହ କଳାତ୍ମକ ଶୁଖିଲା ପତ୍ର ଓ କାଗଜକୁ ନେଇ ସୁନ୍ଦର ଆକାର ଦିଆଯାଇପାରେ । ପତ୍ରର ଦୁଇଚାରୋଟି ଡ଼ାଳ ଅଫିସର କ୍ୟାବିନକୁ କାମ କରିବାର ଖୋରାକ ଯୋଗାଇପାରେ । ଡିନର ଟେବୁଲ ଉପରେ ଗୋଲାପ ଫୁଲରୁ କିଛି ରଖିଲେ ଏହା ଖାଇବାର ମଜା ଦୁଇଗୁଣା କରି ଦିଏ । ବେଡରୁମରେ ତ ଏହାର ସୁଗନ୍ଧ ମନକୁ ଅଧିକ ରୋମାଣ୍ଟିକ କରିଦିଏ । ଗ୍ଲାଡ଼ିଏଲା, ରଜନୀଗନ୍ଧା, ଟ୍ୟୁଲିପ, ଲିଲି, ଗୋଲାପ ଆଦି ଫୁଲ ଘର ଭିତରେ ସଜାଇବା ପାଇଁ ଠିକ ହୋଇଥାଏ । ଅପ୍ରାକୃତିକ ଓ ଶୁଖିଲା ଫୁଲ ସହ ତାଜା ପ୍ରାକୃତିକ ଫୁଲକୁ ମିଶାଇ ସଜାଇଲେ ତାହା ଆକର୍ଷଣୀୟ ହୋଇଥାଏ ।

ଖରାଦିନରେ ଫୁଲକୁ ସତେଜ ରଖିବା ପାଇଁ ଏଥିରେ ପାଣି ଛିଞ୍ଚିବା ଜରୁରୀ । ଏହି ପାଣିରେ ଲେମ୍ବୁରସ ମିଶାଇଲେ ଏହା ଆହୁରି ଲାଭଦାୟୀ ହୋଇଥାଏ । କିମ୍ବା ଏକ ପାତ୍ରରେ ଏହାକୁ ଅଧା ବୁଡ଼ାଇ ରଖାଯାଇପାରେ । କୁଣ୍ଡରେ ରଖିଥବା ଗଛର ଅଧିକ ଯତ୍ନ ଆବଶ୍ୟକ । ଏହାକୁ ସମୟ ସମୟରେ ସଫା କରିବା ଓ ପାଣି, ଖରା ଦେବା ଦରକାର ହୁଏ । ଧ୍ୟାନ ରଖିବା ଜରୁରୀ ଯେ କୁଣ୍ଡଗୁଡ଼ିକ ଉପରେ ଯେପରି ସୂର୍ଯ୍ୟ କିରଣ ସିଧା ନ ପଡ଼ି ବରଂ ଆଲୋକ ଓ ପବନ ଉଚିତ ମାତ୍ରାରେ ମିଳିବା ଉଚିତ । ଇଣ୍ଡୋର ପ୍ଲାଣ୍ଟଗୁଡ଼ିକ ଅଧିକ ଥଣ୍ଡା ଓ ଛାଇ କାରଣରୁ ପୋକ ଲାଗିବା ଦେଖାଯାଏ । ତେଣୁ ଏହାର ଯତ୍ନ ନେବା ଜରୁରୀ । ପାମ ଗଛକୁ ବାରମ୍ବାର କୁଣ୍ଡ ପରିବର୍ତ୍ତନ କରି ଲଗାଇବା ଆବଶ୍ୟକ । କାରଣ ଏହି ଗଛ ଯେତେ ବଡ଼ ହୁଏ ଏହାର ଚେର ମଜଭୁତ ଓ ଏହି ଚେରରୁ ଅଧିକ ଗଛ ସୃଷ୍ଟି ହୁଏ । ତେଣୁ ଏହି ଗଛକୁ ବାରମ୍ବାର ପରିବର୍ତ୍ତନ ଜରୁରୀ । ଘରକୁ ଯଦି ଫୁଲ ଓ ଗଛ ସାହାଯ୍ୟରେ ଭଲ ଭାବେ ସଜାଇ ଦିଅନ୍ତି ତେବେ ଘର ଭିତରେ ଶାନ୍ତି ଅନୁଭବ କରିପାରିବେ ।



## କଥା କହିଲେ ଟାଇପ୍ ହେବ

ଏକଦା ବିଶ୍ୱବିଖ୍ୟାତ ଦାର୍ଶନିକ ଫ୍ରେଡ଼ରିକ୍ ନିତ୍‌ସେ କହିଥିଲେ 'ଆମ ଚିନ୍ତା ଓ ଭାବନା ଉପରେ ଲେଖନ - ଦ୍ରବ୍ୟର ପ୍ରଭାବ ପଡ଼ିଥାଏ' । ଏହା ସେ ନିଜ ଅନୁଭୂତିରୁ କହୁଥିଲେ । ସେ ଭାବୁଥିଲେ- ଟାଇପ୍ ରାଇଟରରେ ହିଁ ମୁଁ ଭଲ ଲେଖିପାରେ । ନିଜର ବହୁ ମହତ୍ତ୍ୱପୂର୍ଣ୍ଣ କୃତି ମଧ୍ୟ ସିଧାସଳଖ ସେ ଟାଇପ୍ ରାଇଟରରେ ଲେଖିଥିଲେ । କିନ୍ତୁ ବେଶୀ ଭାଗ ଲୋକ ଏଥିରେ ସହମତ ହୁଅନ୍ତି ନାହିଁ । ସେମାନଙ୍କ ମତରେ, ହାତରେ ଲେଖିବା ଦ୍ୱାରା ହିଁ ସେମାନଙ୍କର ଅସଲ ଚିନ୍ତାଚେତନାର କଥା ପ୍ରକାଶ ପାଇପାରେ । ତେବେ ବିଜ୍ଞାନର ଜୟଯାତ୍ରା ଭିତରେ ନିହାତି ଜରୁରୀ ମନେ ହେଉଥିବା ଟାଇପ୍ ରାଇଟର କେବେଠୁ ବିଦାୟ ନେଇସାରିଲାଣି, ତାହା ଜଣାପଡୁନି । ଇତିମଧ୍ୟରେ ଉନ୍ନତମାନର କମ୍ପ୍ୟୁଟର ଆସିଛି ଓ ୧୮୬୦ରୁ ଲୋକଙ୍କୁ ସେବା ଯୋଗାଉଥିବା ଟାଇପ୍ ରାଇଟର ପ୍ରାୟ ଲୁଚିଯାଇଛି । ତେବେ ଲେଖିବା ପାଇଁ କମ୍ପ୍ୟୁଟରରେ ବି ଟାଇପ୍ କରିବାକୁ ପଡୁଛି । କିନ୍ତୁ ଆଗାମୀ କିଛି ବର୍ଷ ଭିତରେ ଲେଖିବା ପାଇଁ ଆଦୌ ଟାଇପ୍ କରିବା ବି ଦରକାର ହେବ ନାହିଁ । କେବଳ ଆପଣଙ୍କୁ କହିବା ବା ଡାକିବା ଦରକାର ପଡ଼ିବ । ଆପଣ ଯାହା ଡାକିବେ, କମ୍ପ୍ୟୁଟରରେ ତାହା ଆପେ ଆପେ ଲେଖି ହୋଇଯିବ । ଗୁଗୁଲ୍ ତା'ର କେତେକ ସଫ୍ଟୱେୟାର୍‌ରେ ଏହି ବ୍ୟବସ୍ଥା କରିଛି, ଯାହାକୁ କଥା ଚିହ୍ନଟ ପ୍ରଣାଳୀ ବୋଲି କୁହାଯାଉଛି । ବର୍ତ୍ତମାନ ଏଭଳି ବୈପ୍ଳବିକ ପ୍ରଯୁକ୍ତି ମୋବାଇଲ ଫୋନରେ ଉପଲବ୍ଧ ହେଲାଣି । ଆଇଫୋନ୍‌ରେ ଏହି ପ୍ରଯୁକ୍ତିର ନାମ ରହିଛି 'ସିରି' । ଏହା ଅନ୍ ହେବା ମାତ୍ରେ ଆପଣ ଯାହା କରିବେ, ତାହା ଫୋନରେ ଆପେ ଆପେ ଲେଖି ହୋଇଯିବ । ଆପଣ ଆଉ ଟାଇପ୍ କରିବା ଦରକାର ନାହିଁ । ତେବେ ଏହି ପ୍ରଯୁକ୍ତିର କାର୍ଯ୍ୟକ୍ଷେତ୍ର ସୀମିତ ଅଛି । କିନ୍ତୁ ଆଗାମୀ ଦିନରେ ଯେ ଏହା ବ୍ୟାପକ ଭାବେ କାର୍ଯ୍ୟ କରିବ, ତାହା ନିଃସନ୍ଦେହ । ଏହାଦ୍ୱାରା ଲିଖନ ପ୍ରଭାବିତ ହେବାର ଆଶଙ୍କା ସର୍ବାଧିକ । ଲିଖନ ପ୍ରଭାବିତ ହେଲେ ଚିନ୍ତା ବା ଭାବନା ବି ପ୍ରଭାବିତ ହେବ ବୋଲି କେତେକଙ୍କ ମତ । ଅବଶ୍ୟ ସବୁଯୁଗରେ ନୂଆ ପ୍ରଯୁକ୍ତିକୁ ଏଭଳି ବଦନାମ୍ କରାଯାଇଛି କିନ୍ତୁ ତାକୁ କେହି ରୋକିପାରିନାହାନ୍ତି । ସକ୍ରେଟିସ୍ ଭୟ କରୁଥିଲେ ଯେ ଲିଖିତ ଶବ୍ଦ ମଣିଷକୁ ବୁଦ୍ଧିହୀନ କରିଦେବ । କାରଣ ଏହାଦ୍ୱାରା ମନେ ରଖିବାର ଯେଉଁ ନୀରବ ପ୍ରଚେଷ୍ଟା ଜାରି ରହିଥାଏ, ତା'ର ସ୍ଥାନ ନେବ ପଠନପାଠନ । ସେହିପରି ପ୍ଲାଟୋ ଲେଖିଥିଲେ- ଶିଖିବାର ସବୁଠୁ ଭଲ ମାଧ୍ୟମ ବହି ନୁହେଁ, ବରଂ ପାରସ୍ପରିକ ବାର୍ତ୍ତାଳାପ ବା ଆଲୋଚନା ଯେଉଁଠି ବକ୍ତାମାନେ ନିଜ ନିଜର ବଳିଷ୍ଠ ଯୁକ୍ତିକୁ ଉପସ୍ଥାପନ କରିପାରନ୍ତି । ତାଙ୍କ ଭାଷାରେ ଲିଖିତ ଶବ୍ଦ ନିଜକୁ ସୁରକ୍ଷା ଦେବାରେ ଅସମର୍ଥ ।

ସେ ଯାହା ହେଉ, କେତେକ ସୃଜନଶୀଳ ଲେଖକ ଏବେ ବି ଅନ୍ୟକୁ ଡାକିଥାନ୍ତି, ଏହାକୁ ଜଣେ ଟାଇପ୍ ରାଇଟରରେ ଟାଇପ୍ କରେ କିମ୍ବା କାଗଜ କଲମରେ ଲେଖେ । ସେଭଳି କ୍ଷେତ୍ରରେ 'ସିରି' ଭଳି ନୂଆ ପ୍ରଯୁକ୍ତି ନିଶ୍ଚିତ ଭାବେ ଏକ ବରଦାନ । ଅନ୍ୟ କ୍ଷେତ୍ରରେ ତ ଏହା ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ନିଶ୍ଚିତ । ଏହା ଆମ ଚିନ୍ତାଚେତନାର ପରିପ୍ରକାଶରେ ପ୍ରଭାବ ପକାଇଲେ ବି ଗ୍ରହଣଯୋଗ୍ୟ ନୁହେଁ ବୋଲି ଆମେ କହିପାରିବା ନାହିଁ ।






**ଭଗବାନ ନକରନ୍ତୁ ଆପଣଙ୍କର କେବେ ପକେଟ୍‌ମାର ହେଉ । କିନ୍ତୁ ଯଦି ହୁଏ ତା'ହେଲେ କ'ଣ ହେବ ? ପଇସା ତ ଯିବ । ତା'ଠାରୁ ଅଧିକ କଷ୍ଟ ଏଥିରେ ଥିବା କାଗଜପତ୍ର, କାର୍ଡ ଆଦି ହଜିବା । ପକେଟ୍‌ରେ ଥିବା କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ ଏବଂ ଡ୍ରାଇଭିଂ ଲାଇସେନ୍ସ ଆଦି ହଜିଲେ ଆପଣ କ'ଣ କରିବେ ? ପ୍ରଥମେ ଗୋଟି ଗୋଟି କରି ସବୁ ବ୍ୟାଙ୍କର ହେଲ୍ପଲାଇନ ନମ୍ବର ଖୋଜି ନିଜ କାର୍ଡର ଲମ୍ବା ନମ୍ବର ଏବଂ ନିଜର ସମ୍ପୂର୍ଣ୍ଣ ସୂଚନା ଦେବେ, କାର୍ଡ ବ୍ଲକ କରିବେ । ଆଉ ଯଦି ଆପଣ ବିଦେଶରେ ଥିବେ...**

## କାଳେ ପକେଟ୍‌ମାରୁ ହୋଇଯିବ




ଭଗବାନଙ୍କ ଦୟାରୁ ଆପଣଙ୍କ ସହ ଏମିତି ନହେଉ । କିନ୍ତୁ ଅନେକ ସମୟରେ ଏହା ହୋଇଥାଏ । ଏମିତି ସମସ୍ୟା ଆସିଗଲେ ଆପଣଙ୍କୁ ମାନସିକ ଯନ୍ତ୍ରଣାରୁ ବଞ୍ଚାଇବା ପାଇଁ ଏବେ ନୂଆ ପଦ୍ଧତି ଆସିଛି, କାର୍ଡ ପ୍ରୋଟେକ୍ସନ ପ୍ଲାନ୍ (ସିଟିପି) ।

ଏହି ପ୍ଲାନ ଅନୁଯାୟୀ ଆପଣଙ୍କ ପର୍ସ ହଜିଗଲେ ଆପଣଙ୍କୁ ଗୋଟିଏ ହେଲ୍ପଲାଇନ ନମ୍ବରକୁ ଫୋନ କରିବାକୁ ହେବ । ଏହାପରେ ଉକ୍ତ ହେଲ୍ପଲାଇନ ସମସ୍ତ ବ୍ୟାଙ୍କକୁ ଫୋନ କରି ଆପଣଙ୍କ କାର୍ଡ ବ୍ଲକ କରାଇଦେବେ । ବିଦେଶରେ କିମ୍ବା କୌଣସି ଆପାତକାଳୀନ ପରିସ୍ଥିତିରେ ଥିଲେ ନଗଦ ଟଙ୍କା ମଧ୍ୟ ଆପଣଙ୍କ ପାଖରେ ପହଞ୍ଚିଯିବ ।

ଦେଶର ଅଧିକାଂଶ ବଡ଼ ବଡ଼ ବ୍ୟାଙ୍କ ସିପିପି ସହଯୋଗୀ ସେବା ସହ ଏହି ପ୍ରକାରର ଯୋଜନା ଆରମ୍ଭ କରିଛନ୍ତି । ଏଥିରେ ଆପଣ କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ ବ୍ୟତୀତ ଡ୍ରାଇଭିଂ ଲାଇସେନ୍ସ, ମେମ୍ବରସିପ୍ କାର୍ଡ, ପାସପୋର୍ଟ, ପାନ କାର୍ଡ ଆଦି ଜରୁରୀ କାଗଜପତ୍ର ମଧ୍ୟ ରେଜିଷ୍ଟ୍ରର କରାଇପାରିବେ । ଯଦି ଏଗୁଡ଼ିକ କୌଣସି ପରିସ୍ଥିତିରେ ହଜିଯାଏ ତେବେ ଆପଣଙ୍କୁ ଏହାର ନମ୍ବର ମନେ ପକାଇବାକୁ ପଡ଼ିବ ନାହିଁ । ସିପିପି ଦ୍ୱାରା ଆପଣଙ୍କୁ ସବୁକିଛି ସହଜରେ ମିଳିଯିବ । ଏଲ୍ଆଇସି କାର୍ଡ ସର୍ଭିସେସ୍, ଆକ୍ସିସ୍ ବ୍ୟାଙ୍କ ପରେ ଏବେ ଆଇସିଆଇସିଆଇ ବ୍ୟାଙ୍କ, କୋଟାକ୍ ମହିନ୍ଦ୍ରା, ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ, ବାର୍କଲେଜ୍, ଏଚଏସ୍‌ବିସି ପରି ବଡ଼ ବଡ଼ ବ୍ୟାଙ୍କ ସିପିପି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି ।

୩୦ ବର୍ଷ ତଳେ ପ୍ରଥମେ ବ୍ରିଟେନ୍‌ରେ ଏହି ସେବା ଆରମ୍ଭ ହୋଇଥିଲା । ବର୍ତ୍ତମାନ ଏହା ବିଶ୍ୱର ୧୪ଟି ଦେଶରେ ଉପଲବ୍ଧ । ଯେକୌଣସି ବ୍ୟାଙ୍କର କାର୍ଡ ଏଥିରେ ରେଜିଷ୍ଟ୍ରର ହୋଇପାରିବ । ଆପଣଙ୍କ ସୂଚନାର ଗୋପନୀୟତା ଏଠାରେ ସମ୍ପୂର୍ଣ୍ଣ ସୁରକ୍ଷିତ । ଏହା ବିଦେଶ ଯାତ୍ରା ଅବସରରେ ସବୁଠାରୁ ବଡ଼ ସହାୟ ହୁଏ । କାରଣ ବିଦେଶରେ ପକେଟ୍‌ମାର ହୋଇଗଲା ପରେ ହୋଟେଲ ବିଲ୍ କିମ୍ବା ବିମାନ ଟିକେଟ୍ ପାଇଁ ଆପଣଙ୍କୁ ନଗଦ ଟଙ୍କା ଯୋଗାଇ ଦିଆଯାଇପାରେ ।


ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 13th January, 2026 Tuesday | RNI Regd. No. ODIODI/2009/28880

## ଶାଶୁ କୋମାରେ

ହେଲ୍‌ଥ



ଟନିକ୍

ସେଦିନ ଶାଶୁ ବୋହୂକୁ ଡାକି ତାଗିଦ କରିଦେଲେ। କହିଲେ- ଶୁଣ୍ ବୋହୂ, ଆମ ପଡ଼ିଶା ଘରର ସ୍ତ୍ରୀ ଲୋକ କଥା ଜମା ବିଶ୍ୱାସ କରିବୁନି। ସେ ଭାରି ମିଛେଇ। ଲଗେଇ ଯୁଟେଇ ଯା ତା'ନାଁରେ ଗପିବ।

ଏହାପରେ ଟିକେ ଛାଡ଼ି ଧୀର ଗଳାରେ ବୋହୂକୁ ପଚାରିଲେ- ଆଜି ସକାଳେ ସେ ତତେ। କ'ଣ ସବୁ କହୁଥିଲା ?

ବୋହୂ କହିଲା- ସେ କହୁଥିଲେ, ତୁମ ଶାଶୁ ଭାରି ଭଲ ଲୋକ। ତମସ୍ତଙ୍କୁ ସାହାଯ୍ୟ କରନ୍ତି।

ବୋହୂ କଥା ଶୁଣିବା ପରେ ଶାଶୁ କୋମାରେ।

## ନିର୍ବାଚନ ଲାଗି ବିନା ଦର୍ଶକରେ ଖେଳାଯିବ ଡବ୍ଲ୍ୟୁପିଏଲ୍‌ର ୨ ମ୍ୟାଚ୍ !



**ମୁମ୍ବାଇ,୧୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ମୁମ୍ବାଇ ମହାନଗର ନିଗମ ନିର୍ବାଚନ ଚଳିତ ମାସ ୧୫ରେ ଅନୁଷ୍ଠିତ ହେବାକୁ ଯାଉଛି। ଏହାର ପ୍ରଭାବ ଏଠାରେ ଚାଲିଥିବା ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍) ପଡିବାର ସମ୍ଭାବନା ରହିଛି। ନିର୍ବାଚନ ଲାଗି ସ୍ଥାନୀୟ ପୁଲିସ ଆବଶ୍ୟକ ସୁରକ୍ଷା ଦେବାକୁ ରାଜି ନାହାନ୍ତି। ପୁଲିସ ମଧ୍ୟ ସୁରକ୍ଷା ଯୋଗାଇ ପାରିବନି ଏହାର ବକଳ୍ପ ବ୍ୟବସ୍ଥା ଲାଗି ବିସିସିଆଇକୁ କହି ଦେଇଛି। ତେଣୁ ସଂପ୍ରତି ବିସିସିଆଇ ପାଖରେ ମ୍ୟାଚ୍ ତାରିଖ ବଦଳାଇବା ପାଇଁ ସମୟ ନଥିବାରୁ ୧୪ ଓ ୧୫ ତାରିଖ ଏଠାରେ ଖେଳାଯିବାକୁ ଥିବା ଡବ୍ଲ୍ୟୁପିଏଲର ଦୁଇଟି ମ୍ୟାଚ୍ ବିନା ଦର୍ଶକରେ କରିବାକୁ ବୋର୍ଡ ଚିନ୍ତା କରୁଛି। ବିସିସିଆଇ ସମ୍ପାଦକ ଏକ ସାକ୍ଷାତ୍କାରରେ କହିଛନ୍ତି, 'ଆମେ ଏହି ଦୁଇଟି ମ୍ୟାଚ୍ ବିନା ଦର୍ଶକରେ କରାଇବୁ। ପୁଲିସ ଆମକୁ କହିବା ପରେ ଆମେ ଏଭଳି ଚିନ୍ତା କରିଛୁ। ହେଲେ କୌଣସି ପ୍ରକାର ଚୂଡ଼ାନ୍ତ ନିଷ୍ପତ୍ତି ଏବେ ସୁଦ୍ଧା ହୋଇନି'।

ବିସିସିଆଇ ଯଦି ବନ୍ଦ କୋଠରିରେ ମ୍ୟାଚ୍ କରେ ତେବେ ଦିଲ୍ଲୀ କ୍ୟାପିଟାଲ୍ସ ଓ ୟୁପି ୱାରିୟର୍ଜ (ଜାନୁଆରି ୧୪) ଏବଂ ମୁମ୍ବାଇ ଇଣ୍ଡିଆନ୍ସ ଓ ୟୁପି ୱାରିୟର୍ଜ (ଜାନୁଆରି ୧୫) ମ୍ୟାଚ୍ରୁ ଦର୍ଶକ ହାତଛଡା କରିବେ। ଏଥିସହ ଗୁଜରାଟ ଜାଏଣ୍ଟ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଜାନୁଆରି ୧୬) ମ୍ୟାଚ୍ ମଧ୍ୟ ବନ୍ଦ କୋଠରିରେ ଖେଳାଯିବାର ସମ୍ଭାବନା ରହିଛି। କାରଣ ଏହି ୩ ଦିନର ଟିକେଟ୍ ଡବ୍ଲ୍ୟୁପିଏଲ୍ ଅନ୍ଲାଇନ୍ ଟିକେଟ୍ ପ୍ଲାଟ୍ଫର୍ମରେ ସଂପ୍ରତି ବିକ୍ରି ଲାଗି ଉପଲବ୍ଧ ନାହିଁ।

# ମଣ୍ଡି ସମସ୍ୟାକୁ ନେଇ ରାସ୍ତାକୁ ଓହ୍ଲାଇବ ବିଜେଡି

**ଭୁବନେଶ୍ୱର,୧୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ବର୍ତ୍ତମାନ ପର୍ଯ୍ୟନ୍ତ ଅଧିକାଂଶ ସ୍ଥାନରେ ମଣ୍ଡିରେ ଧାନ ପଡିଛି। କିଣା ଆରମ୍ଭ ହୋଇନାହିଁ। ମୁଖ୍ୟମନ୍ତ୍ରୀ ୧୦ ତାରିଖ ଭିତରେ ସବୁ ଜିଲ୍ଲାରେ ଧାନ କିଣା ହେବ ବୋଲି କହିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ୮ ଜିଲ୍ଲାରେ ଧାନ କିଣା ହୋଇନାହିଁ ବୋଲି ପ୍ରତିକ୍ରିୟା ଦେଇଛନ୍ତି ବିଜେଡି ବିଧାୟକ ପ୍ରଦୀପ ଦିଶାରୀ। ଯେଉଁଠି ମଣ୍ଡି ଖୋଲିଛି ସେଠାରେ ଧାନ ଉଠୁ ନାହିଁ। ଆଉ ଯେଉଁଠି ଧାନ ଉଠୁଛି ସେଠାରେ ୫ରୁ ୧୦ କେଜି କଟନୀ ଛଟନୀ ହେଉଛି। ସରକାର କେବଳ ଭାଷଣ ଦେଉଛନ୍ତି। ଏହା ଚାଷୀଙ୍କୁ ଉପହାସ। ସରକାର ଧାନ ନ ଉଠାଇବା ଫଳରେ ବାଧ୍ୟ ହୋଇ ଚାଷୀ କମ୍ ଦରରେ ଦଲାଲଙ୍କୁ ଧାନ ବିକୁଛନ୍ତି। ଯେଉଁମାନେ ଟୋକନ ପାଇ ନାହାନ୍ତି ସେମାନେ ଅନିଶ୍ଚିତତା ଦେଇ ଗତି କରୁଛନ୍ତି। ଏହାର ଶୀଘ୍ର ସମାଧାନ ନହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବିଜେଡି।



ଉଲ୍ଲେଖଯୋଗ୍ୟ ଯେ, ମିଲର ସଂଘର ଆନ୍ଦୋଳନ ପାଇଁ ତିନି ଦିନ ଧରି ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା। ଚାଷୀ ଧାନ ବସ୍ତା ଧରି ମଣ୍ଡିରେ ମୁଣ୍ଡରେ ହାତ ଦେଇ ବସିଥିଲେ। ତିନି ଦିନ ପରେ ୧୯ ଜିଲ୍ଲାରେ ଧାନ କିଣା ଆରମ୍ଭ ହୋଇଥିଲା। କିନ୍ତୁ ବାକି ୧୧ ଜିଲ୍ଲାରେ ୧୦ ତାରିଖରୁ ଧାନ କିଣା ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

୪ ଦଫା ଦାବି ନେଇ ସାରା ରାଜ୍ୟରେ ମିଲର୍ସ ସଙ୍ଘ ଆନ୍ଦୋଳନ ଡାକରା ଦେଇଥିଲା। ତେବେ ୪ ଦାବିରୁ ସରକାର ଗୋଟିଏ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନରୁ ହଟିଥିଲେ ମିଲର୍ସ ସଂଘ। ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ଦାବିକୁ ସରକାର ମାନି ନେବାପରେ ସଂଘ ଆନ୍ଦୋଳନରୁ ଓହରିଛି। କଷ୍ଟମ୍ ମିଲିଂ ଚାର୍ଜ ବଢ଼ାଇବା ସହିତ ଚାଉଳ ପରିବହନ ବାବଦ ଖର୍ଚ୍ଚ ବୃଦ୍ଧି କରିବା, ଧାନ ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ବୃଦ୍ଧି ଆଦି ଦାବି ରହିଥିଲା ସଂଘ। ସେଥିରୁ ସରକାର ଗୋଟିଏ ଦାବି ମାନିଥିବା ବେଳେ ଲିଖିତ ପ୍ରତିଶ୍ରୁତି ଦେଇନଥିବାରୁ ସଂଘ ନିଜ ଜିଦରେ ଅଟଳ ରହିଥିଲା । ଯୋଗାଣ ମନ୍ତ୍ରୀ ଗଣମାଧ୍ୟମ ଆଗରେ ଧାନ ସଂଗ୍ରହ ଆରମ୍ଭ ହୋଇଯାଇଥିବା କହିବା ପରେ ମଧ୍ୟ ସଂଘ ଲିଖିତ ପ୍ରତିଶ୍ରୁତିକୁ ଅପେକ୍ଷା କରିଥିଲା । ସରକାରଙ୍କ ପ୍ରତିଶ୍ରୁତି ମିଳିବା ପରେ ଧାନ ସଂଗ୍ରହ ଆରମ୍ଭ କରିଥିଲେ ମିଲର୍ସ ।

## ଚୋରଙ୍କୁ ଛାଡି ସରପଞ୍ଚଙ୍କୁ ଅଟକ ରଖିଲା ପୋଲିସ

**ବଲାଙ୍ଗିର,୧୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଚୋରଙ୍କୁ ଧରିବା ପରେ ଛାଡିଦେଲା ସଦର ଥାନା ପୋଲିସ। ହେଲେ ଥାନାରେ ସରପଞ୍ଚଙ୍କୁ ରଖିଲା ଅଟକ। ଏନେଇ ଗାଁରେ ଉତ୍ତେଜନା ପରେ ସଦର ଥାନା ଘେରିବା ସହ ମୁହାଁମୁହିଁ ହୋଇଥିଲେ ପୋଲିସ ଓ ଗ୍ରାମବାସୀ। ଥାନା ଗେଟ ଟଣାଓଟରା କରି ବିରୋଧ ପ୍ରଦର୍ଶନ କଲେ ସହ ରାସ୍ତା ମଧ୍ୟ ଅବରୋଧ କରିଥିଲେ।

ସୂଚନାଯୋଗ୍ୟ ଯେ, ବଲାଙ୍ଗିର ସଦର ଥାନା ଅନ୍ତର୍ଗତ କୁସମେଲ ଗାଁରେ ଗତ ଦୀର୍ଘ ମାସ ହେଲା କିଛି ଚୋର ଗାଁର ଉଠାଜଳ ସେଚନ ପ୍ରକଳ୍ପର ପମ୍ପ ହାଉସରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ଚୋରି କରିନେଉଛନ୍ତି। ଚୋରି କରିବା ଫଳରେ ଗାଁରେ ଜଳଯୋଗାଣ ବନ୍ଦ ହୋଇଯାଉଛି। ଏନେଇ ପୋଲିସକୁ ପୂର୍ବରୁ ଅଭିଯୋଗ କରିଥିଲେ ଗ୍ରାମବାସୀ। ପୋଲିସ ୩ ଚୋରଙ୍କୁ ସନ୍ଦେହରେ ଗିରଫ କରିଥିଲା। ଗାଁ ଲୋକଙ୍କୁ ଏନେଇ ଚୋରଙ୍କୁ ଦେଖାଇବା ସହ ଗାଁ ଲୋକଙ୍କ ସମ୍ମୁଖରେ ଚୋରମାନେ ଚୋରି କରିଥିବା ସ୍ୱୀକାର କରିଥିଲେ। ହେଲେ ପରେ ପୁଣି ଚୋରଙ୍କୁ ଛାଡି ଦେବାରୁ ଲୋକ ଅସନ୍ତୋଷ ପ୍ରକାଶ କରିଥିଲେ।

ଏହି ଘଟଣାକୁ ନେଇ ଏସପିଙ୍କୁ ଅଭିଯୋଗ କରିବାକୁ ଆସିବା ପାଇଁ ପୂର୍ବରୁ ପୋଲିସକୁ ସୂଚନା ଦେଇଥିଲେ। ହେଲେ ପୋଲିସ ଗାଁ ସରପଞ୍ଚଙ୍କୁ ଆଗୁଆ ଉଠାଇ ଆଣିଥିଲା ଥାନାକୁ। ଯାହାକୁ ନେଇ ଶତାଧିକ ମହିଳା ପୁରୁଷ ସଦର ଥାନା ଘେରିବା ସହ କିଛି ସମୟ ପାଇଁ ପୋଲିସ ସହ ମୁହାଁମୁହିଁ ହୋଇଥିଲେ। ଏନେଇ ଅଟକ ସରପଞ୍ଚଙ୍କୁ ପୋଲିସ ଛାଡିଦେଇଥିଲା। ପରେ ଗ୍ରାମବାସୀ ସହ ସରପଞ୍ଚ, ସମିତି ସଭ୍ୟ ସମସ୍ତେ ଏସପିଙ୍କ କାର୍ଯ୍ୟାଳୟରେ ଧାରଣା ଦେବା ସହ ସମସ୍ତ ଚୋରଙ୍କୁ ଗିରଫ ପାଇଁ ଦାବି କରିଥିଲେ।

# ପୋଲାଭରମ ପ୍ରକଳ୍ପ ନେଇ ତେଲଙ୍ଗାନା ରିଟ୍ ପିଟିସନ ଗ୍ରହଣଯୋଗ୍ୟ ନୁହେଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆନ୍ଧ୍ରପ୍ରଦେଶ ଏବଂ ଏହାର ଏଜେନ୍ସି ଗୁଡ଼ିକୁ ପୋଲାଭରମ୍-ବାନାକାଚେର୍ଲା/ନଲ୍ଲମାଲାସାଗର ଲିଙ୍କ୍ ପ୍ରକଳ୍ପ ସମ୍ବନ୍ଧୀୟ କାର୍ଯ୍ୟକଳାପରୁ ଆଗକୁ ବଢ଼ିବାରୁ ରୋକିବାକୁ ତେଲଙ୍ଗାନା ସରକାରଙ୍କ ଦ୍ୱାରା ଦାୟର ରିଟ୍ ପିଟିସନକୁ ସୁପ୍ରିମକୋର୍ଟ ସୋମବାର ପ୍ରଥମ ଦୃଷ୍ଟିରୁ ଗ୍ରହଣଯୋଗ୍ୟ ନୁହେଁ ବୋଲି ଦର୍ଶାଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ସମସ୍ତ ପ୍ରଭାବିତ ରାଜ୍ୟମାନଙ୍କୁ ନେଇ ମାମଲା ମାଧ୍ୟମରେ ବିବାଦର ସମାଧାନ ଅଧିକ ଉପଯୁକ୍ତ ହେବ। ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଆବେଦନର ସମାଧାନ କରି ତେଲଙ୍ଗାନାକୁ ମାମଲା ଦାୟର କରିବା ସମେତ ଆଇନରେ ଉପଲବ୍ଧ ଅନ୍ୟ ଯେକୌଣସି ଉପଯୁକ୍ତ ପ୍ରତିକାର ପାଇବା ଏବଂ ବର୍ତ୍ତମାନର କାର୍ଯ୍ୟପନ୍ଥାରେ ଆଗ୍ରହୀ ସମସ୍ତ ବିବାଦ ଉଠାଇବା ପାଇଁ ସ୍ୱାଧୀନତା ପ୍ରଦାନ କରିଛନ୍ତି।

ଖଣ୍ଡପୀଠ ତାଙ୍କ ରାୟରେ କହିଛନ୍ତି ଯେ, ପ୍ରଥମ ଦୃଷ୍ଟିରୁ ରିଟ୍ ପିଟିସନକୁ କାର୍ଯ୍ୟକାରୀ କରାଯାଇ ପାରିବ ନାହିଁ ବୋଲି ବିଚାର କରାଯାଉଛି। ଆବେଦନକାରୀଙ୍କୁ ଆଇନ ଅନୁଯାୟୀ ଉପଯୁକ୍ତ ପ୍ରତିକାର ପାଇବା ଏବଂ ତୁରନ୍ତ ଆବେଦନରେ ନିଆଯାଇଥିବା ସମସ୍ତ ବିବାଦ ଉଠାଇବାର ସ୍ୱାଧୀନତା ଦିଆଯାଇଛି।

ତେଲଙ୍ଗାନା ସରକାରଙ୍କ ପକ୍ଷରୁ ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭୀ ସମ୍ବିଧାନର ଧାରା ୩୨ର ଆବେଦନକୁ ଯଥାର୍ଥ ବୋଲି ଦର୍ଶାଇବାକୁ ଚେଷ୍ଟା କରିଥିଲେ। ସିଂଘଭୀ ଦର୍ଶାଇଥିଲେ ଯେ ତେଲଙ୍ଗାନା ଗୋଦାବରୀ ନଦୀ ଜଳ ଆବଣ୍ଟନକୁ




ନିୟନ୍ତ୍ରଣ କରୁଥିବା ଟ୍ରିବ୍ୟୁନାଲ ଆୱାର୍ଡର ସ୍ପଷ୍ଟ ଉଲ୍ଲଂଘନ ଦୃଷ୍ଟିରୁ ରିଟ୍ ପିଟିସନ୍ ଦାଖଲ କରିଛି। ଗୋଦାବରୀ ଜଳ ବ୍ୟବହାର ନେଇ ଏକ ନିର୍ଦ୍ଦିଷ୍ଟ ସୀମା ରହିଛି, ଏହାଠାରୁ ଅଧିକ ଜଳ ବ୍ୟବହାର ଅବୈଧ। ତେବେ କୋର୍ଟ କହିଥିଲେ ଏହି ବିବାଦ କେବଳ ତେଲଙ୍ଗାନା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ସୀମିତ ନୁହେଁ। କର୍ଣ୍ଣାଟକ ଓ ମହାରାଷ୍ଟ୍ର ପରି ଅନ୍ୟ ରାଜ୍ୟ ମଧ୍ୟ ଅଛନ୍ତି। କିନ୍ତୁ ରିଟ୍ ପିଟିସନରେ ସେମାନଙ୍କୁ ପକ୍ଷଭୁକ୍ତ କରାଯାଇନାହିଁ। ବରିଷ୍ଠ ଓକିଲ ମୁକୁଲ ରୋହତଗୀ ଆନ୍ଧ୍ର ପ୍ରଦେଶ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିଲେ। ଏହି ବିବାଦ ଆନ୍ଧ୍ର ପ୍ରଦେଶର ଗୋଦାବରୀ ନଦୀର ବଳକା ଜଳକୁ ପୋଲାଭରମ୍ ଜଳଭଣ୍ଡାରରୁ ମରୁଡ଼ିଗ୍ରସ୍ତ ରାୟଲସୀମାର ବାନାକାଚେର୍ଲା ଅଞ୍ଚଳକୁ ପ୍ରଦାନ କରିବା ପ୍ରସ୍ତାବକୁ ନେଇ କେନ୍ଦ୍ରିତ ହୋଇଛି। ତେଲଙ୍ଗାନା ଆନ୍ଧ୍ର ପ୍ରଦେଶ ସରକାରଙ୍କ ପ୍ରସ୍ତାବକୁ ଲଗାତାର ବିରୋଧ କରିଆସୁଛି।

## ମୋ ବାପାଙ୍କୁ କେହି ଅଟକାଇ ପାରିବେନି

**ଭୁବନେଶ୍ୱର,୧୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

ସୋମବାର ଦିନ ମହମ୍ମଦ ମୋକିମ୍‌ଙ୍କୁ ଖୋଲା ମଞ୍ଚରେ ସମର୍ଥନ ଦେଇଛନ୍ତି ତାଙ୍କ କନ୍ୟା ତଥା କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦୋସ। ମୋକିମ୍ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଯୁବ ସମାବେଶରେ ସୋଫିଆ କହିଥିଲେ ଯେ ବାପା ଗୋଟିଏ ପ୍ରସଂଗ ନେଇ ଆଗକୁ ବଢିଛନ୍ତି, କେହି ତାଙ୍କୁ ଅଟକାଇ ପାରିବେ ନାହିଁ। ବାପାଙ୍କ ଲଢେଇରେ ସମସ୍ତଙ୍କୁ ସାମିଲ୍ ହେବାକୁ କନ୍ୟା ସୋଫିଆ ଆହ୍ୱାନ ଦେଇଥିଲେ। ରାଜନୀତିରେ ପାଦ ଦେବା ଆଗରୁ ବାପା କଟକବାସୀଙ୍କ ସେବା କରୁଥିଲେ। ଏବେ କଟକବାସୀ ମତେ ବିଧାୟିକା କରିଛନ୍ତି। ଦେଶକୁ ଗଢିବା ପାଇଁ ସବୁ ଯୁବକଙ୍କୁ ଏକ ହେବାକୁ ପଡିବ ବୋଲି ସୋଫିଆ କହିଛନ୍ତି। ନିକଟରେ ମହମ୍ମଦ ମୋକିମ୍ କଂଗ୍ରେସରୁ ବହିଷ୍କୃତ ହେବା ପରେ ନିଜେ ଏକ ଆଞ୍ଚଳିକ ଦଳ ଗଠନ କରିବେ ବୋଲି ଅଣ୍ଟା ଭିଡିଛନ୍ତି। ଏଥିରେ ତାଙ୍କ ସହିତ ଅନେକ ନେତା ଯୋଗ ଦେବାକୁ ଯୋଗାଯୋଗରେ ଅଛନ୍ତି ବୋଲି ମୋକିମ କହିଛନ୍ତି।



## ଗୁଳନଗର ସମିତିରେ ଧାନମଣ୍ଡି

**କେନ୍ଦ୍ରାପଡ଼ା,୧୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡାର ସହର ସଂଲଗ୍ନ ଗୁଳନଗର ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି । ସମବାୟ ସମିତିର ସଭାପତି ବିଷ୍ଣୁ ଚରଣ ମହାପାତ୍ର ଏହାକୁ ଉଦଘାଟିତ କରିଥିବା ବେଳେ ସମ୍ପାଦକ ନୃସିଂହ ଚରଣ ଦାସ, ନିର୍ଦ୍ଦେଶକ ହରିନାରାୟଣ ମଳିକ, ଜ୍ଞାନ ରଞ୍ଜନ ମହାନ୍ତି, ଉପସଭାପତି ମମତା ମହାନ୍ତିଙ୍କ ସମେତ ସରପଞ୍ଚଙ୍କ ପ୍ରତିନିଧି ଲୋହିତ ମହାନ୍ତି ଏବଂ ମଣ୍ଡି କମିଟିର ସଦସ୍ୟ ପ୍ରତାପ ନାରାୟଣ ମହାପାତ୍ର ଦେବାଶିଷ କୁବେର, ଶୈଳେନ୍ଦ୍ର ସ୍ୱାଇଁ, ବାସୁଦେବ ତ୍ରିପାଠୀ, ଅଭିମନ୍ୟୁ ଗୋଚ୍ଛାୟତ, କରୁଣାକର ସାହୁ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଅଞ୍ଚଳରୁ ଧାନ ନେଇ ଆସୁଥିବା ଚାଷିଙ୍କୁ ସମସ୍ତ ପ୍ରକାର ସାହାର୍ଯ୍ୟ ସହଯୋଗ କରିବାକୁ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ନିର୍ଦ୍ଦେଶକ ମନିନ୍ଦ୍ର ରାଉତ, ଧିରେନ୍ଦ୍ର ନାୟକ, ଦୀପକ ବେହେରା, ବନୁ ସେଠୀ, ଖଗେଶ୍ୱର ସାହୁ, ରୀତାଞ୍ଜଳୀ ପରିଡା, କରୁଣା କର ସାହୁ, ସୁଶାନ୍ତ କୁମାର ଦାସ, ଏବଂ ସମିତିର କର୍ମଚାରୀ ମାନେ ସହଯୋଗ କରିଥିଲେ । ଚଳିତ ବର୍ଷ ୫୨୯ ଚାଷୀ ପଞ୍ଜିକୃତ କରିଛନ୍ତି।

# ୧୦ ବିଧାୟକଙ୍କ ସହ ନବୀନଙ୍କ ଆଲୋଚନା

**ଭୁବନେଶ୍ୱର,୧୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ସନ୍ଧ୍ୟାରେ ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବିଜୁ ଜନତା ଦଳର ୧୦ ଜଣ ବିଧାୟକଙ୍କ ସହ ସେମାନଙ୍କ ନିର୍ବାଚନ ମଣ୍ଡଳୀର ବିକାଶ ଓ ସଂଗଠନ ସମ୍ପର୍କରେ ଆଲୋଚନା କରିଛନ୍ତି। ତୃଣମୂଳସ୍ତରରେ ଦଳର ସଂଗଠନକୁ ମଜବୁତ କରିବା ସହ ଲୋକଙ୍କ ସହ ସିଧା ସଳଖ ସମ୍ପର୍କ ରଖିବା ପାଇଁ ପରାମର୍ଶ ଦେଇଛନ୍ତି।



ବିଧାୟକମାନଙ୍କ ନିର୍ବାଚନ ମଣ୍ଡଳୀର ବିକାଶ କାମ ବିଷୟରେ ପଚାରି ବୁଝିବା ସହ ଲୋକଙ୍କ ସୁବିଧା ଅସୁବିଧାକୁ ଗୁରୁତ୍ୱ ଦେବା ପାଇଁ ଶ୍ରୀ ପଟ୍ଟନାୟକ କହିଥିଲେ। ଏହା ସହିତ ବିଧାୟକମାନଙ୍କ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ୍ୟ ଶ୍ରୀ ପଟ୍ଟନାୟକ ପଚାରି ବୁଝିଥିଲେ। ବିଜୁ ଜନତା ଦଳର ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ବିଧାୟକମାନଙ୍କୁ ପରାମର୍ଶ ଦେଇଥିଲେ। ଆଜିର ବୈଠକରେ ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟିକା ସୁଜାତା ସାହୁ, ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ପ୍ରଦୀପ ସାହୁ, ତୁଷାର କାନ୍ତି ବେହେରା, ନବ ମଲ୍ଲିକ, ସାରଦା ଜେନା ଓ ରମାକାନ୍ତ ଭୋଇ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଭାଗ ନେଇଥିଲେ।

## ସନ୍ଥ ଅରକ୍ଷିତ ଗବେଷଣା ପରିଷଦ ପକ୍ଷରୁ ଆଧ୍ୟାତ୍ମିକ ସେବା ଗୌରବ ସମ୍ମାନ

**ଆଳି,୧୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

ପରମହଂସ ତତ୍ତ୍ୱ ଗବେଷକ ତଥା ଅଭିରାମ ପରମହଂସ ମିଶନର ରାଷ୍ଟ୍ରୀୟ ଅଧକ୍ଷ ତତ୍ତ୍ୱଭୂଷଣ ପ୍ରଭାତ କୁମାର ଦାସଙ୍କୁ ସନ୍ଥ ଅରକ୍ଷିତ ଗବେଷଣା ପରିଷଦ, କଟକ ପକ୍ଷରୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ସନ୍ଥ ଅରକ୍ଷିତ ଆଧ୍ୟାତ୍ମିକ ସେବା ଗୌରବ ସମ୍ମାନ ପ୍ରଦାନ କରାଯାଇଛି। କଟକର ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନ ଠାରେ ଯୁବ ସମାଜସେବୀ ଚିତ୍ତରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଭୁବନେଶ୍ୱର ନିଗମ କଳ୍ପତରୁ ଆଶ୍ରମର ମୁଖ୍ୟ ପରମହଂସ ଶ୍ରୀମଦ୍ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ପ୍ରଭାତ କୁମାର ଦାସଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଏବଂ ସନ୍ଥ ଅରକ୍ଷିତ ଦାସଙ୍କ ପୁସ୍ତକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଏହି ଉତ୍ସବକୁ ଯାଜପୁରର ଜିଲ୍ଲାପାଳ ଅମ୍ବର କୁମାର କର ଉଦଘାଟନ କରିଥିଲେ। ମାନବାଧିକାର କମିଶନର ସଦସ୍ୟ ଅସୀମ ଅମିତାଭ ଦାଶ ବରେଣ୍ୟ ଅତିଥି, ଉତ୍କଳ ସାହିତ୍ୟ ସମାଜର ପ୍ରାକ୍ତନ ସଭାପତି ପ୍ରଫେସର ଡକ୍ଟର ବିଜୟାନନ୍ଦ ସିଂହ ମୁଖ୍ୟ ବକ୍ତା, ଇଞ୍ଜିନିୟର ରଶ୍ମିରଞ୍ଜନ ରାୟ ଓ ଅଧ୍ୟାପକ କିଶୋର ଚନ୍ଦ୍ର ଦାସ ସମ୍ମାନୀୟ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ପାଦକ ସୁଧାଂସୁ ଶେଖର ସାମଲ ସମସ୍ତଙ୍କୁ ସାଧୁବାଦ ଜଣାଇ ଥିଲେ।

## ଏବିଭିପିର ରାଷ୍ଟ୍ରୀୟ ଯୁବଦିବସ

**ରାଜନଗର,୧୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦଶାଖା ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଯୁବଦିବସ ପାଳିତ ହୋଇଯାଇଛି । ସ୍ୱାମୀଜୀଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଯୁବଦିବସରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ରାଜନଗର ପଚାଂୟତ ସାନଓର ଗ୍ରାମ ନିକଟରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇ ରାଜନଗର ବଜାର, ତ୍ରିନାଥ ବଜାର, ସାନବଡଗୋପାଳପୁର ବଜାର ପରିକ୍ରମା କରିଥିଲା। ରାଜନଗର ଦେବୀ ମଣ୍ଡପଠାରେ ପରିଷଦର ନଗର ସଂପାଦକ ସୁକୁମାର ମାନ୍ନାଙ୍କ ସଂଯୋଜନାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତହସିଲଦାର ଯୀଶୁକ୍ରିଷ୍ଟ ଦାସ,ସମ୍ମାନୀତ ଅତିଥି ଭାବେ ବିଦ୍ୟାର୍ଥୀ ପରିଷଦର ଓଡିଶା ପୂର୍ବ ରାଜ୍ୟ ସହ ସଂପାଦିକା ତୁଳସୀ ମଲ୍ଲିକ୍, ମୁଖ୍ୟ ବକ୍ତା ଭାବେ ରାଜ୍ୟ ସଂପାଦିକା ଦିପ୍ତିମୟୀ ପ୍ରତିହାରୀ, ନଗର ସଭାନେତ୍ରୀ ଅଧ୍ୟାପିକା ତନୁଶ୍ରୀ ମିଶ୍ର ଯୋଗଦେଇଥିଲେ । ଆଜିର ଯୁବ ସମାଜ ଦେଶ ଓ ସମାଜ ପାଇଁ ସମର୍ପିତ ହେବା ସହ ରାଷ୍ଟ୍ର ଗଠନରେ ସହାୟକ ହେବା ପାଇଁ ସ୍ୱାମୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ପରିଷଦ ପକ୍ଷରୁ ପୂର୍ବରୁ କରାଯାଇଥିବା ଖେଲୋ ଭାରତ, ରାଷ୍ଟ୍ରୀୟ କଳାମଂଚ ଦ୍ୱାରା କରାଯାଇଥିବା କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସ୍ୱଚ୍ଛତା ପାଇଁ ସୁରେନ୍ଦ୍ର ମାହାରୀ, ଆଇଆଇଟିଆନ ପ୍ରିୟବ୍ରତ ପ୍ରଧାନ, ଅବସରପ୍ରାପ୍ତ ମେଜର ଗଗନବିହାରୀ ସ୍ୱାଇଁ, ପୂର୍ବତନ ଛାତ୍ର ସଂସଦ ସଭାପତି ତଥା ସାମ୍ବାଦିକ ଦୋଳଗୋବିନ୍ଦ ଜେନା, ଓଡିଶୀ ନୃତ୍ୟଶିଳ୍ପୀ ରୀତା ସେଠୀ ଓ ବିଶ୍ୱମୋହିନୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ୱଦେଶୀ ଜାଗରଣ ମଂଚ ପକ୍ଷରୁ ପ୍ରାକ୍ତନ ନଗର ସଂପାଦକ ରଶ୍ମିରଂଜନ ସେଠୀ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଉପରେ ଶପଥପାଠ କରାଇଥିଲେ । ତାଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା । ସହ ସଂପାଦକ ବିବେକାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ହିମାଂଶୁ ଓଝା, ସତ୍ୟନାରାୟଣ ସ୍ୱାଇଁ, ଚନ୍ଦନ ବାରିକ, ସୁମିତ୍ରା ଦାସ, ଶୁଭଶ୍ରୀ ବାଗ, ଅବିନାଶ କୁଣ୍ଡ, ଶୁଶୀଲ ମାଝି, ସୁରେନ୍ଦ୍ର ପରିଡା, ସିଦ୍ଧାନ୍ତ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବିଭିନ୍ନ ସ୍କୁଲ କଲେଜ୍‌ରେ ଜାତୀୟ ଯୁବ ଦିବସ

**ମାର୍ଶାଘାଇ,୧୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ସ୍ୱାଭିମାନର ପ୍ରତୀକ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ତମ ପୁଣ୍ୟ ଜୟନ୍ତୀ ଅବସରରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ଃ ଶଶୀକାନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଓ ଦର୍ଶନକୁ ନେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। +୩ ବାଳକ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବେ ଅଧ୍ୟାପକ ଦୀପକ କୁମାର ମହାନ୍ତି, କାର୍ଯ୍ୟକ୍ରମ ଅଧିକାରିଣୀ ପ୍ରଭାସିନୀ ସ୍ୱାଇଁ ମୂଲ୍ୟାଙ୍କନ କରିଥିଲାବେଳେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ରେଖା ପଣ୍ଡା, ଦୀପ୍ତିମୟୀ ପଣ୍ଡା ଏବଂ ରୂପାଲି ପଣ୍ଡାଙ୍କୁ ଅଧ୍ୟକ୍ଷ ଶ୍ରୀ ନାୟକ ପୁରସ୍କୃତ କରିଥିଲେ । ଅପର ପକ୍ଷରେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରଂ'ର ୧୫୦ତମ ପୂର୍ତ୍ତି ଅବସରରେ ଛାତ୍ରଛାତ୍ରୀ, ଅଧ୍ୟାପକ -ଅଧ୍ୟାପିକା, ଶିକ୍ଷାକର୍ମଚାରୀମାନଙ୍କୁ ନେଇ ସମୂହ ଗାନ କରାଯାଇଥିବାବେଳେ ଆତ୍ମନିର୍ଭର ଭାରତ -ସ୍ୱଦେଶୀ ଶପଥ ପାଠ କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ...

### ଜଳ ଉତ୍ସଗୁଡ଼ିକର...

ମଧୁସାଗର ଯୋର ଏବଂ ଅନ୍ୟାନ୍ୟ ବହୁ ଜଳାଶୟକୁ ପୋତି ଦିଆଯାଇଛି । ଏହି ସହରରେ ଥିବା ୨୪ ଟି ବଡ ପୋଖରୀ ମଧ୍ୟରୁ ପ୍ରାୟ ୧୮ଟି ପୋଖରୀ ଅସ୍ତିତ୍ୱ ହରାଇଥିବା କୁହାଯାଉଛି । ଅନ୍ୟ ପକ୍ଷରେ ଅତ୍ୟାଧୁନିକ ଜୀବନ ଶୈଳୀ, ରାସାୟନିକ ଦ୍ରବ୍ୟର ବହୁଳ ବ୍ୟବହାର, ପଲିଥିନ ଓ ଥର୍ମୋକୁଲର ବ୍ୟାପକ ବ୍ୟବହାର, ଯାନବାହାନ ବୃଦ୍ଧି ଓ ପଡ଼ୋଶୀ ଜିଲ୍ଲାରେ ଶିଳ୍ପାୟନ ଯୋଗୁ ବର୍ଜବସ୍ତୁ ଜଳ ଉତ୍ସକୁ ପ୍ରଦୂଷିତ କରୁଛି । ଯାହା ଆଗାମୀ ଦିନରେ କେନ୍ଦ୍ରାପଡା ସହର ସମେତ ସମଗ୍ର ଜିଲ୍ଲାବାସୀଙ୍କ ଜଳ ବ୍ୟବହାର ଉପରେ ପ୍ରଭାବ ପଡିବ । ଏଥିପାଇଁ ରାଜ୍ୟ ସରକାର ଦୃଷ୍ଟି ଦେଇ ଫଳପ୍ରଦ ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି । ଏଥିସହିତ ବୁଦ୍ଧିଜୀବିମାନେ ମଧ୍ୟ ଜିଲ୍ଲାରେ ଜଳ ଉତ୍ସ ହ୍ରାସ ଓ ଜଳ ପ୍ରଦୂଷଣ ନେଇ ଚିନ୍ତା ପ୍ରକଟ କରିଛନ୍ତି । ଅନେକଙ୍କ କହିବା କଥାଯେ, ଏହି ଜିଲ୍ଲାରେ କୌଣସି ଖଣି ଅଥବା ଶିଳ୍ପ ନାହିଁ । ତେବେ ଜିଲ୍ଲାର ସବୁ ନଦୀ ନାଳ, ଗାଡ଼ିଆ ପୋଖରୀ ପ୍ରଦୂଷିତ । ପଡୋଶୀ ଜଗତସିଂହପୁର, ଯାଜପୁର ଓ ଭଦ୍ରକ ଜିଲ୍ଲାର ଶିଳ୍ପ ଅନୁଷ୍ଠାନ ବର୍ଜ୍ୟ ପରିଚାଳନାକୁ ଗୁରୁତ୍ୱ ଦେଉନାହାଁନ୍ତି । ଶିଳ୍ପ ବର୍ଜ୍ୟ ସାମଗ୍ରୀକୁ ନଦୀ ଜଳକୁ ଛାଡୁଛନ୍ତି । ସେହିପରି କେନ୍ଦ୍ରାପଡା ଜିଲାରେ ଚିଙ୍ଗୁଡ଼ି ଚାଷ ଉପାନ୍ତ ଅଂଚଳରେ କୁଟୀର ଶିଳ୍ପ ପାଲଟିଛି । ଚିଙ୍ଗୁଡ଼ି ଘେରୀରୁ ନିର୍ଗତ ବର୍ଜ ରାସାୟନିକ ସାମଗ୍ରୀ ନାଳ ନଦୀ ମାଧ୍ୟମରେ ଛଡା ଯିବା ଫଳରେ ସମୁଦ୍ରାଂଚଳ ପ୍ରଦୂଷିତ ହେଉଛି । ପୂଜା ପାର୍ବଣ ସମୟରେ ଏକ ସ୍ୱତନ୍ତ୍ର ପୋଖରୀରେ ମୂର୍ତ୍ତି ଓ ପୂଜା ସାମଗ୍ରୀକୁ ପକାଯାଉ ନାହିଁ । ସରକାରୀ ଉଦାସୀନତା କାରଣରୁ ମୂର୍ତ୍ତି ଗଠନରେ ରାସାୟନିକ ଦ୍ରବ୍ୟ ବଦଳରେ ପରିବେଶ ଅନୁକୂଳ ଉପାଦାନକୁ ବ୍ୟବହାର କରିବାର ଆବଶ୍ୟକତା କୁ କେହି ଅନୁଭବ କରୁନଥିବା ନେଇ ସଚେତନ ମହଲରେ ମଧ୍ୟ ଉଦ୍‌ବେଗ ପ୍ରକାଶ କରାଯାଇଛି।

### ଶକ୍ତି ବିଭାଗ...

ତେବେ ଦୀନ ଦୟାଲ ଯୋଜନା, ରାଜୀବ ଜ୍ୟୋତି, ବିଜୁ ଜ୍ୟୋତି ଭଳି ଆହୁରି ଅନେକ ସରକାରୀ ଯୋଜନାରେ ଅନ୍ୟ ତିନୋଟି ଯାକ ଡିସ୍କମ କମ୍ପାନୀ ପ୍ରାୟ ପାଖାପାଖି ୩୦୦ କୋଟି ଟଙ୍କା ସାଧାରଣ ଲୋକଙ୍କ ଠାରୁ ହରିଲୁଟ୍ କରିଛନ୍ତି। ଓଇଆରସି ମଧ୍ୟ ତିନୋଟି ଯାକ ବିତରଣ କମ୍ପାନୀ ସହ ଓପିଟିସିକୁ ସମୁଦାୟ କେତେ ମିଟର ଲାଗିଛି ତଥ୍ୟ ପେଠ ପାଇଁ ତାଗିଦ କରିଥିଲେ। ହେଲେ ଫଳ ଶୂନ। ଟାଟା ପାୱାର ଠକେଇ ପାଇଁ କିଛି କାର୍ଯ୍ୟାନୁଷ୍ଠାନ ନାହିଁ। ଏଥିପାଇଁ ଶକ୍ତି ବିଭାଗ କ'ଣ କରୁଛି ? ତାଙ୍କ ବିରୁଦ୍ଧରେ କାହିଁକି ଏତଲା ଦେଇନି ? ଇଂରାଜୀରେ ବିଲ୍ ଛପି ସାଧାରଣ ଖାଉଟିଙ୍କଠୁ କୋଟି କୋଟି ଟଙ୍କା ନେବା ଭଳି ଧର୍ତ୍ତବ୍ୟ ଅପରାଧ ଫର୍ଜରୀ ପଇସା ଆଦାୟ ପାଇଁ ଟାଟା କର୍ତ୍ତୃପକ୍ଷଙ୍କୁ ଗିରଫ ସହ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଉପଭୋକ୍ତା ସଂଘ ଦାବି କରିଛି।

### ବାୟୁ ପ୍ରଦୂଷଣ...

ଯାନ ପାଶ୍ କରିଯାଉଥିବାରୁ ଓ କିଛି ଯାନ ବାହାନ ଜାଲ୍ ସାର୍ଟିଫିକେଟ ହାସଲ କରୁଥିବାରୁ ସେମାନଙ୍କୁ ଜବତ କରାଯାଇ ପାରିଲେ ବାୟୁ ପ୍ରଦୂଷଣ ସମସ୍ୟାର କିଛିଟା ସମାଧାନ ହୋଇ ପାରନ୍ତା । ଉଲ୍ଲେଖନୀୟ ଯେ ରାଜଧାନୀର ବାୟୁ ପ୍ରଦୂଷଣ ଚଳିତମାସରେ ୩୮୦ ଏକ୍ୟୁଆଇ ଛୁଇଁଥିବାବେଳେ ସ୍ଥିତିରେ ସାମାନ୍ୟ ଉନ୍ନତି ଆସିଛି । ତଥାପି ଏବେ ବି ବାୟୁର ମାନ କ୍ଷତିକାରକ ସ୍ଥିତିରେ ରହିଥିବାନେଇ ଲୋକଙ୍କୁ ସତର୍କ କରାଯାଉଛି ।

## ପୁସ୍ତକ ମେଳାର ସପ୍ତମ ସନ୍ଧ୍ୟାରେ ୫ଜଣଙ୍କୁ ଜିଲ୍ଲା ରତ୍ନସମ୍ମାନ

**କେନ୍ଦ୍ରାପଡ଼ା,୧୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସ୍ତରୀୟ କେନ୍ଦ୍ରାପଡାର ପୁସ୍ତକ ମେଳାର ସପ୍ତମ ସନ୍ଧ୍ୟା କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଏକ ସାହିତ୍ୟ ସଭା କବିତା ପାଠ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ କବି କରୁଣା କର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛ । ଏଥିରେ ମୁଖ୍ୟ ଅତିଥି ଭାବରେ ରେଭେନସା ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ନଟବର ଶତପଥୀ ଯୋଗଦାନ କରିକହିଲେ । ସାହିତିକ ମାନେ ମାଟି ମଣିଷ ହେବା ସହିତ ବିଶ୍ୱ ଭାବନା ରହିବା ଉଚିତ୍ । ଯେଉଁମାନେ ନିଜକୁ ବଡ ମନେ କରି ଅହଂକାରର ବଶବର୍ତ୍ତୀ ହୋଇ ଅନ୍ୟମାନଙ୍କୁ ହେୟ ଭାବନ୍ତି ସେମାନେ ଜାଣିପାରନ୍ତି ନାହିଁ ସମାଜ ସେମାନଙ୍କୁ କେଉଁ ନର୍କରରେ ସ୍ଥାନିତ କରିଥାଏ । ସମସ୍ତଙ୍କୁ ନେଇ ଚାଲୁଥିବା ସାହିତ୍ୟିକଟିଏ ଆଜି ନହେଲେ କାଲି ପ୍ରତିଷ୍ଠିତ ହେବ ଏହି ଅବସର ବିଭିନ୍ନ କ୍ଷେତ୍ରରେ ଜିଲ୍ଲା ପ୍ରତି ଗୌରବ ଆଣିଥିବା ୫ ଜଣଙ୍କୁ କେନ୍ଦ୍ରାପଡା ଜିଲ୍ଲା ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସର୍ବ ଭାରତୀୟ ସ୍ତରରେ ଭାରତୀୟ ଜୀବନ ବୀମା କ୍ଷେତ୍ରରେ କେନ୍ଦ୍ରାପଡା ଲାଗି ଗୌରବ ଆଣିଥିବା ଅବସର ପ୍ରାପ୍ତ ବିକାଶ ଅଧିକାରୀ ନିମାଇଁ ଚରଣ ନାୟକ, କବିତା କ୍ଷେତ୍ରରେ କବି ସୁବେଦାର ମେଜର, ଭରତ ଜେନା ନିର୍ଭୀକ ଆଉ ନିରପେକ୍ଷ ସମ୍ବାଦ ପରିବେଷଣ ଲାଗି ସାମ୍ବାଦିକ ରବିନାରାୟଣ ପତି, ଦୀର୍ଘ ୨୩ ବର୍ଷ ଧରି ରାଜ୍ୟ ସ୍ତରୀୟ ପୁସ୍ତକ ମେଳା ଡ. ବିରଜା ପ୍ରସାଦ ରାଉତରାୟଙ୍କ ପରିଚାଳନାରେ ସଭାପତି ଇଂ ଅକ୍ଷୟ କୁମାର ପାଣି ଓ ମହମ୍ମଦ ଜାହିଦ ଖାନଙ୍କ ସାଂଗଠନିକ ପାରଦର୍ଶିତା ଓ ସାମଗ୍ରିକ କୃତିଲାଗି ସେମାନଙ୍କ ସହ ସମସ୍ତ ୫ଜଣଙ୍କୁ ଫଳକ, ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ପୁସ୍ତକ ପ୍ରଦାନ କରି କେନ୍ଦ୍ରାପଡା ଜିଲ୍ଲାରତ୍ନ ସମ୍ମାନରେ ମୁଖ୍ୟ ଅତିଥି ବିଭୂଷିତ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସଭାରେ ଅତିଥି ପରିଚୟ ଶୈଳଜା ଶଙ୍କର ସାମଲ ଓ ସ୍ୱାଗତ ଭାଷଣ କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦର ସଂପାଦକ ଶୁଭାଂଶୁ କୁମାର ଦାସ ପ୍ରଦାନ କରିଥିଲେ । ଉପସଭାପତି ପ୍ରଦୀପ କୁମାର ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ପ୍ରଫେସର ଡ. ସୁରେନ୍ଦ୍ର ନାଥ ଆଚାର୍ଯ୍ୟ, ବିଶିଷ୍ଟ ଗବେଷକ ଡ. ସର୍ବେଶ୍ୱର ସେଣ ଯୋଗଦାନ କରି ବକ୍ତବ୍ୟ ଉପସ୍ଥାପନ କରିଥିଲେ । ମୁଖ୍ୟ ବକ୍ତା ଭାବରେ ଲୋକ କବି ବିଦ୍ୟାଭୂଷଣ ପୁରାଣ, ବାଚସ୍ପତି ଡ. କାଳୀପ୍ରସନ୍ନ ଶତପଥୀ ଯୋଗଦାନ କରି ପୁସ୍ତକ ମେଳାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ।

ଏହି ଅବସରରେ କବି ରାମକୃଷ୍ଣ ଦାସଙ୍କ ପରିଚାଳନାରେ ଏକ ରାଜ୍ୟ ସ୍ତରୀୟ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ କବି ଅଶୋକ ସାହୁ, ଡ. ନାରାୟଣ ପ୍ରସାଦ ଜେନା, କାକୁଲି ମଲ୍ଲିକ, ପ୍ରେମଲତା ଗିରୀ ଓ ଚାରୁଲତା ଭୂୟାଁ ସଂଯୋଜନା କରିଥିଲେ। ଏଥିରେ କବି କରୁଣା କର ଦାସଙ୍କ ପୁସ୍ତକ "ସିଦ୍ଧ ବଳଦେବ" ଡ. ସୁରେନ୍ଦ୍ର ନାଥ ଆଚାର୍ଯ୍ୟଙ୍କ ପ୍ରବନ୍ଧ ପୁସ୍ତକ ରାଧାନାଥଙ୍କ କାବ୍ୟରେ ବୈଦେଶିକ ପ୍ରଭାବ ଓ ମେଜର ଭରତ ଚନ୍ଦ୍ର ଜେନାଙ୍କ କବିତା ପୁସ୍ତକ 'ଜହ୍ନ କହୁଥିଲା' ସମେତ ତିନୋଟି ପୁସ୍ତକକୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ସମ୍ବର୍ଦ୍ଧନା ଓ ଅନ୍ୟାନ କାର୍ଯ୍ୟକୁ ପରିଚାଳନା କରିଥିଲେ। ମନୋରଞ୍ଜନ ତ୍ରିପାଠୀ, ଶ୍ରୀଧର କୁମାର ମହାନ୍ତି, ଶରତ କୁମାର ରାଉତ, ଶ୍ରୀଧର କୁମାର ଭୋଳ, ପ୍ରେମଲତା ଗିରୀ, ବିଷ୍ଣୁପ୍ରିୟା ସାମଲ, ମମତା ଶତପଥୀ ଓ ପ୍ରତିଭା ଦାସ, ଆଦିକବି ରାଉଳ ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ ନୃସିଂହ ଚରଣ ତ୍ରିପାଠୀ । ଅପରାହ୍ନରେ ବସନ୍ତ କନକ ସ୍ମୃତି ସଂସଦ ଆନୁକୂଲ୍ୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

ଶେଷରେ ପୁସ୍ତକମେଳାରେ ଭାବଗ୍ରାହୀ କଳା ନିକେତନ ଆନୁକୂଲ୍ୟରେ ଅକ୍ଷୟ ମହାନ୍ତି ସଂଙ୍ଗୀତ ପରିବେଷଣ କରାଯାଇଥିଲା । ଶ୍ରୀ ପାଣିଙ୍କ ସଭାପତିତ୍ୱରେ ଅତିଥି ଭାବେ ଆଇନଜୀବୀ ସୁଶ୍ରୀ କୁମାରୀ ନାୟକ, ସୁଶ୍ରୀ ସଙ୍ଗିତା ପରିଡା, କେମର ସମ୍ପାଦକ ଏମ୍‌ଡି ଜାହିଦ୍ ଖାନ୍, ସାଂସ୍କୃତିକ ସମ୍ପାଦକ ହିମାଂଶୁ ଦାସ, ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରତାପ କୁମାର ସ୍ୱାଇଁ, ସରୋଜକାନ୍ତ ସାହୁ, ଅମ୍ରିନ୍ ସାହାଦତ୍ ପ୍ରମୁଖ ଉପସ୍ଥିତ ରହି କେମ୍ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das    ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : Umapada Bose    ମୁଖ୍ୟ ସମ୍ପାଦକ : ଉମାପଦ ବୋଷ